ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

◆VOLUME- 43 ◆ISSUE-9 ◆BHUBANESWAR ◆THURSDAY ◆3 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୯ ◆ଭୁବନେଶ୍ୱର ◆ଗୁରୁବାର ◆୩ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




**ତୃତୀୟ ରାଉଣ୍ଡରେ ସାବାଲେଙ୍କା**

▶ପୃଷ୍ଠା ୧୨ ଦେଖନ୍ତୁ...

## ଦୁଇ ଦିନ ହେଲା ସମୂହ ଛୁଟିରେ ଓଏଏସ୍ ଅଧିକାରୀ

# ପ୍ରଶାସନ ଅଚଳ

- ପୁଣି ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲା ଓଏଏସ୍ ସଂଘ
- ମାଷ୍ଟର୍‌ମାଇଣ୍ଡ ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବି

■ **ଭୁବନେଶ୍ୱର, ୨।୭ (ସମିସ):** ଦୁଇ ଦିନ ହେଲା ସାରା ରାଜ୍ୟରେ ସୃଷ୍ଟି ହୋଇଛି ପ୍ରଶାସନିକ ଅଚଳାବସ୍ଥା । ବିଏମ୍‌ସି ଅତିରିକ୍ତ କମିଶନର ତଥା ବରିଷ୍ଠ ଓଏଏସ୍ ରତ୍ନାକର ସାହୁଙ୍କୁ ବର୍ବରୋଚିତ ମାଡ଼ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଗିରଫ ଦାବିରେ ଅଡ଼ି ବସିଛି ଓଏଏସ୍ ସଂଘ। ଓଡ଼ିଶା ପ୍ରଶାସନିକ ଅଧିକାରୀ ସଂଘର ଏହି ଦାବିକୁ ଅନ୍ୟ ସଂଘଗୁଡ଼ିକ ସମର୍ଥନ ଜଣାଇଛି। ଫଳରେ ଗତକାଲି ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ବନ୍ଦ ରହିଥିବାବେଳେ ବୁଧବାର ଦ୍ୱିତୀୟ ଦିନ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ଶାସକ ଦଳର ନେତାମାନଙ୍କ ଉତ୍ପାତ ଯୋଗୁଁ ଅସୁରକ୍ଷିତ ମଣୁଥିବା ସରକାରୀ ଅଧିକାରୀମାନେ ସୁରକ୍ଷା ସୁନିଶ୍ଚିତ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିବେ ନାହିଁ ବୋଲି ରୋକଠୋକ୍ ଜଣାଇ ଦେଇଛନ୍ତି। ରତ୍ନାକର ସାହୁଙ୍କୁ ମାଡ଼ ଘଟଣା ପରେ ଓଏଏସ୍ ସଂଘ ପକ୍ଷରୁ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଥିଲା। ଏହାପରେ ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ, ଡ଼ିଜି, ଏଜି ପ୍ରମୁଖ ସଂଘ ସହ ଆଲୋଚନା କରିଥିଲେ। ଅଭିଯୁକ୍ତମାନେ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ସଂଘ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା। ମାତ୍ର ସରକାର ତାଙ୍କ ପ୍ରତିଶ୍ରୁତି ରଖିବାରେ ବିଫଳ ହେବା ଯୋଗୁଁ ଗତ ୨ ଦିନ ହେଲା ରାଜ୍ୟ ସାରା ଓଏଏସ୍ ଅଧିକାରୀମାନେ ▶ପୃଷ୍ଠା-୭

## ହସ୍‌ପିଟାଲରେ ରତ୍ନାକର

**ଅଫିସରେ କାର୍ଯ୍ୟ କରୁଥିବାବେଳେ ଗଳିପଡ଼ିଲେ**



■ **ଭୁବନେଶ୍ୱର, ୨।୭ (ସମିସ):** ଦୁଇ ଦିନତଳେ ବିଜେପି ନେତା ଓ କର୍ମୀଙ୍କ ମରଣାନ୍ତକ ଆକ୍ରମଣ ପରେ ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ବୁଧବାର ବିଏମ୍‌ସି କାର୍ଯ୍ୟାଳୟର କାର୍ଯ୍ୟ କରୁଥିବାବେଳେ ଚୌକିରୁ ପଡ଼ିଯାଇ ଅଚେତ ହୋଇ ଯାଇଛନ୍ତି। ତୁରନ୍ତ ଅନ୍ୟ କର୍ମଚାରୀମାନେ ତାଙ୍କୁ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରିଛନ୍ତି ଓ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । ବିଜେପି କର୍ମୀ ଓ ନେତାଙ୍କ ନିସ୍ତୁକ ମାଡ଼ ପରେ ତାଙ୍କ ▶ପୃଷ୍ଠା-୭

## ଅଠାକାଠିରେ ସରକାର

**ସରକାର ନେବେ ଜଗନ୍ନାଥଙ୍କ ନିଷ୍ପତ୍ତି: ମନମୋହନ**

■ **ଭୁବନେଶ୍ୱର, ୨।୭ (ସମିସ):** ବିଜେପିର ପରାଜିତ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଓରଫ୍ ଜଗାଙ୍କ ପ୍ରସଙ୍ଗକୁ ନେଇ ଅଠାକାଠିରେ ପଡ଼ିଛନ୍ତି ରାଜ୍ୟ ସରକାର। ନିଜ ଦଳର ନେତାଙ୍କୁ ସୁରକ୍ଷା ଦେବେ ନା ପ୍ରଶାସନିକ ଅଚଳାବସ୍ଥା ଏଡ଼ାଇବାକୁ ଜଗାଙ୍କୁ ଗିରଫ କରିବେ ତାହା ନିଷ୍ପତ୍ତି ନେଇ ପାରୁନାହାନ୍ତି । ଘଟଣା ଘଟିବାର ୪୮ ଘଣ୍ଟା ବିତି ଯାଇଥିଲେ ହେଁ ଜଗାଙ୍କୁ ଗିରଫ କରାଯାଇ ନାହିଁ। ଆଜି ସନ୍ଧ୍ୟାରେ ଖାରବେଳ ନଗର ଥାନାର ସୁରକ୍ଷା ବୃଦ୍ଧି ଓ ଦଳୀୟ କାର୍ଯ୍ୟାଳୟରେ ଜଗନ୍ନାଥଙ୍କ ଉପସ୍ଥିତିକୁ ନେଇ ତାଙ୍କୁ ଗିରଫ କରାଯାଇପାରେ ବା ସେ ଆତ୍ମସମର୍ପଣ କରିପାରନ୍ତି ବୋଲି ଚର୍ଚ୍ଚା ହେଲା। ମାତ୍ର ସେପରି କିଛି ଘଟିଲା ନାହିଁ। ବୁଧବାର ସନ୍ଧ୍ୟାରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ କବାଟକିଳା ▶ପୃଷ୍ଠା-୭





**ନାକଚଣା ଦ୍ୱାରରେ ତାଳଧ୍ୱଜ, ଦର୍ପଦଳନ**

## ରୁଷିଛି ଜଗା; ଗଡ଼ିଲାନି ନନ୍ଦିଘୋଷ

**ଆଜି କାଳିଆ ରଥର ଦକ୍ଷିଣମୋଡ଼**

■ **ପୁରୀ, ୨।୭ (ସମିସ):** ପବିତ୍ର ହେରାପଞ୍ଚମୀରେ ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କୁ ଶ୍ରୀମନ୍ଦିରକୁ ଫେରାଇ ନେବାକୁ ଆସିଥିଲେ। ହେଲେ ମହାପ୍ରଭୁ ସାଥିରେ ନ ଯିବାରୁ ଅଭିମାନ କରି ଚାଲିଗଲେ ଲକ୍ଷ୍ମୀ ସାଆନ୍ତାଣୀ। ପ୍ରାଣପ୍ରିୟାଙ୍କ ମନ କଥା ଜାଣିପାରି ଏବେ ବଡ଼ଦେଉଳକୁ ଫେରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଛନ୍ତି ବିଶ୍ୱନିୟନ୍ତା। ଆସନ୍ତା ୫ ତାରିଖରେ ବାହୁଡ଼ା ଯାତ୍ରା। ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାମୂର୍ତ୍ତି। ଏଥିଲାଗି ପରମ୍ପରା ଅନୁଯାୟୀ ବୁଧବାର ତିନିରଥର ଦକ୍ଷିଣ ମୋଡ଼ କରାଯାଉଥିଲା। ଦେବୀ ସୁଭଦ୍ରାଙ୍କ ଦେବଦଳନ ଓ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣ ମୋଡ଼ ହୋଇ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ଲାଗିଛି। ହେଲେ ନୀତି ▶ପୃଷ୍ଠା-୭

## ଖଣିରେ ଅତଡ଼ା ଖସି ୩ ମୃତ




■ **ଯୋଡ଼ା, ୨।୭ (ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ବିଚାକୁଣ୍ଡି, ଦଲପାହାଡ଼ ନିକଟ ବୈତରଣୀ ସଂରକ୍ଷିତ ଜଙ୍ଗଲରେ ଅଭାବନୀୟ ଘଟଣା ଘଟିଯାଇଛି। ଅପରାହ୍ଣ ସମୟରେ ଏକ ବେଆଇନ ମାଙ୍ଗାନିଜ ଖଣିରେ କାମ କରୁଥିବା ବେଳେ ତିନିଜଣ ନିରୀହ ଶ୍ରମିକ ମାଟି ଅତଡ଼ା ଖସିବାରୁ ପ୍ରାଣ ହରାଇଛନ୍ତି। ପ୍ରବଳ ବର୍ଷାରେ ମାଟି ଅତଡ଼ା ଖସି ପଡ଼ିବା ଫଳରେ ସେମାନେ ଚାପିହୋଇ ରହିଯାଇଥିଲେ। ମୃତ ଶ୍ରମିକମାନେ ହେଲେ ଯୋଡ଼ା ଥାନା ବିଚାକୁଣ୍ଡି ମୁଣ୍ଡା ବସ୍ତିର ସନ୍ଦୀପ ପୂର୍ତ୍ତି (୩୨), ଗୁରୁ ଚାମ୍ପିଆ (୧୯) ଓ କାଣ୍ଡେ ମୁଣ୍ଡା (୧୮)। ବନ ବିଭାଗ, ପୁଲିସ୍ ଏବଂ ଅଗ୍ନିଶମ ବିଭାଗ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାମ ଆରମ୍ଭ ହୋଇଥିଲା। ଘଞ୍ଚ ଜଙ୍ଗଲ ଭିତରେ ପାଦରେ ଚାଲି ଯିବାକୁ ପଡୁଥିବାରୁ ପ୍ରାୟ ୬ ଘଣ୍ଟାର କଠିନ ପରିଶ୍ରମ ପରେ ଉଦ୍ଧାର କାର୍ଯ୍ୟ ଶେଷ ହୋଇଥିଲା। ୩ଟି ମୃତଦେହକୁ ଅତଡ଼ା ଭିତରୁ ବାହାର କରାଯାଇ ବୁଧବାର ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଯୋଡ଼ା ପୁଲିସ ଘଟଣାର ତଦନ୍ତ ଜାରି ▶ପୃଷ୍ଠା-୭





| କିଲୋୱାଟ | କେନ୍ଦ୍ର ସରକାରଙ୍କ ସବସିଡି | ରାଜ୍ୟ ସରକାରଙ୍କ ସବସିଡି | ସମୁଦାୟ ସବସିଡି |
|---|---|---|---|
| ୧ | ୩୦,୦୦୦.୦୦ ଟଙ୍କା | ୨୫,୦୦୦.୦୦ ଟଙ୍କା | ୫୫,୦୦୦.୦୦ ଟଙ୍କା |
| ୨ | ୬୦,୦୦୦.୦୦ ଟଙ୍କା | ୫୦,୦୦୦.୦୦ ଟଙ୍କା | ୧୧୦,୦୦୦.୦୦ ଟଙ୍କା |
| ୩ | ୭୮,୦୦୦.୦୦ ଟଙ୍କା | ୬୦,୦୦୦.୦୦ ଟଙ୍କା | ୧୩୮ ,୦୦୦.୦୦ ଟଙ୍କା |





## 'ମାଇସା'ର ପୋଷ୍ଟର୍ ରିଲିଜ୍
# ରକ୍ତମୁଖା ରଶ୍ମିକା





ଅଭିନେତ୍ରୀ ରଶ୍ମିକା ମନ୍ଦାନା ଖୁବ୍‌ଶୀଘ୍ର ରବୀନ୍ଦ୍ର ପୁଲେଙ୍କ ଚଳଚ୍ଚିତ୍ର 'ମାଇସା'ରେ ଦେଖାଯିବେ । ନିକଟରେ ଖୋଦ୍ ରଶ୍ମିକା ସାମାଜିକ ଗଣମାଧ୍ୟମରେ ଏହାର ପୋଷ୍ଟର୍ ସେୟାର୍ କରିଛନ୍ତି । ପୋଷ୍ଟର୍‌ରେ ରଶ୍ମିକା ବେଶ୍ ଉଗ୍ର ରୂପରେ ନଜର ଆସିଛନ୍ତି । ଏଥିରେ ତାଙ୍କ ଅଧା ଚେହେରା ଢାଙ୍କି ହୋଇ ରହିବା ସହ ମୁହଁରେ ରକ୍ତ ଛିଟା ଲାଗିଥିବାର ଦେଖାଯାଇଛି । ସେ ଲାଲ୍ ରଙ୍ଗର ଶାଢ଼ି ସହ ଆଦିବାସୀମାନଙ୍କର ପାରମ୍ପରିକ ଆଭୂଷଣ ପିନ୍ଧିଥିବାର ଦେଖାଯାଇଥିଲେ । ରଶ୍ମିକା ଏହି ପୋଷ୍ଟର୍ ସେୟାର୍ କରି ଲେଖିଛନ୍ତି- ମୁଁ ସବୁବେଳେ ଆପଣଙ୍କୁ କିଛି ନୂଆ...କିଛି ଅଲଗା...କିଛି ରୋମାଞ୍ଚକର ଅନୁଭୁତି ଦେବାକୁ ଚେଷ୍ଟା କରେ । ଏହା ତନ୍ମଧ୍ୟରୁ ଗୋଟିଏ । ଏହା ଏମିତି ଏକ ଚରିତ୍ର ଯାହା ମୁଁ ପୂର୍ବରୁ କେବେ କରି ନ ଥିଲି । ଏହା ଏପରି ଏକ ଦୁନିଆ ଯେଉଁଥିରେ ମୁଁ କେବେ ପାଦ ରଖି ନ ଥିଲି । ଏହା ଭୟଙ୍କର ବହୁତ ଗମ୍ଭୀର ମଧ୍ୟ । ଫିଲ୍ମଟିକୁ ନେଇ ମୁଁ ବହୁତ ଉତ୍ସାହିତ ଅଛି । ଆମେ କ'ଣ ତିଆରି କରିବାକୁ ଯାଉଛୁ, ଆପଣମାନେ ଦେଖନ୍ତୁ । ଏହା ଆରମ୍ଭ ମାତ୍ର # ମାଇସା ।'


ନିକଟରେ ରଶ୍ମିକାଙ୍କ ଅଭିନୀତ 'କୁବେର' ମୁକ୍ତିଲାଭ କରିଛି । ଏଥିରେ ତାଙ୍କ ବିପକ୍ଷରେ ଧନୁଷ ଦେଖାଯାଇଛନ୍ତି । ସେହିଭଳି ସେ ଆଗାମୀ ଦିନଗୁଡ଼ିକରେ ତେଲୁଗୁ ଫିଲ୍ମ 'ଦ ଗର୍ଲଫ୍ରେଣ୍ଡ' ଓ ସଞ୍ଜୟ ଦତ୍ତ, ଆୟୁଷ୍ମାନ୍ ଖୁରାନାଙ୍କ ସହ 'ଥାମା'ରେ ଦେଖାଯିବେ ।

# ଗୁମ୍ଫାରେ ୪ ବର୍ଷ

ଚୀନ୍‌ର ୩୫ ବର୍ଷୀୟ ମୀନ ହେଙ୍ଗକୋଇ ବିବାହ ଏବଂ ଚାକିରି ଚିନ୍ତାଧାରାକୁ ନିରର୍ଥକ ବୋଲି ମାନନ୍ତି । ତେଣୁ ସେ ସବୁ କିଛି ତ୍ୟାଗ କରି ଚାରି ବର୍ଷ ହେଲାଣି ଗୋଟିଏ ଗୁମ୍ଫାରେ ରହି ଆସୁଛନ୍ତି । ଦକ୍ଷିଣ-ପଶ୍ଚିମ ଚୀନ୍‌ର ସିଚୁଆନ ଇଲାକାର ଏକ ଗୁମ୍ଫାରେ ସେ ରହୁଛନ୍ତି । ମୀନ ଏହି ଗୁମ୍ଫାର ନାଁ ରଖିଛନ୍ତି 'ବ୍ଲାକ୍‌ହୋଲ୍' । ୨୦୨୧ ମସିହାରେ ସେ ଡ୍ରାଇଭର ଚାକିରି ଛାଡ଼ିଲେ । ଏ ଲାଗି ତାଙ୍କୁ ୧୪୦୦ ଡଲାର ଦରମା ମିଳୁଥିଲା । ତେବେ ସେ ସହରର ବ୍ୟସ୍ତତାପୂର୍ଣ୍ଣ ଜୀବନରୁ ବାହାରି ନିଜ ଗାଁକୁ ଆସିଲେ । ଏଠାରେ ଗୋଟିଏ ଗୁମ୍ଫାରେ ରହିଲେ । ଚାକିରି ତାଙ୍କୁ ନିରର୍ଥକ ମନେ ହୁଏ । ଏହାପୂର୍ବରୁ ସେ ସମ୍ପର୍କୀୟଙ୍କ ଠାରୁ ଧାର ସୂତ୍ରରେ ଆଣିଥିବା ଟଙ୍କାକୁ ଶୁଝିବା ଲାଗି ଦିନକୁ ୧୦ ଘଣ୍ଟା କାମ କରୁଥିଲେ । ଏବେ ବି ଋଣ ବାବଦକୁ ତାଙ୍କର ୪୨ ହଜାର ଡଲାର ବାକି ଅଛି । ଋଣ ଶୁଝିବା ଆଶା ଏବେ ସେ ଛାଡ଼ି ଦେଇଛନ୍ତି । ସେ କହନ୍ତି, ତାଙ୍କ ସମ୍ପର୍କୀୟମାନେ ତାଙ୍କ ସମ୍ପତ୍ତି ବିକ୍ରି କରି ଦେଇଛନ୍ତି । ନଚେତ୍ ସେ ଏହା ମାଧ୍ୟମରେ ଋଣ ଟଙ୍କା ସୁଝି ଦେଇଥାନ୍ତେ । ସେହିପରି ୫୦ ବର୍ଗ ମିଟର ସ୍ଥାନରେ ସେ ନିଜର ଗୁମ୍ଫା ତିଆରି କରିଛନ୍ତି । ଏ ଲାଗି ୬ ହଜାର ଡଲାର ଖର୍ଚ୍ଚ କରିଛନ୍ତି । ସେ ସବୁଦିନ ସକାଳ ୮ ଟାରେ ଉଠନ୍ତି । ଦିନ ତମାମ ପଢ଼ାପଢ଼ି, ବୁଲାବୁଲି ଏବଂ କ୍ଷେତରେ କାମ କରିବାରେ ସେ ସମୟ ଅତିବାହିତ କରନ୍ତି । ସେ ରାତି ୧୦ଟା ସୁଦ୍ଧା ଶୋଇଯାନ୍ତି । ମୀନ ମୁଖ୍ୟତଃ ନିଜେ ଚାଷ କରୁଥିବା ପନିପରିବା ଖାଆନ୍ତି । ଅତି ଆବଶ୍ୟକ ପଡ଼ିଲେ ସେ ଟଙ୍କା ଖର୍ଚ୍ଚ କରୁଥିବା କହନ୍ତି । ସହରରେ କାମ କରିବା ବେଳେ ସେ ଏଭଳି ବଞ୍ଚିବା ପାଇଁ ସ୍ୱପ୍ନ ଦେଖିଥିଲେ । ତେବେ ସେ ବିବାହ କରିବାକୁ ମନା କରିଛନ୍ତି । କାରଣ ଏହାଦ୍ୱାରା ଅଯଥା ସମୟ ଓ ଟଙ୍କା ନଷ୍ଟ ହେଉଥିବା ସେ କୁହନ୍ତି । ତେବେ ସାମାଜିକ ଗଣମାଧ୍ୟମରେ ତାଙ୍କର ଏହି କଥା ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଲୋକେ ଏହାକୁ ନେଇ ଭିନ୍ନ ଭିନ୍ନ ମତ ରଖିଛନ୍ତି ।



# ନଖରେ ହେଉଛି ପେମେଣ୍ଟ!



ସାମାଜିକ ଗଣମାଧ୍ୟମରେ ଏବେ ଏକ ଭିଡିଓ ଭାଇରାଲ ହେଉଛି । ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଏଥିରେ ଦେଖିବାକୁ ମିଳିଛି ଯେ, ଜଣେ ମହିଳା ନଖରେ ଲାଗିଥିବା କୌଣସି ଚିପ୍ ମାଧ୍ୟମରେ ପେମେଣ୍ଟ କରୁଛନ୍ତି । ଏହାକୁ ଦେଖି କାର୍ଡ ଏବଂ ମୋବାଇଲର ଆବଶ୍ୟକତା ଶେଷ ହୋଇଥିବା ଲୋକେ ପ୍ରଶ୍ନ କରିଛନ୍ତି । ତେବେ ମହିଳା ଜଣକ ଯେଉଁ ଚିପ୍‌କୁ ନଖରେ ଲଗାଇଛନ୍ତି, ତାହା ଦେଖିବାକୁ ଏକ କ୍ଷୁଦ୍ରାକାର ଇଲେକଟ୍ରୋନିକ୍ ଡିଭାଇସ୍ । ଦେଖିବାକୁ ଯଦିଓ ଏହା ହାଇଟେକ୍ ଲାଗୁଛି, ସତରେ ଏହା କାମ କରୁଛି କି ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରକୃତରେ କୌଣସି ଚିପ୍ ମେସିନ୍ କିମ୍ବା ଡିଭାଇସ୍ ସଂସ୍ପର୍ଶରେ ଆସିଲେ ହିଁ କାମ କରିଥାଏ । ଆଜିକାଲି ସ୍ମାର୍ଟ କାର୍ଡ ଏବଂ ମୋବାଇଲ ପେମେଣ୍ଟରେ ଏନ୍‌ଏଫ୍‌ସି (ନିୟର୍ ଫିଲ୍ଡ କମ୍ୟୁନିକେସନ) ଟେକ୍ନିକ୍‌ର ବ୍ୟବହାର ହେଉଛି । ଏହା ହେଉଛି ଏକ ୱେୟାରଲେସ୍ ଟେକ୍ନିକ୍ । ଯାହାକି ଦୁଇଟି ଡିଭାଇସ୍‌କୁ ନିକଟତର କରି ଡାଟା ସେୟାର୍ କରିବା ସୁବିଧା ପ୍ରଦାନ କରେ । କୁହାଯାଉଛି ଯଦି ଏହି ଚିପ୍‌ରେ ଏନ୍‌ଏଫ୍‌ସି ଫିଚର ଥାଏ ଏବଂ ସକ୍ରିୟ ସ୍ଥିତିରେ ଥିବ, ତେବେ ସୀମିତ ପରିସର ମଧ୍ୟରେ ପେମେଣ୍ଟ ସମ୍ଭବ ହୋଇପାରିବ । ହେଲେ ଏହି ଭିଡିଓଟିକୁ ଧ୍ୟାନରେ ଦେଖିଲେ, ଚିପ୍‌ରେ କୌଣସି ଆକ୍ରିଲିକ୍ କୋଟିଂ କରାଯାଇଥିବା ଦେଖିବାକୁ ମିଳିଛି । ତେବେ ଏଥିରେ କୋଟିଂ ଥିଲେ, ଏହା ସହଜରେ କୌଣସି ସ୍କାନର କିମ୍ବା ଏନ୍‌ଏଫ୍‌ସି ରିଡର ସଂସ୍ପର୍ଶରେ ଆସିପାରିବ ନାହିଁ । ଏହାବାଦ୍ ପେମେଣ୍ଟ ବି ବାର୍‌କୋଡ୍ ସ୍କାନର ମାଧ୍ୟମରେ ହେଉଛି । ଏଣୁ ଏଥିରୁ ସ୍ପଷ୍ଟ ହେଉଛି ଯେ, ମହିଳା ଜଣକ ନଖରେ ନୁହେଁ, ବରଂ କୌଣସି କ୍ୟୁଆର୍ କୋଡ୍ କିମ୍ବା ଆପ୍ ଦ୍ୱାରା ପେମେଣ୍ଟ କରିଛନ୍ତି ।

# ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ

ପ୍ରତିବର୍ଷ ଜୁଲାଇ ୩ ତାରିଖକୁ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ ଭାବେ ପାଳନ କରାଯାଏ । ଏହି ଦିନ ପ୍ଲାଷ୍ଟିକ୍‌ର ବ୍ୟବହାର ଏବଂ ଏହାର କ୍ଷତି ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଏ । ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ୍ ନଷ୍ଟ ହେବାକୁ ୧୦୦ରୁ ୫୦୦ ବର୍ଷ ସମୟ ଲାଗିଥାଏ । ପରିବେଶକୁ କ୍ଷତି ପହଞ୍ଚାଉଥିବା ଏହି ପ୍ଲାଷ୍ଟିକ୍ ବ୍ୟାଗ୍ ଉପରେ କଟକଣା ଲଗାଯିବା ସହ ଏହାର ବିକଳ୍ପ ବ୍ୟବସ୍ଥା ବାହାର କରାଯିବା ଜରୁରି ହୋଇପଡ଼ିଛି । ପ୍ରଥମ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ ୩ ଜୁଲାଇ, ୨୦୦୮ ରେ ପାଳନ କରାଯାଇଥିଲା । ଏହାକୁ ଜିରୋ ୱେଷ୍ଟ ୟୁରୋପର ସଦସ୍ୟ ରେଜୋରା ଆରମ୍ଭ କରିଥିଲେ । ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ଉପରେ କଟକଣା ଲଗାଇବାକୁ ଏହି ଦିବସର ଆରମ୍ଭ କରାଯାଇଥିଲା । ଅଧିକାଂଶ ପ୍ଲାଷ୍ଟିକ୍ ବ୍ୟାଗ୍ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ରୁ ତିଆରି ହୋଇଥାଏ । ଯାହାକି ମଣିଷ ସହିତ ପଶୁପକ୍ଷୀଙ୍କ ପାଇଁ କ୍ଷତିକାରକ ହୋଇଥାଏ । ପ୍ଲାଷ୍ଟିକ୍ କାରଣରୁ ହେଉଥିବା ପ୍ରଦୂଷଣ ପାଇଁ ପ୍ଲାଷ୍ଟିକ୍ ବ୍ୟାଗ୍ ହିଁ ଅଧିକ ପରିମାଣରେ ଦାୟୀ । ଏହା ଆମ ପରିବେଶକୁ ଅନେକ ଉପାୟରେ କ୍ଷତି କରୁଛି । ଏହା ବ୍ୟତୀତ, ଏହା ସମୁଦ୍ରରେ ବାସ କରୁଥିବା ଜୀବମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିଥାଏ । ଏଭଳି ପରିସ୍ଥିତିରେ, ଏହି ଦିନର ମହତ୍ତ୍ୱ ବୁଝିବା ଜରୁରୀ । ଏହି ଦିନ ପ୍ଲାଷ୍ଟିକ ପରିବର୍ତ୍ତେ କପଡ଼ା, କାଗଜ, ଝୋଟରେ ପ୍ରସ୍ତୁତ ବ୍ୟାଗ୍ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରାଯାଏ ।




## ଆଜିର ଇତିହାସ

- ୧୭୬୦- ମରାଠା ସେନା ଦିଲ୍ଲୀ ଉପରେ କବ୍‌ଜା କଲେ ।
- ୧୭୭୮ - ଆର୍ଜେଣ୍ଟିନା ବିରୋଧରେ ପର୍ସିଆର ଯୁଦ୍ଧ ଘୋଷଣା ।
- ୧୯୦୮ - ବ୍ରିଟିଶ ସରକାର ବାଲ ଗଙ୍ଗାଧର ତିଲକଙ୍କୁ ଗିରଫ କଲେ ।
- ୧୯୨୮ - ଲଣ୍ଡନରେ ପ୍ରଥମ ଥର ରଙ୍ଗୀନ୍ ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସାରଣ କରାଗଲା ।
- ୧୯୭୨- ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀର ସମ୍ବନ୍ଧୀୟ ନିରସ୍ତ୍ର ଚୁକ୍ତି ସ୍ୱାକ୍ଷର ।
- ୨୦୧୨- ଇରାକ୍‌ରେ ବୋମା ବିସ୍ଫୋରଣ ଯୋଗୁଁ ୨୫ ଜଣଙ୍କ ମୃତ୍ୟୁ ଓ ୪୦ ଆହତ ।


# ଜଳ ସଞ୍ଚୟର ଅଜବ ଉପାୟ

ସାମାଜିକ ଗଣମାଧ୍ୟମରେ ଜଣେ ମହିଳା ଘରେ ଜଳ ସଞ୍ଚୟର ଏକ ଭିଡିଓ ସେୟାର୍ କରିଛନ୍ତି । ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ମହିଳାଙ୍କ ପୂରା ପରିବାର ସପ୍ତାହେ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ଥିବା ପାଣିରେ ହାତ ଧୁଅନ୍ତି । ମହିଳାଙ୍କ ମତରେ ପାଣିରେ ସାବୁନ କଣିକା ଥିଲେ ଏବଂ ଏହା ଘନ ହୋଇ ନ ଥିଲେ , ସେହି ପାଣିକୁ ବାରମ୍ବାର ବ୍ୟବହାର କରାଯାଇପାରିବ । ଏହି ପରିବାର ଗୋଟିଏ ବେସିନ୍‌ରେ ପାଣି ରଖନ୍ତି । ଏହି ପାଣିରେ ପରିବାରର ସମସ୍ତ ସଦସ୍ୟ ଓ ଅତିଥି ହାତ ଧୋଇଥାନ୍ତି । ତେବେ ପାଣି ଅପରିଷ୍କାର ଓ ଦୁର୍ଗନ୍ଧ ନ ହେବା ପର୍ଯ୍ୟନ୍ତ ଏହାକୁ ବଦଳା ଯାଇ ନ ଥାଏ । ଉକ୍ତ ପରିବାରର କହିବା କଥା ପ୍ରତିଥର ଭଲ ପାଣିରେ ହାତ ଧୋଇବା ହେଉଛି ଅନାବଶ୍ୟକ ଖର୍ଚ୍ଚ । ତାଙ୍କ ମତରେ ସାବୁନ ଯୁକ୍ତ ପାଣିରେ ଜୀବାଣୁ ମାରିବା କ୍ଷମତା ଅଛି । ଏହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଜଳ ସଞ୍ଚୟ ହୋଇଥାଏ । ସେହିପରି ଏହା ଯୋଗୁଁ ତାଙ୍କ ପାଣି ବିଲ୍ କମ୍ ଆସିଥାଏ । ଏହି ବେସିନ୍‌କୁ ସେମାନେ ରୋଷେଇ ଘରେ ରଖିଛନ୍ତି । ଏଥିରେ ସମସ୍ତ ଲୋକ ହାତ ଧୁଅନ୍ତି । ଏହା ପରିବେଶ ପାଇଁ ଲାଭଦାୟକ ହୋଇଥାଏ ବୋଲି ପରିବାରର ସଦସ୍ୟମାନେ କୁହନ୍ତି । ତେବେ ଲୋକେ ସମ୍ପୃକ୍ତ ପରିବାରର ଏହି ଅଭ୍ୟାସକୁ ଅପରିଷ୍କାର ବୋଲି କହିଛନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏହି ଉପାୟକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ସପ୍ତାହେ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଥିବାକୁ ଜଳକୁ ବ୍ୟବହାର କରିବା ଦ୍ୱାରା



ଏଥିରୁ ଜୀବାଣୁ ଏବଂ କବକ ସଂକ୍ରମଣ ହୋଇପାରେ । ସାବୁନ କଣିକା ଜୀବାଣୁକୁ ନଷ୍ଟ କରିଲେ ବି ବାରମ୍ବାର ଏହାକୁ ବ୍ୟବହାର କରାଯାଉଥିବାରୁ ଏହା ସେମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ହାତ ଧୋଇବା ପାଇଁ ସବୁବେଳେ ପରିଷ୍କାର ପାଣିର ବ୍ୟବହାର କରିବା ଉଚିତ ।

# ଘାତକ ପାଲଟିଲା ପ୍ରସାଧନ ସାମଗ୍ରୀ



କେହି କେବେ ଲିପ୍‌ଷ୍ଟିକ୍, ବ୍ଲଶର୍ ଭଳି ପ୍ରସାଧନ ସାମଗ୍ରୀ ଖାଉ ନ ଥିବେ । ହେଲେ ତାଇୱାନର ଜଣେ ୨୪ ବର୍ଷୀୟା ଇନ୍‌ଫ୍ଲୁଏନସର୍ ଏସବୁ ଖାଇବା ଲାଗି ଚର୍ଚ୍ଚିତ ଥିଲେ । ସେ ସାମାଜିକ ଗଣମାଧ୍ୟମରେ ଗୁଆବା ବିୟୁଟି ନାଁରେ ପରିଚିତ ଥିଲେ । ସେ ତାଙ୍କ ସୌନ୍ଦର୍ଯ୍ୟ, ମଧୁର ସ୍ୱର, ଏବଂ କସମେଟିକ୍ ଜିନିଷ ଖାଇବା ପାଇଁ ବେଶ୍ ଚର୍ଚ୍ଚିତ ଥିଲେ । ହେଲେ ଏହି ସଉକ ତାଙ୍କ ପାଇଁ ଏବେ କାଳ ପାଲଟିଛି । ଅଚାନକ ଏଥିଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି । ଫଳରେ ତାଙ୍କ ପ୍ରଶଂସକ ସମ୍ପୃକ୍ତ ଇନ୍‌ଫ୍ଲୁଏନସର୍‌ଙ୍କ ମୃତ୍ୟୁର କାରଣ କିଭଳି ହେଲା ଜାଣିବାକୁ ଚାହିଁଛନ୍ତି । କୌଣସି ବିଷାକ୍ତ କସ୍‌ମେଟିକ୍ ଜିନିଷ ଖାଇ ତାଙ୍କର ମୃତ୍ୟୁ ହୋଇଛି ବୋଲି କୁହାଯାଉଛି । ସେହିଭଳି ଆଉ କିଛି ଜଣ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା କହୁଛନ୍ତି । ସେ ତାଙ୍କର ପ୍ରତ୍ୟେକ ଭିଡିଓରେ ଲିପଷ୍ଟିକ୍, ବ୍ଲଶର୍, ଫେସ୍ ମାସ୍କ ଏବଂ କଟନ୍ ପ୍ୟାଡ୍ ଭଳି ସୌନ୍ଦର୍ଯ୍ୟ ଉତ୍ପାଦକୁ ଖାଇବା ସହ ଏହାର ସ୍ୱାଦ କିପରି ଲାଗୁଛି ସେସମ୍ପର୍କରେ ତାଙ୍କର ଅନୁଗାମୀମାନଙ୍କୁ କହୁଥିଲେ ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ନିଜକୁ କମଜୋର ଭାବନ୍ତୁ ନାହିଁ । ମହିଳାମାନେ ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡିବେ । ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ । ଆୟ ଓ ବ୍ୟୟ ସମାନ ରହିବ ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ଧନପ୍ରାପ୍ତି ଯୋଗ ରହିଛି । କିଣା-ବିକାରେ ସମୟ ବିତିବ । ବୈବାହିକ ଜୀବନ ସୁଖମୟ ହେବ । ଉଧାର ଟଙ୍କା ଫେରି ପାଇବେ ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । ଚକ୍ଷୁ ସମସ୍ୟା ଭୋଗି ପାରନ୍ତି ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

## ଭାଙ୍ଗିଲା ସାଳନ୍ଦୀ ନଦୀବନ୍ଧ

# ଗାଁରେ ପଶିଲା ବନ୍ୟା ପାଣି



ଭଦ୍ରକ,୨।୭(ସମିସ): ଲଗାଣ ବର୍ଷା ପାଇଁ ଭାଙ୍ଗିଲା ସାଳନ୍ଦୀ ନଦୀବନ୍ଧ। ଭଦ୍ରକ ପୌର ପରିଷଦର ୨୯ ନମ୍ବର ୱାର୍ଡ ଦୁର୍ଗାପୁରଠାରେ ସାଳନ୍ଦୀ ନଦୀରେ ବନ୍ଧ ଭାଙ୍ଗି ଯାଇଥିବା ଜଣାପଡିଛି। ଫଳରେ ବନ୍ୟା ପାଣି ଆଖପାଖ ଗାଁ ଭିତରରେ ପ୍ରବେଶ କରିଛି। ସାଳନ୍ଦୀ ଜଳସେଚନ ବିଭାଗ ଯନ୍ତ୍ରୀ ଓ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିଛନ୍ତି। ବାଲି ପକାଇ ବନ୍ଧକୁ ମରାମତି କରାଯିବ ବୋଲି ସୂଚନା ମିଳିଛି।ବିଶେଷ କରି ୨୯ ନମ୍ବର ଓ ୩୦ନମ୍ବର ୱାର୍ଡ ସମେତ ଖଣ୍ଡତଡା ପଞ୍ଚାୟତର ବହୁ ଗାଁ ଏବେ ଜଳବନ୍ଦୀ ହୋଇଛି। ଅନେକ ଲୋକଙ୍କ ଘରେ ପାଣି ପଶି ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ପ୍ରଶାସନ ପକ୍ଷରୁ ଏନେଇ କିଛି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ବିପନ୍ନ ପରିବର। ଅନ୍ୟପକ୍ଷରେ ସାଳନ୍ଦୀ ନଦୀର ସହିଦାବାଦ ସ୍ଥିତ ବନ୍ଧରେ ଦଳ ଭର୍ତ୍ତି ହୋଇରହିଛି। ଫଳରେ ଏହି ନଦୀବନ୍ଧଟି ଭାଙ୍ଗିବାର ଆଶଙ୍କା ସୃଷ୍ଟି କରିଛି। ସାଳନ୍ଦୀ ଜଳ ସେଚନ ବିଭାଗ ପକ୍ଷରୁ ନଦୀରୁ ଦଳ ସଫା କରା ନ ଯିବାରୁ ସ୍ୱାଭାବିକ ଭାବେ ଜଳ ନିଷ୍କାସନ ହୋଇପାରୁନାହିଁ।

## ବୈତରଣୀ ନଦୀରେ ବୃଦ୍ଧ ନିଖୋଜ



ଦଶରଥପୁର,୨।୭(ସମିସ): ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ନଦୀରେ ବନ୍ୟା ଭଳି ସ୍ଥିତି ଉପୁଜିଥିବା ବେଳେ ବ୍ଲକ ଅନ୍ତର୍ଗତ ସୁନ୍ଦରାଇମୁହଁ ନଦୀ ଘାଟକୁ ଗାଧୋଇବାକୁ ଯାଇଥିବା ବିରଜାପୁର ପଞ୍ଚାୟତ ବାମଦେବପୁର ଅଞ୍ଚଳର ବିଦ୍ୟାଧର ଦାସ (୬୫) ନିଖୋଜ ଥିବା ଜଣାପଡିଛି। ବିଦ୍ୟାଧର ବୁଧବାର ସକାଳ ପ୍ରାୟ ୮ ଘଟିକା ସମୟରେ ବୈତରଣୀ ନଦୀ ସୁନ୍ଦରାଇମୁଁହ ଘାଟକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଘାଟ ନିକଟରେ ପହଞ୍ଚି ସେ ବ୍ୟବହାର କରୁଥିବା ଗାମୁଛା ନଦୀକୂଳ ତୁଠ ପାଖରେ ଥିବା ଦେଖି ବିଦ୍ୟାଧର ନଦୀରେ ଭାସି ନିଖୋଜ ଥିବା ଆଶଙ୍କା କରି ଯାଜପୁର ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ଘାଟ ନିକଟରେ ପହଞ୍ଚି ନିଖୋଜଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଥିଲେ। ତେବେ ସନ୍ଧ୍ୟା ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିପାରିନଥିଲା। ଅପରପକ୍ଷେ ଦୀର୍ଘ ଦିନ ହେବ ଏହି ନଦୀ ଘାଟରୁ ବାଲି ମାଫିଆ ବେଆଇନ ଭାବେ ବାଲି ଖନନ କରି ଦ୍ୱାରା ଘାଟ ଅସୁରକ୍ଷିତ ହୋଇପଡ଼ିଛି। ତେଣୁ ଜଣେ ନିରୀହ ବ୍ୟକ୍ତିଙ୍କ ଜୀବନହାନି ହୋଇଥିବା ଅଭିଯୋଗ କରି ଘାଟ ପରିସରକୁ ପ୍ରଶାସନ ନିଷିଦ୍ଧାଞ୍ଚଳ ଘୋଷଣା କରିବା ଦାବିରେ ସ୍ଥାନୀୟ ଲୋକେ ହୋହାଲ୍ଲା କରିଥିଲେ। ଫଳରେ ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଡିଏସ୍‌ପି ଶରତ ପାତ୍ର, ରାମବାଗ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ତନ୍ମୟା ମିଶ୍ର, ବିରଜାପୁର ସରପଞ୍ଚ ନିରାକାର ସାହୁ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ବୁଝାସୁଝା କରି ଘାଟ ପରିସର ସୁରକ୍ଷିତ ନିମନ୍ତେ ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଥମିଥିଲା।

## ଲଘୁଚାପ ସକ୍ରିୟ

## ୫ରୁ ପୁଣି ବଢ଼ିବ ବର୍ଷା

ଭୁବନେଶ୍ୱର,୨।୭(ସମିସ): ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ବର୍ତ୍ତମାନ ଦକ୍ଷିଣ ଛତିଶଗଡ଼ ଓ ଆଖପାଖ ଅଞ୍ଚଳରେ ଘୂର୍ଣ୍ଣିବଳୟ ଅବସ୍ଥାରେ ରହିଛି। ଏହା ବର୍ତ୍ତମାନ ଦକ୍ଷିଣ ଆଡ଼କୁ ଦିଗ ପରିବର୍ତ୍ତନ କରୁଛି। ଏଭଳି ସ୍ଥିତିରେ ମୌସୁମୀ ସକ୍ରିୟ ରହିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଏହି ସ୍ଥିତି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଯଦିଓ ୩ ଓ ୪ ତାରିଖ ବର୍ଷାର ପରିମାଣ ସାମାନ୍ୟ କମିବ, ମାତ୍ର ୫ ତାରିଖରୁ ପୁଣି ଥରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି।

ବିଶେଷକରି ଉତ୍ତର ଓଡ଼ିଶାରେ ଅଧିକ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଆସନ୍ତା ୪ ତାରିଖ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଏହା ପ୍ରଭାବରେ ବର୍ଷାର ପ୍ରଭାବ ବଢ଼ିପାରେ। ଆସନ୍ତକାଲି ସୋନପୁର, ବରଗଡ଼, ବଲାଙ୍ଗିର, ବୌଦ୍ଧ ଓ ନୂଆପଡ଼ାରେ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନାରୁ ଜଣାପଡ଼ିଛି।

# ବିଜେପି ନେତାଙ୍କୁ ବଟି ନ ଦେବାରୁ ରାସ୍ତା କାମ ବନ୍ଦ

- ଆଗେଇ ପାରୁନି ୨୦ ନଂ ଜାତୀୟ ରାଜପଥ କାମ
- ରାସ୍ତା କଡ଼ରେ ଛିଡ଼ା ହୋଇଛି ୧୫୦ ଟ୍ରକ୍
- ସଦର ଥାନାରେ ଏତଲା ପରେ ମାମଲା ହୋଇନି ପଞ୍ଜୀକରଣ

ଯାଜପୁର ଟାଉନ,୨।୭(ସମିସ): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ତୃଣମୁଳ ସ୍ତରରେ ବିଜେପି ନେତା ଓ କର୍ମୀଙ୍କ କାରନାମା ବଢ଼ି ବଢ଼ି ଚାଲିଛି। ସରକାରୀ ଅଫିସରେ ଅବାଧ ପ୍ରବେଶ ଠାରୁ ଆରମ୍ଭ କରି ସରକାରୀ କର୍ମଚାରୀଙ୍କୁ ଭୟଭୀତ କରି ବେଆଇନ କାମ ଆଦାୟ କରିବାକୁ ବାଧ କରାଯାଉଥିବା ଅଭିଯୋଗ ହୋଇଆସୁଛି। ବିଭିନ୍ନ ନେତାମାନଙ୍କ ନାଁରେ ବିଭିନ୍ନ କାର୍ଯ୍ୟକ୍ରମ ବାହାନା କରି ବଟି ମାଗୁଥିବା ଘଟଣା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଏହାରି ଭିତରେ ଯାଜପୁର ସଦର ଥାନାରେ ବିଜେପି ଜିଲ୍ଲା ସଂପାଦକ ସୁରଜଲାଲ ସାମଲଙ୍କ ବିରୋଧରେ ଠିକାଦାରଙ୍କୁ ବଟି ମାଗିଥିବା ଅଭିଯୋଗ ହୋଇଥିବା ଜଣାପଡିଛି। ଯାଜପୁର ଜିଲ୍ଲା ବିଜେପି ସମ୍ପାଦକ ସୁରଜଲାଲ୍ ୨୦ ନଂ. ଜାତୀୟ ରାଜପଥ କାମ କରୁଥିବା ଠିକା ସଂସ୍ଥା ଏଆର୍‌ଏସ୍‌ଏସ୍‌ଠାରୁ କାମ ନେଇଥିବା ପେଟି ଠିକା ସଂସ୍ଥା ସିଦ୍ଧାର୍ଥ କନ୍‌ଷ୍ଟ୍ରକସନ୍ସ କମ୍ପାନୀକୁ ବଟି ମାଗିଥିବା ଅଭିଯୋଗ ହୋଇଛି। ବଟି ନ ଦେବା ଫଳରେ କାମକୁ ଅଟକାଇ ଦେଇଛନ୍ତି ଏବଂ ରାସ୍ତାର ଉଭୟ କଡ଼ରେ ଶହ ଶହ ଗାଡ଼ି ଅଟକି ରହିଛି। ଫଳରେ ଜାତୀୟ ରାଜପଥ କାମ ଠପ୍ ହୋଇଯାଇଥିବା ଜଣାପଡିଛି। ଗାଡ଼ି ଗୁଡିକ ୮ ଦିନ ଧରି ଅଟକିବା ଫଳରେ ଠିକା ସଂସ୍ଥା ଲକ୍ଷାଧିକ ଟଙ୍କାର ଆର୍‌ଥିକ ବୋଝ ସହିଥିବା ଜଣାପଡିଛି। ପରିସ୍ଥିତି ଏପରି ହୋଇଛି ରାସ୍ତାର ଉଭୟ କଡ଼ରେ ଗାଡ଼ି ଗୁଡିକ ଠିଆ ହେବାରୁ ରାସ୍ତାରେ ଯାତାୟତ ବନ୍ଦ ହୋଇପଡିଛି।



କିନ୍ତୁ ଏନେଇ ଠିକା ସଂସ୍ଥା ପକ୍ଷରୁ ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ମାମଲା ରୁଜୁ ହୋଇନଥିବା ଜଣାପଡିଛି। ଶାସକ ଦଳର ଚାପ ଯୋଗୁଁ ପୁଲିସ ଏଭଳି ମାମଲା ରୁଜୁ କରୁନଥିବା ଅଭିଯୋଗ ହୋଇଛି। ଏ ଅଭିଯୋଗ ସଂପର୍କରେ ଯାଜପୁର ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରାଙ୍କୁ ପଚାରିବାରୁ ସେ ଅଭିଯୋଗ ହୋଇଥିବା ନେଇ ସେ ସ୍ୱୀକାର କରିଛନ୍ତି। ଆମେ ଏହା ଉପରେ ତଦନ୍ତ କରୁଛୁ। ୭ ଦିନ ଭିତରେ ଆମେ ଏତଲାକୁ ରେଜିଷ୍ଟ୍ରେସନ କରିବୁ। ଲୋଡ୍ ଗାଡ଼ି ଅନଲୋଡ୍ ନ ହୋଇ ୮ ଦିନ ହେଲା ରାସ୍ତା ଉପରେ ଠିଆ ହୋଇଛି। ସେପଟେ ସିଦ୍ଧାର୍ଥ କନଷ୍ଟ୍ରକ୍ସନ ମାଲିକ ଦାଶରଥି ମହାନ୍ତିଙ୍କ ସହିତ ଯୋଗାଯୋଗ କରିବାରୁ ସେ ଭୟଭୀତ ଅବସ୍ଥାରେ କହିଥିଲେ ପ୍ରାୟ ୧୫୦ଗାଡ଼ିକୁ ଅଟକାଇଛନ୍ତି। ମୋଟା ଆକାର ଚାନ୍ଦା ନ ଦେଲେ କାମ ବନ୍ଦ କରିଦିଆଯିବ ବୋଲି ଧମକ ଦିଆଯାଇଛି। ଅନ୍ୟ ଉପାୟ ନ ପାଇ ଯାଜପୁର ସଦର ଥାନାରେ ଏତଲା ଦିଆଯାଇଛି। ଏତଲା ପରେ ଜିଲ୍ଲା ସମ୍ପାଦକଙ୍କ ସମର୍ଥକ କନଷ୍ଟ୍ରକ୍‌ସନ୍ସ କମ୍ପାନୀ ସହିତ ଭିତିରି ବୁଝାମଣା କରିବାକୁ ଚାପ ପ୍ରୟୋଗ କରୁଛନ୍ତି। ଏପଟେ ରାସ୍ତା ଉପରେ ଗାଡ଼ିଗୁଡିକ ଠିଆ ହୋଇଥିବାରୁ ସ୍ଥାନୀୟ ଲୋକେ ବହୁ ହଇରାଣ ହେଉଥିବାର ଅଭିଯୋଗ ହୋଇଛି। ତେବେ ଏହି ମୋଟା ଅଙ୍କର ବଟି ମାଗିବା ପଛରେ ଜଣେ ବଡ଼ ନେତା ଏବଂ ତାଙ୍କ ଗ୍ୟାଙ୍ଗର ସଂପୂର୍ଣ୍ଣ ହାତ ଥିବା ଚର୍ଚ୍ଚା ହେଉଛି। ଏପରିକି ଏହି ଅଭିଯୋଗକୁ ଏ ପର୍ଯ୍ୟନ୍ତ ପଞ୍ଜୀକରଣ ନ କରିବାକୁ ଏହି ବିଜେପି କୋଟେରୀ ଲାଗିପଡିଥିବା ଜଣାପଡିଛି।

## ■ ବରିଷ୍ଠ ଆଇନଜୀବୀଙ୍କୁ ନିର୍ଯାତନା ଘଟଣା

## ରାଜ୍ୟ ମୁଖ୍ୟଶାସନ ସଚିବଙ୍କୁ ଜବାବ ତଲବ

କଟକ, ୨।୭(ସମିସ): ବାଲେଶ୍ୱରରେ ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କ ପ୍ରତି ପୁଲିସ ଓ ଜଣେ ମହିଳା ଆଇଏଏସ ଅଧିକାରୀଙ୍କ ଦ୍ୱାରା ନିର୍ଯାତନା ଘଟଣାକୁ ନେଇ ଦାୟର ଅଭିଯୋଗକୁ ଜାତୀୟ ମାନବାଧିକାର କମିସନ(ଏନଏଚଆରସି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କ ଆବେଦନର ଶୁଣାଣି କରି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି ଏନଏଚଆରସି। ଆସନ୍ତା ୧୫ଦିନ ମଧ୍ୟରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜଣାଇବାକୁ ଏନଏଚଆରସି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଅଭିଯୋଗରେ ଦର୍ଶାଇଥିଲେ ଯେ ଗତ ଜୁନ ୬ ତାରିଖରେ ବାଲେଶ୍ୱର ଓକିଲ ସଂଘର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ଦାସଙ୍କୁ ଜଣେ ମହିଳା ଆଇଏଏସ ଅଧିକାରୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପରେ ସମ୍ପୃକ୍ତ ଅଧିକାରୀଙ୍କ ନିର୍ଦ୍ଦେଶରେ ସହଦେବଖୁଣ୍ଟା ପୁଲିସ ମଧ୍ୟ ତାଙ୍କୁ ଥାନାରେ ଅଟକ ରଖି ନିର୍ଯାତନା ଦେବା ସହ ବେଆଇନ ଭାବେ ଗିରଫ କରିଥିଲା। ଏହି ଘଟଣାର ସିସିଟିଭି ଫୁଟେଜ ସଂରକ୍ଷଣ ସହ ନିରପେକ୍ଷ ତଦନ୍ତ ସହ ଦୋଷୀ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପୀଡିତଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରାର୍ଥନା କରି ଶ୍ରୀ ନନ୍ଦ ଏନଏଚଆରସିରେ ମାମଲା ରୁଜୁ କରିଥିଲେ।

## ତେଲଙ୍ଗାନା ବିସ୍ଫୋରଣ

# ୪ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଭୁବନେଶ୍ୱର,୨।୭(ସମିସ): ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲ୍ଲା ସ୍ଥିତ ସିଗାଚୀ ଫାର୍ମା କମ୍ପାନୀରେ ହୋଇଥିବା ବିସ୍ଫୋରଣରେ ଯେଉଁ ୪୨ ଜଣ ପ୍ରାଣ ହରାଇଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ୪ ଜଣ ଓଡ଼ିଆ ଶ୍ରମିକ। ସେମାନେ ହେଲେ ଗଞ୍ଜାମର ଜଗନ ମୋହନ, ତିଗିରିଆର ଲଗ୍ନଜିତ ଦୁଆରୀ, ବାଲେଶ୍ୱର ସୁଲିଆର ମନୋଜ ରାଉତ

- ୪ ଗୁରୁତର ମେଡିକାଲରେ ଭର୍ତ୍ତି
- ଆହତ ଓଡ଼ିଆଙ୍କୁ ଚିକିତ୍ସାଳୟରେ ଭେଟିଲେ ଓଡ଼ିଶା ଅଧିକାରୀ

ଏବଂ ଯାଜପୁରର ଦୋଳଗୋବିନ୍ଦ ସାହୁ। ଏଥିରେ ଗୁରୁତର ଆହତ ହୋଇ ଡକ୍ତରଖାନାରେ ଚିକତ୍ସାଧୀନ ଥିବା ଓଡ଼ିଆ ଶ୍ରମିକ ହେଲେ ଗଞ୍ଜାମର ସମିଲ ପାଢୀ, ଭଦ୍ରକର ଚନ୍ଦନ ନାଏକ, ପବରଙ୍ଗପୁରର ନୀଳାମ୍ବର ଭଦ୍ର ଏବଂ ଚିତ୍ରସେନ୍ ବତ୍ର। ତେବେ ସେମାନେ ବିପଦମୁକ୍ତ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଏହି ବିସ୍ଫୋରଣ ଘଟଣାରେ ଏବେ ବି ୫ ଜଣ ନିଖୋଜ ଥିବା ଜଣାପଡ଼ିଛି। କିନ୍ତୁ ଉଦ୍ଧାର କାର୍ଯ୍ୟ ଚାଲିଥିବାରୁ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ଚିତ୍ର ମିଳିପାରି ନାହିଁ। ଓଡ଼ିଆ ବ୍ୟକ୍ତିମାନଙ୍କର ଉଦ୍ଧାର କାର୍ଯ୍ୟ ସମେତ ପରିବାରବର୍ଗଙ୍କୁ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା



ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଦୁଇ ଜଣ ଅଧିକାରୀ ଘଟଣାସ୍ଥଳରେ ଯାଇ ପହଞ୍ଚିଛନ୍ତି। ଡ. ଚନ୍ଦ୍ର ଶେଖର ହୋତା ଏବଂ ପ୍ରୀତିଶ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚିବା ପରେ ନିଖୋଜ ରହିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ସନ୍ଧାନ ନିମନ୍ତେ ସଙ୍ଗାରେଡ୍ଡୀ ଜିଲ୍ଲା ପ୍ରଶାସନ ସହିତ ଅଲୋଚନା କରୁଛନ୍ତି। ଆହତ ହୋଇଥିବା ଓଡ଼ିଆ ବ୍ୟକ୍ତିମାନଙ୍କୁ ଚିକିତ୍ସାଳୟରେ ଭେଟିଛନ୍ତି। ଆହତ ହୋଇଥିବା ବ୍ୟକ୍ତିମାନଙ୍କର ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରାଯାଇଛି। ମୃତ୍ୟୁବରଣ କରିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ମୃତ ଶରୀରକୁ ଓଡ଼ିଶାକୁ ଫେରେଇ ଆଣିବା ସହ ସେମାନଙ୍କ ପରିବାର ବର୍ଗକୁ ସାହାଯ୍ୟ କରିବା ନିମନ୍ତେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି।

## ମୃତକଙ୍କ ମଧ୍ୟରେ ସିମୁଳିଆର ମନୋଜ ରାଉତ

ସିମୁଳିଆ, ୨।୭ (ସମିସ): ତେଲଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ଗତ୩୦ତାରିଖରେରାସାୟନିକକାରଖାନାରେବିସ୍ଫୋରଣଘଟି ବହୁ ମୃତାହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅଛନ୍ତି ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତ ପାର୍ବତୀପୁର ଗ୍ରାମର ଅନନ୍ତ ରାଉତଙ୍କ ପୁତ୍ର ମନୋଜ ରାଉତ। ୨୦୦୧ ମସିହା ଠାରୁ



ମନୋଜ ଉକ୍ତ ରାସାୟନିକ ଫ୍ୟାକ୍ଟ୍ରିରେ କ୍ୱାଲିଟି ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିଲେ। ରଜକୁ ଘରକୁ ଆସିଥିବାବେଳେ ଫ୍ୟାକ୍ଟ୍ରିର ମାଲିକଙ୍କ ଫୋନ ଆସିବାରୁ କାମରେ ଯୋଗ ଦେବାକୁ ପଳାଇ ଯାଇଥିଲେ। ଗତ ୩୦ ତାରିଖରେ ଫ୍ୟାକ୍ଟ୍ରିରେ ଦୁର୍ଘଟଣା ଘଟିବାରୁ ମନୋଜଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମନୋଜଙ୍କ ଶବ ଚିହ୍ନଟ କରିଥିଲେ। ମନୋଜଙ୍କ ସ୍ତ୍ରୀ ଓ ଦୁଇଟି ପୁଅ ଅଛନ୍ତି। ମନୋଜଙ୍କୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଥିବାବେଳେ ତାଙ୍କ ପରିବାରକୁ ରାଜ୍ୟ ସରକାର ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଗୁହାରି କରିଛନ୍ତି।

# କୋଦାଳରେ ହାଣି ବୃଦ୍ଧାଙ୍କୁ ହତ୍ୟା; ଅଭିଯୁକ୍ତ ଗିରଫ

## ୬ ବର୍ଷ ପୂର୍ବରୁ ସ୍ୱାମୀ ହୋଇଥିଲେ ହତ୍ୟାର ଶିକାର

ତୁରୁମୁଙ୍ଗା,୨।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଫୁଲପାହାଡ଼ି ଗ୍ରାମର ଭାଲୁଘରା ସାହିରେ ବୁଧବାର ସକାଳୁ ବିଧବା ବୃଦ୍ଧା ତୁଳସୀ ମାଝୀ (୫୫)ଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଏକ କୋଦାଳରେ ମାରି ତଳେ ପକାଇବା ପରେ ଖଣ୍ଡ ଖଣ୍ଡ କରି ହାଣି ହତ୍ୟା କରାଯାଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁକରି ଅଭିଯୁକ୍ତ ଫୁଲପାହାଡ଼ି ବଡ଼ସାହିର ଦେବଦତ୍ତ ନାଏକ ଓରଫ ଗେଡୁ (୪୫ ବର୍ଷ)କୁ ଗିରଫ କରିଛି। ଏହାସହ ସାଇଣ୍ଟିଫିକ୍ ଟିମ ସହାୟତାରେ ପାଟଣା ପୁଲିସ ଘଟଣାସ୍ଥଳରେ ଅନୁଧ୍ୟାନ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।



ସୂଚନା ଅନୁସାରେ, ଉକ୍ତ ଗ୍ରାମର ବାରିଆଳ ମାଝୀ ସକାଳୁ ବିଲ କାମ କରିବାକୁ ଲଙ୍ଗଳ କୋଦାଳ ଧରି ଯାଉଥିବା ସମୟରେ ଦେବଦତ୍ତ କୋଦାଳ ଛଡ଼ାଇ ନେଇ ପ୍ରଥମେ ବାରିଆଳକୁ ଆକ୍ରମଣ କରିଥିଲା। ବାରିଆଳଙ୍କ ବାମ ହାତରେ ଗଭୀର କ୍ଷତ ହୋଇଛି। ପରେ ସେ ଘର ସମ୍ମୁଖରେ ଛିଡା ହୋଇଥିବା ତୁଳସୀଙ୍କୁ ହାଣି ମୁଣ୍ଡ ଗଣ୍ଡି ଅଲଗା କରି ଦେଇଥିଲା। ପୁଣି ଏକ ପଥର ଧରି ଗ୍ରାମବାସୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହୋଇଥିଲା। ଗ୍ରାମବାସୀ ପୁଲିସକୁ ଖବର ଦେବା ପରେ ଅଭିଯୁକ୍ତ ଦେବଦତ୍ତକୁ ହେପାଜତକୁ ନିଆଯାଇଛି। ୬ ବର୍ଷ ପୂର୍ବରୁ ମୃତ ବୃଦ୍ଧାଙ୍କ ସ୍ୱାମୀ କାଦେ ମାଝୀଙ୍କୁ ବଳଦ କିଣାବିକାକୁ ନେଇ ଗ୍ରାମବାସୀ ପିଟି ପିଟି ହତ୍ୟା କରି ଘର ଦ୍ୱାର ସମ୍ମୁଖରେ ପକାଇ ଦେଇଥିଲେ। ବୃଦ୍ଧାଙ୍କୁ ମଧ୍ୟ ସମାନ ଢଙ୍ଗରେ ହତ୍ୟା କରାଯାଉଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ହୋଇଥିବା ମୃତ ବୃଦ୍ଧାଙ୍କ ଝିଅ ଦୁଲି ମାଝୀ ଏବଂ ପୁଅ ଫାଗୁ ମାଝୀ ଅଭିଯୋଗ କରିଥିବା ବେଳେ ପୁଲିସ ଶବକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରି ଅଧିକ ତଦନ୍ତ ଚଳାଇଥିବା ପାଟଣା ଥାନାଧିକାରୀ ମାନସ ମହାକୁଳ କହିଛନ୍ତି।

# ରେଳଧାରଣାରେ ଖସିଲା ମାଟି ଅତଡ଼ା

- କୋରାପୁଟ-ଜଗଦଲପୁର ରେଳ ଚଳାଚଳ ପ୍ରଭାବିତ
- ହୀରାଖଣ୍ଡ ଓ ବିଶାଖାପାଟଣା ନାଇଟ୍ ଏକ୍ସପ୍ରେସ୍ ବାତିଲ



କୋରାପୁଟ,୨।୭(ସମିସ): କୋରାପୁଟ-ଜୟପୁର ମଧ୍ୟରେ ଥିବା ଜର୍ଟି ରେଳ ଷ୍ଟେସନ ନିକଟରେ ମାଟି ଅତଡ଼ା ଖସି କୋରାପୁଟ-ଜଗଦଲପୁର ମଧ୍ୟରେ ରେଳ ଚଳାଚଳ ପ୍ରଭାବିତ ହୋଇଛି। ବୁଧବାର ଅପରାହ୍ନ ଚାରିଟା ସମୟରେ ଅଚାନକ ମାଟି ଅତଡ଼ା ଖସି ରେଳ ଲାଇନ୍ ଅବରୋଧ ହୋଇଥିଲା। ଫଳରେ ଜଗଦଲପୁର ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଏବଂ କିରୋଣ୍ଡୁଲ୍ ବିଶାଖାପାଟଣା ନାଇଟ ଏକ୍ସପ୍ରେସ ଟ୍ରେନକୁ ବାତିଲ କରା ଯାଇଥିବା ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ହାୱଡା ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍ ଟ୍ରେନ ଗୁରୁବାର ସକାଳେ କୋରାପୁଟ ଠାରୁ ଫେରିବ ବୋଲି ସୂଚନା ମିଳିଛି। କୋରାପୁଟ ଠାରୁ ବିଭାଗୀୟ ବୈଷୟିକ ଓ ଉଦ୍ଧାରକାରୀ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ରେଳ ଲାଇନରୁ ମାଟି ହଟାଇବା କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟ ଜିଲ୍ଲାରେ ୧୦୬୩ ମିମି ବର୍ଷା ହୋଇଛି। ଲଗାଣ ବର୍ଷାରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ପୋଲ ଉପରେ ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

# ମା’ ହେବ ମହାରାଷ୍ଟ୍ରର ବାଘୁଣୀ ଜିନତ୍

## ୨୦୩୦ ସୁଦ୍ଧା ଶିମିଳିପାଳରେ ବାଘ ସଂଖ୍ୟା ୧୦୦ ଛୁଇଁବ

ବାରିପଦା,୨।୭(ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘ ସଂଖ୍ୟା ସହ ବାଘର ଜେନେଟିକ ଡାଇଭର୍ସିଭର୍ସିଟିକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଆଯାଇଥିବା ମିଶନ ସଫଳ ହେବାକୁ ଯାଉଛି। ମହାରାଷ୍ଟ୍ର ତଡବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଆସିଥିବା

## କୁଲଡିହା ଅଭୟାରଣ୍ୟରେ ଯମୁନା

୩ ବର୍ଷୀୟ ବାଘୁଣୀ ଜିନତ୍ ଏବେ ମା’ ହେବାକୁ ଯାଉଛି ବୋଲି ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ) ପ୍ରେମକୁମାର ଝା ପ୍ରକାଶ କରିଛନ୍ତି।

ପ୍ରକାଶ ଥାଉକି, ଟ୍ରାନ୍ସମେମ୍ବ୍ରେନ୍ ଆମିନୋପେପ୍‌ଟିଡେଜ୍ କ୍ୟୁ ଜିନ୍‌ର ଏକକ ମ୍ୟୁଟେସନ୍‌ରୁ ଶିମିଳିପାଳ ବାଘର ରଙ୍ଗ କଳା ହେଉଥିବା ନେଇ ବେଙ୍ଗାଲୁରର ନ୍ୟାସନାଲ ସେଣ୍ଟର ଫର୍ ବାୟୋଲୋଜିକାଲ ସାଇନ୍ସ ବିଭାଗର ଏକ ବିଶେଷଜ୍ଞ ଦଳ ଏଠାକୁ ଆସି ପରୀକ୍ଷାନୀରିକ୍ଷା କରି ମିଳେନାଷ୍ଟିକ ବାଘ ସମ୍ପର୍କରେ ସୂଚନା ଦେଇଥିଲେ। ଏହାକୁ ରୋକିବା ପାଇଁ ଅନ୍ୟ ରାଜ୍ୟର ମାଈବାଘକୁ ଆଣି ବାଘସଂଖ୍ୟା ବୃଦ୍ଧି କରାଗଲେ ଶିମିଳିପାଳରେ ବାଘଙ୍କ ଜେନେଟିକରେ ପରିବର୍ତ୍ତନ ଘଟିବ ଏବଂ ଧୀରେ ଧୀରେ ଏଥିରେ ନିୟନ୍ତ୍ରଣ ଆସିବାପାରିବ ବୋଲି ରିପୋର୍ଟ ଦେଇଥିଲେ। ତଦନୁସାରେ ନ୍ୟାସନାଲ ଟାଇଗର କନର୍ଜଭେସନ ଅଥରିଟି ବା ଏନଟିସିଏ ପକ୍ଷରୁ ଦୁଇଟି ବାଘୁଣୀ ଆଣିବାକୁ ସିଦ୍ଧାନ୍ତ ନିଆଯାଇଥିଲା। ମହାରାଷ୍ଟ୍ର ତଡବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ୨ ନୂଆ ବାଘୁଣୀ ଯମୁନା ଓ ଜିନତକୁ ଅଣାଯାଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଓ ଦକ୍ଷିଣ ବନଖଣ୍ଡ ଡିଭିଜନର କୋର ଅଞ୍ଚଳରେ ନିର୍ମିତ ଏନକ୍ଲୋଜରେ ଛଡାଯାଇଥିଲା। ନଭେମ୍ବର ୯ରେ ଯମୁନାକୁ କୋର ଅଞ୍ଚଳରେ ଛଡାଯିବାର ୧୯ଦିନ ପରେ ଜିନତକୁ ଅଣାଯାଇ ଚହଲା ନିକଟ ଏକ ସିଫ୍ଟ ଏନକ୍ଲୋଜରରେ ଛଡାଯାଇଥିଲା। ଏନକ୍ଲୋଜରରୁ ମୁକ୍ତ ପରେ ଉତ୍ତର ଡିଭିଜନରରେ ଘୁରିବୁଲିବା ସହ ନିଜର ସୁରକ୍ଷିତ ବାସସ୍ଥାନ ଖୋଜିବାରେ ଲାଗିଥିଲା। ଶିମିଳିପାଳର ବିସ୍ତୀର୍ଣ୍ଣ ଜଙ୍ଗଲରେ ବୁଲୁଥିବା ସମୟରେ ସୁବର୍ଣ୍ଣରେଖା ନଦୀପାର ହୋଇ ଝାଡଖଣ୍ଡ ଜଙ୍ଗଲରେ ପ୍ରବେଶ କରିଥିଲା। ସେଠାରେ କିଛି ଦିନ ରହିବା ପରେ ପଶ୍ଚିମବଙ୍ଗ ଜଙ୍ଗଲରେ ଘୂରିବୁଲିଥିଲା। ୨୨ଦିନ ରହିବା ପରେ ତିନି ରାଜ୍ୟର ବନକର୍ମଚାରୀ ଟ୍ରାଙ୍କୁଲାଇଜ କରି ଶିମିଳିପାଳ ଆଣିଥିଲେ। ଦେଢ଼ମାସ ତଳେ ବାଘୁଣୀ ଜିନତକୁ ଏନକ୍ଲଜୋରରୁ ମୁକ୍ତ କରି ଶିମିଳିପାଳ ବ୍ୟାଘ୍ର



ସଂରକ୍ଷଣ ପ୍ରକଳ୍ପରେ ଛଡାଯାଇଥିଲା। ଏହାପରେ ସେ ୧୧ବର୍ଷୀୟ ମିଳେନାଷ୍ଟିକ ଟି-୧୨ ମହାବଳ ବାଘକୁ ସାଥୀଭାବରେ ବାଛି ଉଭୟଙ୍କ ମିଳନ ଘଟିଥିଲା। ତାପରେ ତାର ସ୍ୱଭାବରେ ପରିବର୍ତ୍ତନ ଆସିଛି। ଦୀର୍ଘ ୨୫-୩୦ବର୍ଗ କିମି ଅଞ୍ଚଳକୁ ସେ ନିଜର ଇଲାକା ଭାବେ ଗ୍ରହଣ କରିଛି। ଯମୁନାଗଡରୁ ଗୁଡୁଗୁଡିଆ ମଧ୍ୟରେ ଖଞ୍ଜାଯାଇଥିବା ଟ୍ରାପ ଓ ଏଆଇ କ୍ୟାମେରାରେ ଉଭୟଙ୍କ ଫୁଟେଜ କଏଦ ହୋଇଛି। ଉଭୟଙ୍କ ସହ ଶାରିରୀକ ମିଳନ ହେବା ପରେ ଏବେ ଜିନତ୍ ମା’ ହେବାକୁ ଯାଉଛି। ତା’ ଉପରେ ସ୍ୱତନ୍ତ୍ର ନଜର ରଖିବା ପାଇଁ ଏକ ଡାକ୍ତରୀ ଦଳକୁ ମଧ୍ୟ ନିୟୋଜିତ କରାଯାଇଛି। ଶିମିଳିପାଳରେ ଏହି ଦୁଇ ବାଘୁଣୀକୁ ମିଶାଇ ୧୯ ହେବା ସହିତ ମହାବଳ ବାଘ ସଂଖ୍ୟା ୪୨ ରହିଛି ଏବଂ ୮ଟି ଶାବକ ରହିଛନ୍ତି।

ବାଘ ଗଣନା ପରିସଂଖ୍ୟା ଅନୁଯାୟୀ ପ୍ରତି ୪ବର୍ଷରେ ବାଘ ସଂଖ୍ୟା ଦୁଇ ଗୁଣ ବୃଦ୍ଧି ପାଉଛି। ଏହାକୁ ଲକ୍ଷ୍ୟ ରଖି ୨୦୨୬ ଗଣନାରେ ଏହା ୬୦ ପାର ହେବାର ଆଶଙ୍କା ରହିଥିବା ବେଳେ ୨୦୩୦ ସୁଦ୍ଧା ତାହା ୧୦୦ ପହଞ୍ଚିବ ବୋଲି ବନବିଭାଗ ପକ୍ଷରୁ ଆକଳନ କରାଯାଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।










# ଏବେ ବି ପାଣି ଘେରରେ ଦୁଇ ବ୍ଲକ୍‌ର ୨୪ ପଞ୍ଚାୟତ

ସୁବର୍ଣ୍ଣରେଖା ବନ୍ୟା





ବାଲେଶ୍ୱର,୨।୭ (ସମିସ)

ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ଉତ୍ତର ବାଲେଶ୍ୱରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜଳକା ନଦୀରେ ବନ୍ୟା ଆସିବା ପରେ ସୁବର୍ଣ୍ଣରେଖା ନଦୀରେ ଦ୍ୱିତୀୟ ଥର ପାଇଁ ବନ୍ୟା ସୃଷ୍ଟି ହୋଇଛି। ଦୁଇ ସପ୍ତାହ ମଧ୍ୟରେ ସୁବର୍ଣ୍ଣରେଖାରେ ବନ୍ୟା ହେବା ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏଯାବତ୍ ଗାଁ ଗୁଡିକରେ ଲୋକେ ବନ୍ୟା ଘେରରେ ରହିଥିବା ବେଳେ ଅଧିକାଂଶ ଲୋକଙ୍କ ଘରେ ଚୁଲି ଜଳୁ ନାହିଁ। ଏପରି ସ୍ଥିତିରେ ଜିଲ୍ଲା ପ୍ରଶାସନ ବନ୍ୟା ମୁକାବିଲା କରିବାରେ ବିଫଳ ହୋଇଥିବା ବେଳେ ବନ୍ୟାରେ ମଧ୍ୟ ଲୋକଙ୍କର ମୃତ୍ୟୁ ହେଲାଣି। ଅନ୍ୟପଟେ ସୁବର୍ଣ୍ଣରେଖା ନଦୀର ଜଳସ୍ତର କ୍ରମଶଃ କମୁଥିଲେ ହେଁ ଲୋକମାନଙ୍କ ଦୁଃଖ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଏବେ ବି ଗାଁରେ ପାଣି ପଶିରହିଥିବା ବେଳେ ପ୍ରଭାବିତ ଲୋକମାନଙ୍କ ପାଇଁ ସଠିକ ବ୍ୟବସ୍ଥା କରାଯାଉନଥିବା ଜଣାଯାଇଛି। ହେଲେ ଜିଲ୍ଲା ପ୍ରଶାସନ କିନ୍ତୁ ଲୋକମାନଙ୍କୁ ଉଦ୍ଧାର କରୁଥିବା କହୁଛନ୍ତି। ଜିଲ୍ଲା ପ୍ରଶାସନର ସୂଚନା ଅନୁସାରେ, ସୁବର୍ଣ୍ଣରେଖା ବନ୍ୟା ଆସିବାର ଦୁଇ ଦିନ ପରେ ଆଜି ବି ଭୋଗରାଇ ବ୍ଲକର ୧୫ଟି ପଂଚାୟତର ଲୋକେ ପାଣି ଘେରରେ ଥିବାବେଳେ ବାଲିଆପାଳ ବ୍ଲକରେ ୯ଟି ପଞ୍ଚାୟତର ଲୋକେ ପାଣି ଘେରରେ ରହିଛନ୍ତି। ଏପରିକି ଆଜି ପର୍ଯ୍ୟନ୍ତ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ତେବେ ଆଜି ଅର୍ଥାତ ୨ତାରିଖରେ ବାଲିଆପାଳ ବ୍ଲକର ୯ଟି ପଞ୍ଚାୟତରୁ ୧୫୭୫ଜଣ ଏବଂ ଭୋଗରାଇ ବ୍ଲକର ୧୫ଟି ପଞ୍ଚାୟତରୁ ୭୧୫ଜଣ ଅର୍ଥାତ ମୋଟ ୨୨୯୦ଜଣ ଲୋକଙ୍କୁ ବୋଟ ଯୋଗେ ଉଦ୍ଧାର କରାଯାଇଛି ବୋଲି ସୂଚନା ଦିଆଯାଇଛି। ଏହାସହ ୧୪ଟି ବାତ୍ୟା ଆଶ୍ରୟ ସ୍ଥଳୀରେ ସେମାନଙ୍କୁ ରଖାଯାଇଥିବା ବେଳେ ଉଦ୍ଧାର ହୋଇଥିବା ସମସ୍ତ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି ବୋଲି ସୂଚନା ଦିଆଯାଇଛି। ବସ୍ତା ବ୍ଲକରେ ଗୋଟିଏ ଓଡ୍ରାଫ୍ଟ ଟିମ ନିୟୋଜିତ ଥିବା ବେଳେ ବାଲିଆପାଳ ବ୍ଲକରେ ୩ଟି ଏବଂ ଭୋଗରାଇ ବ୍ଲକରେ ୨ଟି ଟିମ ନିୟୋଜିତ ରହିଛନ୍ତି। ଏହାବ୍ୟତିତ ବସ୍ତାରେ ୩ଟି ଫାୟାର ଟିମ୍ ସାଙ୍ଗକୁ ବାଲିଆପାଳରେ ୩ଟି, ଜଳେଶ୍ୱରରେ ୩ଟି ଏବଂ ଭୋଗରାଇ ବ୍ଲକରେ ୩ଟି ଫାୟାର ଟିମ ନିୟୋଜିତ ରହିଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



# ବନ୍ୟାଞ୍ଚଳ ବୁଲିଲେ ବିଧାୟକ ଓ ବ୍ଲକ୍ ଅଧ୍ୟକ୍ଷ



**ଭୋଗରାଇ/ଭୁଷଣ୍ଡେଶ୍ୱର, ୨।୭ (ସମିସ) :** ସୁବର୍ଣ୍ଣରେଖାରେ ଜଳସ୍ତର ବିପଦ ସଂକେତ ତଳେ ପ୍ରବାହିତ ହେଉଛି। ମାତ୍ର ଭୋଗରାଇ ବ୍ଲକର ତଳିଆ ଅଞ୍ଚଳ କୁହାଯାଉଥିବା ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଏବେବି ଜଳ ଘେରରେ ରହିଛି। ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ରିଲିଫ ଦିଆଯାଇ ନ ଥିବାରୁ ଲୋକେ ଭୋକ ଉପାସରେ ଅଛନ୍ତି। ଗୋରୁ ଗାଈ ଓ ଗୃହପାଳିତ ପଶୁ ପକ୍ଷୀ ଭୋକିଲା ରହିଛନ୍ତି। ଏପର୍ଯ୍ୟନ୍ତ ପ୍ରଶାସନ ତରଫରୁ ମୁଠେ ବି ଗୋଖାଦ୍ୟ ଯୋଗାଇ ଦିଆଯାଇ ନାହିଁ। ଏହି ପରିପ୍ରେକ୍ଷୀରେ ଗତ ମଙ୍ଗଳବାର ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଅନେକ ଜଳଘେରରେ ଥିବା ଗ୍ରାମ ପରିଦର୍ଶନ କରିଥିବା ବେଳେ ଆଜି ମଧ୍ୟ ସବୁଠାରୁ ତଳିଆ ପଞ୍ଚାୟତ କୁହାଯାଉଥିବା ଗବଗାଁର ନିଳପୁରା ବାର୍ତ୍ତାଆଶ୍ରୟ ସ୍ଥଳୀରେ ପହଞ୍ଚି ଥିଲେ। ସେଠାରେ ଥିବା ଲୋକମାନଙ୍କ ସୁଖ ଦୁଃଖ ବୁଝିବା ସହିତ ରିଲିଫ ସାମଗ୍ରୀ ସହିତ ଦିଆଯାଉଥିବା ରନ୍ଧା ଖାଦ୍ୟ ତଦାରଖ କରିଥିଲେ। ପରେ ଗବଗାଁ ସେବା ଆଶ୍ରମ ସ୍କୁଲରେ ପହଞ୍ଚି ଗବଗାଁ ପଞ୍ଚାୟତର ପିଇଓ ସୁବର୍ଣ୍ଣ ସଚିତା ମହାପାତ୍ରଙ୍କ ସାଙ୍ଗରେ ରିଲିଫ ସାମଗ୍ରୀ ସହିତ ରନ୍ଧା ଖାଦ୍ୟ ତଥା ସେହି ଆଶ୍ରମରେ ଥିବା ୫୦ ପରିବାରର ପ୍ରାୟତଃ ୨ ଶହ ଲୋକଙ୍କର ଅସୁବିଧା ବାବଦରେ ପଚାରି ବୁଝିଥିଲେ। ପରେ ରାମଦେଇଚକ ଗ୍ରାମରେ ପହଞ୍ଚି ଲୋକମାନଙ୍କୁ ସୁଖିଲା ଖାଦ୍ୟ ସହିତ ପିଇବା ପାଣି ବାଣ୍ଟି ଥିଲେ। ଶେଷରେ କୁସୁଡା ପଞ୍ଚାୟତରେ ପହଞ୍ଚି ସରପଞ୍ଚ ପ୍ରତିନିଧି ଜଗନ୍ନାଥ ମହୁରୀଙ୍କ ସହ ଆଲୋଚନା କରିବା ସହିତ ବନ୍ୟା ପ୍ରପୀଡ଼ିତ ଲୋକଙ୍କ ନିକଟରେ ସଠିକ ଭାବେ ରିଲିଫ ପହଞ୍ଚି ପାରିଛି କି ନାହିଁ ବୁଝିଥିଲେ। ବିଧାୟକ ଶ୍ରୀ ଦାସଙ୍କ ସହିତ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଗଣେଶ ଘଡାଇ, ପ୍ରବୀର ଦାସ, କାର୍ତ୍ତିକ ଜେନା ତଥା ସମ୍ପୃକ୍ତ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ବିପନ୍ନଙ୍କ ଦୁଃଖ ବୁଝିଲେ ବିଧାୟିକା ସୁବାସିନୀ ଜେନା



**ବାଲେଶ୍ୱର/ବାଲିଆପାଳ,୨।୭ (ସମିସ):** ସୁବର୍ଣ୍ଣରେଖାରେ ବନ୍ୟାଜଳ ହ୍ରାସ ପାଇଥିଲେ ମଧ୍ୟ ବହୁତ ଗ୍ରାମ ବନ୍ୟାପାଣି ଘେରରେ ଏବେବି ରହିଛି। ବନ୍ୟା ପରବର୍ତ୍ତୀ ଅବସ୍ଥାରେ ଜନସାଧାରଣଙ୍କ ସୁବିଧା ଅସୁବିଧା ବାବଦରେ ଅନୁଧ୍ୟାନ କରିବାକୁ ବସ୍ତା ବିଧାୟିକା ସୁବାସିନୀ ଜେନା ବୁଧବାର ଦିନ ବାଲିଆପାଳ ବ୍ଲକର ମଧୁପୁରା ପଞ୍ଚାୟତର ଚୌଧୁରୀକୁଦ, ଚଡବସ୍ତକାଳରୁଇ ଏବଂ ଅସ୍ତି ପଞ୍ଚାୟତର ବଡ଼ମଇସାଡି, ପାରଦିପା ଓ ଅସ୍ତି ଇତ୍ୟାଦି ଗ୍ରାମ ଗୁଡ଼ିକୁ ଗସ୍ତ କରି ଜନସାଧାରଣଙ୍କ ଅସୁବିଧାର ସମାଧାନ ଏବଂ ବନ୍ୟା ପାଣି ଛାଡି ନ ଥିବା ଗ୍ରାମ ଗୁଡିକରେ ଆଉ କିଛି ଦିନ ଯାଏ ଖାଦ୍ୟ ବ୍ୟବସ୍ଥା ଜାରି ରଖିବାକୁ ପ୍ରଶାସନକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଅସ୍ତି ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ଜେନା, ସମିତି ସଭ୍ୟଙ୍କ ପ୍ରତିନିଧି କାର୍ତ୍ତିକ ପାତ୍ର, ବରିଷ୍ଠ ବିଜେଡି ନେତା ଶରତ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ପାତ୍ର ଏବଂ ମାନସ ଦାସଙ୍କ ସମେତ ବହୁ ନେତା ବିଧାୟିକାଙ୍କ ସହ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ।

## ବନ୍ୟାବେଳେ ସାପ କାମୁଡ଼ାରେ ଯୁବକ ମୃତ

**ଭୋଗରାଇ, ୨।୭ (ସମିସ):** ସୁବର୍ଣ୍ଣରେଖା ନଦୀରେ ବନ୍ୟାପାଣି ପାଇଁ ଲୋକେ ବହୁ ହନ୍ତସନ୍ତ ହେଉଛନ୍ତି। ପ୍ରଥମ ବନ୍ୟାପାଣିରେ ବୁଡି କୁହ୍ଲା ଓ ଗବଗାଁ ଗ୍ରାମର ଦୁଇ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ପୁଣି ଗବଗାଁ ଗ୍ରାମର ଜଣେ ଯୁବକଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ସୂଚନା ଏହିକି ଯେ ଗବଗାଁ ପଞ୍ଚାୟତ ସେହି ଗ୍ରାମର ବିନୁ ଦଣ୍ଡପାଟଙ୍କ ପୁଅ ଜଗ ଦଣ୍ଡପାଟ ବର୍ତ୍ତନା ଅଞ୍ଚଳରେ ବସବାସ କରିଆସୁଥିଲେ। ଗତ ୨୬ ଜୁନ ଶୁକ୍ରବାର ରାତ୍ରିରେ ବନ୍ୟାପାଣିରେ ତାଙ୍କର ପୈତୃକ ବାସଭବନ ଗବଗାଁକୁ ଆସୁଥିବା ସମୟରେ ପାଣିରେ ସାପ କାମୁଡିଥିଲା। ସେଠାରୁ ଗ୍ରାମର ଯୁବକ ମାନେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ତାଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଯୁବକର ଆଜି ମୃତ୍ୟୁ ଘଟିଛି।

● ଭୁବନେଶ୍ୱରରେ ଓଏଏସ୍ ଅଧିକାରୀଙ୍କୁ ମାଡ଼ ଘଟଣା

# ଛୁଟିରେ ଅଧିକାରୀ, ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟ ଠପ୍



**ବାହାନଗା,୨।୭ (ସମିସ) :** ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଅଫିସ ଭିତରେ ଘୋଷାଡି ଘୋଷାଡି ଆକ୍ରମଣ ଘଟଣାର ପ୍ରତିବାଦରେ ରାଜ୍ୟର ଓଏଏସ ଏବଂ ଓଆରଏସ ଅଧିକାରୀ ଛୁଟିରେ ଯାଇଛନ୍ତି। ଏଥିରୁ ବାଦ ପଡିନି ବାଲେଶ୍ୱର ଜିଲ୍ଲା। ଓଏଏସ ଏବଂ ଓଆରଏସ ଅଧିକାରୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟିରେ ଯାଇଥିବାରୁ ଜିଲ୍ଲାର ବିଭିନ୍ନ ବ୍ଲକରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହି ଘଟଣାରେ ପୁଲିସ କେବଳ ୩ ଜଣଙ୍କୁ ଗିରଫ କରି ଦାୟିତ୍ୱ ସାରି ଦେଇଛି। ସେପଟେ ଅନ୍ୟ ଆକ୍ରମଣକାରୀ ଓ ମୁଖ୍ୟ ଷଡଯନ୍ତ୍ରକାରୀ ଜଗନ୍ନାଥ ପ୍ରଧାନଙ୍କୁ ଗିରଫ ପାଇଁ ଆଦୌ ଆନ୍ତରିକତା ଦେଖାଇନି। ଏହାର ପ୍ରତିବାଦରେ ରାଜ୍ୟ ଓଏଏସ ଏବଂ ଓଆରଏସ ସଂଘ ସମୂହ ଛୁଟିରେ ଯିବାକୁ ଘୋଷଣା କରିଥିଲା। ସମସ୍ତ ଆକ୍ରମଣକାରୀ ଓ ଷଡଯନ୍ତ୍ରକାରୀଙ୍କୁ ତୁରନ୍ତ ଗିରଫ କରି ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ କାର୍ଯ୍ୟସ୍ଥଳରେ ଅଫିସର ମାନଙ୍କ ସୁରକ୍ଷା ଏବଂ ସମ୍ମାନ ଯେପରି ଅକ୍ଷୁର୍ଣ୍ଣ ରୁହେ ସେଥିପ୍ରତି ପଦକ୍ଷେପ ନେବାକୁ ସଂଘ ଦାବି ରଖିଛି। ସେପଟେ ଓଏଏସ ସଂଘ ସହିତ ଓଆରଏସ୍ ଅଧିକାରୀ ମାନେ ସମୂହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟିରେ ଯାଇଛନ୍ତି। ଫଳରେ ବାହାନଗା ବ୍ଲକ କାର୍ଯ୍ୟାଳୟରେ ବିଡିଓ ବିକ୍ରମ କିଶୋର ପରିଡ଼ା ଛୁଟିରେ ଯାଇଥିବା ବେଳେ ବାହାନଗା ତହସିଲରେ ତହସିଲଦାର ଏବଂ ସବ୍‌ରେଜିଷ୍ଟାର ଶଙ୍କର ପଟ୍ଟନାୟକ, ଅତିରିକ୍ତ ତହସିଲଦାର ସତ୍ୟବ୍ରତ ପଣ୍ଡା ମଧ୍ୟ ଛୁଟିରେ ଯାଇଛନ୍ତି। ଫଳରେ ବ୍ଲକ କାର୍ଯ୍ୟାଳୟ ସମେତ ତହସିଲ, ସବ୍‌ରେଜିଷ୍ଟାର କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଅନ୍ୟପଟେ ସାଧାରଣ ଲୋକେ ନିଜ ନିଜର କାମ ପାଇଁ ଆସି ଅସୁବିଧା ଭୋଗ କରିବା ସହ ନିରାଶ ହୋଇ ଫେରୁଥିବାର ଦେଖିବାକୁ ମିଳିଛି। ସରକାର ତୁରନ୍ତ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରି ଲୋକଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବାକୁ ଦାବି ହୋଇଛି।

## ଗୁଣ୍ଡିଚା ମନ୍ଦିର ମେଳା ପଡ଼ିଆରେ ହନୁମାନ ଚାଳିଶା ଓ ରାସଲୀଳା

**ବାଲେଶ୍ୱର,୨।୭ (ସମିସ):** ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମୀ ନଗର ଶ୍ରୀ ଗୁଣ୍ଡିଚା ମନ୍ଦିର ମେଳା ପଡିଆରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ରଥ ଉତ୍ସବର ଚତୁର୍ଥ ଦିନରେ ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି। ଏଠାରେ ଠାକୁରଙ୍କ ସମସ୍ତ ରୀତିନୀତି ସମାପନ ପରେ ତୁଳସୀ ଅଭିଷେକ, ବିଭିନ୍ନ କଳାକାରଙ୍କ ଦ୍ୱାରା ହରିନାମ ସଙ୍କୀର୍ତ୍ତନ, ହନୁମାନ ଚାଳିଶା, ରିଷିକେଶରୁ ଆସିଥିବା କଳା ସଂସ୍ଥାନ ଦ୍ୱାରା 'ସତୀଦାହ' ଉପରେ ଆଧାରିତ ଶ୍ରୀ କୃଷ୍ଣଚରିତ ରାସଲୀଳା ଅନୁଷ୍ଠିତ ହୋଇଥିଲା। ଶ୍ରୀକ୍ଷେତ୍ର ରୀତିନୀତି ଅନୁସାରେ ପବିତ୍ର ହେରାପଂଚମୀ ଅବସରରେ ମା' ଲକ୍ଷ୍ମୀଙ୍କ ଦ୍ୱାରା ରଥଭଙ୍ଗା କାର୍ଯ୍ୟକ୍ରମ ବେଶ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଜଗନ୍ନାଥ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ସୁଶୀଲ କୁମାର ଗୋୟେଙ୍କା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋରୁକୁ ଧକ୍କା ଦେଇ ଦୁଇ ବାଇକ୍ ଆରୋହୀ ଗୁରୁତର

**ବସ୍ତା ବ୍ଲକ, ୨।୭ (ସମିସ):** ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥର ମଥାନୀ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଦୁଇ ବାଇକ ଆରୋହୀ ଗୁରୁତର ହୋଇଥିବା ଜଣା ପଡ଼ିଛି। ବୁଧବାର ସନ୍ଧ୍ୟାରେ ଏକ ବୁଲେଟରେ ଦୁଇ ଜଣ ଯୁବକ ଯାଉଥିବା ସମୟରେ ମଥାନୀ ନିକଟରେ ରାସ୍ତା ଉପରେ ଏକ ଗୋରୁକୁ ଧକ୍କା ରାସ୍ତା ଉପରେ ପଡି ଯାଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଜପଥ ପୁଲିସ ସହାୟତା ରେ ବସ୍ତା ହସ୍ପିଟାଲକୁ ପଠାଇ ଥିଲେ। ସେମାନଙ୍କର ସଠିକ୍ ପରିଚୟ ମିଳି ନଥିବା ବେଳେ ତାଙ୍କ ଘର ବସ୍ତା ବ୍ଲକ ରାଉତପଡ଼ା ବୋଲି କୁହାଯାଉଛି।

ବିନା ଫିଟ୍‌ନେସ୍ ଓ ବୀମାରେ ଗାଡ଼ି ଗଡ଼ିବା ଘଟଣା

# କେସିଏ ପବ୍ଲିକ ସ୍କୁଲ୍‌ର ୨ଟି ବସ୍ ଜବତ

'ସକାଳ' ପ୍ରଭାବ




ବାହାନଗା,୨।୭ (ସମିସ)

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକର ଏକାଧିକ ଘରୋଇ ସ୍କୁଲରେ ବିନା ଫିଟନେସ ଏବଂ ବିନା ଇନ୍ସୁରାନ୍ସ ଗାଡିରେ ଛାତ୍ରଛାତ୍ରୀଙ୍କୁ ବିପଦପୂର୍ଣ୍ଣ ଭାବେ ପରିବହନ କରାଯିବା ଘଟଣାରେ ବାଲେଶ୍ୱର ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗର ବଡ ଆକ୍ସନ। ଏ ନେଇ ଆଜି ''ସକାଳ'ରେ ଖବର ପ୍ରକାଶ ପାଇବାର କିଛି ଘଣ୍ଟା ମଧ୍ୟରେ ଆକ୍ସନ ମୋଡକୁ ଆସିଛି ବାଲେଶ୍ୱର ଆଞ୍ଚଳିକ ପରିବହନ ବିଭାଗ। ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳପୁର ଥାନା ଜୁଣିଆ ଜାଗେଶ୍ୱରପଦାସ୍ଥିତ କେସିଏ ପବ୍ଲିକ ସ୍କୁଲରେ ପହଞ୍ଚି ୨ଟି ସ୍କୁଲ ବସ୍‌କୁ ଜବତ କରି ବାଲେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ନେଇଥିବା ଜଣାପଡିଛି। ଖବର ଅନୁସାରେ ଶିକ୍ଷା ବିଭାଗ ତଥ୍ୟ ଅନୁସାରେ ବାହାନଗା ବ୍ଲକରେ ୧୩ଟି ଘରୋଇ ସ୍କୁଲ ରହିଛି। ଏହି ସ୍କୁଲ ମାନଙ୍କରେ ସମୁଦାୟ ୨୦୨୦ ଜଣ ପିଲା ଚଳିତ ବର୍ଷ ପାଠ ପଢୁଛନ୍ତି। ସ୍କୁଲକୁ ନେବା ଆଣିବା କରୁଥିବା ସ୍କୁଲ ବସ ଏବଂ ଅନ୍ୟ ଗାଡ଼ି ଗୁଡିକ ବିନା ଫିଟନେସ ଏବଂ ବିନା ଇନ୍ସୁରାନ୍ସରେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛି। ସେହିଭଳି ବାହାନଗା ବ୍ଲକର ଜୁଣିଆ ଜାଗେଶ୍ୱରପଦାସ୍ଥିତ କେସିଏ ପବ୍ଲିକ ସ୍କୁଲରେ ୫ରୁ ଊର୍ଦ୍ଧ୍ୱ ସ୍କୁଲ ବସ୍ ରହିଛି। ହେଲେ ସେହି ବସ ଗୁଡିକ ସ୍କୁଲର ଛାତ୍ରଛାତ୍ରୀଙ୍କୁ ପରିବହନ କରୁଥିବା ବେଳେ ବସ ଗୁଡିକରେ ୨୦୨୧ ମସିହାରୁ ଫିଟନେସ ଏବଂ ଇନ୍ସୁରାନ୍ସ ଅବଧି ସରିଥିବା ବେଳେ ବିପଦପୂର୍ଣ୍ଣ ଭାବେ ଛାତ୍ରଛାତ୍ରୀଙ୍କୁ ପରିବହନ କରିଆସୁଛି। ଏ ନେଇ ଆଜି ''ସକାଳ'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବାର କିଛି ଘଣ୍ଟା ମଧ୍ୟରେ ଆକ୍ସନ ମୋଡକୁ ଆସିଥିଲା ଜିଲ୍ଲା ପ୍ରଶାସନ ଏବଂ ବାଲେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ। ବାଲେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ରଶ୍ମି ରଞ୍ଜିତ ଦଳବେହେରାଙ୍କ ନିର୍ଦ୍ଦେଶ କ୍ରମେ କିଛି ଘଣ୍ଟା ମଧ୍ୟରେ ଏମ.ଭି. ଆଇ ସ୍ୱାହା ହେମ୍ବ୍ରମଙ୍କ ସମେତ ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ସଦଳବଳେ କେସିଏ ପବ୍ଲିକ ସ୍କୁଲରେ ପହଞ୍ଚି ସ୍କୁଲ ବସ୍ ଗୁଡିକର କାଗଜପତ୍ର ଯାଞ୍ଚ କରିଥିଲେ। ୪ ବର୍ଷ ଧରି ବିନା ଫିଟନେସ ଏବଂ ବୀମାରେ ବିପଦପୂର୍ଣ୍ଣ ଭାବେ ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ନେବା ଆଣିବା କରାଯିବାର ପ୍ରମାଣ ପାଇଥିଲେ। ପରେ ପରିବହନ ବିଭାଗର ଅଧିକାରୀମାନେ କେସିଏ ପବ୍ଲିକ ସ୍କୁଲର ୨ଟି ସ୍କୁଲ ବସ୍‌କୁ ଜବତ କରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ନେଇ ଯାଇଥିବାର ଏମ.ଭି. ଆଇ ସୂଚନା ଦେଇଛନ୍ତି। ସେପଟେ ବ୍ଲକରେ ଥିବା ଜାଗେଶ୍ୱରପଦା ଆଦର୍ଶ ବିଦ୍ୟାଳୟ ସମେତ ଅନ୍ୟ ଘରୋଇ ସ୍କୁଲ ଗୁଡିକରେ ଛାତ୍ରଛାତ୍ରୀଙ୍କୁ ନେବା ଆଣିବାରେ ନିୟୋଜିତ ହୋଇଥିବା ଗାଡ଼ି ଗୁଡିକରେ ମଧ୍ୟ ଫିଟନେସ ଏବଂ ବୀମା ନଥିବା ବେଳେ ବିପଦପୂର୍ଣ୍ଣ ଭାବେ ଛାତ୍ରଛାତ୍ରୀଙ୍କୁ ପରିବହନ କରୁଥିବା ବେଳେ ପରିବହନ ବିଭାଗ ତୁରନ୍ତ ସମସ୍ତ ସ୍କୁଲ ଗୁଡିକରେ ସ୍ୱତନ୍ତ୍ର ଭାବେ ଯାଞ୍ଚ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏ ନେଇ ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜିତ ଦଳବେହେରା କୁହନ୍ତି ପ୍ରାଥମିକ ପର୍ଯ୍ୟାୟରେ କେସିଏ ପବ୍ଲିକ ସ୍କୁଲର ୨ଟି ବସ୍‌କୁ ଜବତ କରାଯିବା ସହ ତାଗିଦ କରାଯାଇଛି। ଏହାର ପୁନରାବୃତ୍ତି ଘଟିଲେ ଅନ୍ୟ ଗାଡି ଗୁଡିକୁ ଜବତ କରାଯିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ଖୁବଶୀଘ୍ର ଅନ୍ୟ ସ୍କୁଲମାନଙ୍କରେ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଖୁବ୍‌ଶୀଘ୍ର ଅନ୍ୟ ସ୍କୁଲରେ ହେବ ଯାଞ୍ଚ: ଆରଟିଓ ଅଧିକାରୀ

## ଔପଦା ଡିଗ୍ରୀ କଲେଜରେ ବିଜ୍ଞାନ ବିଭାଗ ଖୋଲିଲା

**ଔପଦା, ୨।୭ (ସମିସ):** ଔପଦା ମୁଖ୍ୟାଳୟସ୍ଥିତ ଔପଦା ଡିଗ୍ରୀ କଲେଜର ବିଜ୍ଞାନ ବିଭାଗ ଖୋଲିବାକୁ ସରକାରଙ୍କ ଅନୁମତି ବିଜ୍ଞପ୍ତି ଜାରି ହୋଇଛି। ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ପତ୍ରାଙ୍କ ନମ୍ବର ୩୩୪୮୧ ତା୨୫/୦୬/୨୦୨୫ ରିଖ ଅନୁଯାୟୀ ଔପଦା ଡିଗ୍ରୀ ମହାବିଦ୍ୟାଳୟ ଔପଦାର ସ୍ନାତକ ସ୍ତରରେ ୨୦୨୫-୨୬ ଖୋଲିବା ପାଇଁ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଔପଦା ଅଞ୍ଚଳ ପାଇଁ ଏହା ନିତ୍ୟାନ୍ତ ଆବଶ୍ୟକତା ଥିବାରୁ ଅଞ୍ଚଳ ବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ସନ୍ତୋଷ ଖଟୁଆ କୃତଜ୍ଞତା ଜଣାଇଛନ୍ତି।



**ଲଗାଣ ବର୍ଷା ଉଜାଡ଼ିଲା ଚାଷ**

# ଶହେ ଏକର ଜମିର ଧାନତଳି ନଷ୍ଟ

ବାଲେଶ୍ୱର,୨।୭ (ସମିସ)



ଗତ ଚାରିଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ବାଲେଶ୍ୱରରେ ହୋଇଥିଲା। ଏହାରି ଫଳରେ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଥିବା ବେଳେ ଅନ୍ୟପଟେ ସୁବର୍ଣ୍ଣରେଖା, ଜଳକା ଏବଂ ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ବୃଦ୍ଧି ପାଇଥିଲା। ପାଣିଘେରରେ ଏବେ ଚାଷୀମାନଙ୍କ ଚାଷଜମି ରହିଥିବା ବେଳେ ଚାଷ କାର୍ଯ୍ୟ ପାଇଁ ପ୍ରାରମ୍ଭିକ ଭାବେ ପକାଯାଇଥିବା ତଳିଗୁଡିକ ଏବେ ନଷ୍ଟ ହେବାକୁ ବସିଲାଣି। ଏପରିକି ବାଲେଶ୍ୱର ସଦର ବ୍ଲକରେ ଶହେ ହେକ୍ଟର ଜମିରେ ପଡିଥିବା ତଳି ସବୁ ନଷ୍ଟ ହୋଇଯାଇଛି।

ସୂଚନା ଅନୁସାରେ, ଧାନ ଚାଷ କରି ଚାଷୀମାନେ ପରିବାର ପ୍ରତିପୋଷଣ କରନ୍ତି। ଚଳିତ ଲଗାଣ ବର୍ଷା ଓ ପରେ ବନ୍ୟା ପରିସ୍ଥିତି ଚାଷ ଉଜାଡ଼ି ଦେଇଛି। ଲଘୁଚାପ ସୃଷ୍ଟି ହେବା ପୂର୍ବରୁ ଚାଷୀମାନେ ନିଜର ବିଲରେ ତଳି ପକାଇଥିଲେ। ବିଲରେ ପାଣି ମାଡିଯିବା ଫଳରେ ତଳିଗୁଡିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଏଭଳି ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି ସଦର ବ୍ଲକରେ। ପ୍ରାଥମିକ ସ୍ତରରେ ବ୍ଲକ କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସଦର ବ୍ଲକରେ ୧୦୨ ହେକ୍ଟର ଚାଷ ଜମିରେ ବର୍ତ୍ତମାନ ସୁଦ୍ଧା ପାଣି ପଶିଯିବା ଫଳରେ ତଳାଗୁଡିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଛି। କିଛି ଚାଷ ଜମିରୁ ପାଣି ଛାଡିଥିବା ବେଳେ ଅନ୍ୟ କିଛି ଜମିରୁ ପାଣି ଛାଡି ନାହିଁ। ଏପରିସ୍ଥିତିରେ ଏବେ ଚାଷୀମାନେ ମୁଣ୍ଡରେ ହାତଦେଇଛନ୍ତି। ଚାଷ କାର୍ଯ୍ୟ ଆରମ୍ଭରେ ଚାଷୀମାନେ ତଳା ପାଇ ତାହାକୁ ପରବର୍ତି ସମୟରେ ରୋଇ ଥାଆନ୍ତି। ହେଲେ ଲଗାଣ ବର୍ଷା ସେମାନଙ୍କ ତଳି ସବୁ ନଷ୍ଟ କରିଦେଇଛି। ଏ ନେଇ ପଦାବଡଗାଁ ଅଂଚଳର ଜଣେ ଚାଷୀ ଉମାକାନ୍ତ ଭୂୟାଁ କହିଛନ୍ତି ଯେ, ସେ ଚଳିତ ବର୍ଷ ୮ଏକର ଜମିରେ ୫୦କେଜି ଧାନର ତଳା ପକାଇଥିଲେ। ହେଲେ ତଳା ପକାଇବାର କିଛି ଦିନ ମଧ୍ୟରେ ବର୍ଷା ହୋଇଯିବାରୁ ଧାନ ସବୁ ଉପରକୁ ଉଠି ଆସିଥିଲା ଆଉ ଯାହାବି କିଛି ତଳା ହୋଇଥିଲା ତାହା ସବୁ ନଷ୍ଟ ହୋଇଯାଇଛି। ସେ କଳାଚମ୍ପା ଧାନ୧୦କେଜିକୁ ୭୫୦ଟଙ୍କା ଏବଂ ସ୍ୱର୍ଣ୍ଣ ଧାନ ୧୦କେଜିକୁ ୭୮୦ଟଙ୍କା ଦରରେ କିଣି ତଳି ପକାଇଥିଲେ ଯାହାକି ଏବେ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଚାଷ ପାଇଁ ପାଖାପାଖି ଏହି ୮ଏକର ଜମିରେ ୫୦ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥାଆନ୍ତା ବୋଲି କହିଛନ୍ତି। ଲଗାଣ ବର୍ଷା ଯୋଗୁ ଚାଷ କାର୍ଯ୍ୟ କିପରି ଭାବେ ହେବ ତାହାକୁ ନେଇ ଚିନ୍ତାରେ ରହିଛନ୍ତି। ଅନ୍ୟପଟେ କୃଷି ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଏହି କ୍ଷୟକ୍ଷତିର ତଦନ୍ତ ହୋଇନଥିବା କହିଛନ୍ତି। ସେହିପରି ଆଉ ଜଣେ ଚାଷୀ ବାବୁଲା ମାର୍ଣ୍ଡି କହିଛନ୍ତି ଯେ, ସେ ୧୨ଏକର ଜମିରେ ତଳା ପକାଇଥିଲେ। ହେଲେ ଏହି ଲଗାଣ ବର୍ଷା ତାଙ୍କର ତଳାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଛି। ତେବେ ଆଗକୁ କିପରି ଭାବେ ଚାଷ କରିବେ ତାହା ଏବେ ତାଙ୍କର ଦୁଃଖ ବଢ଼ାଇଦେଇଛି। ଧାର କରଜ ଏବଂ ସୋସାଇଟିରୁ ଋଣ କରି ଏହି ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ ଏବେ କିପରି ଭାବେ ତାହା ଭରଣା ହେବ ସେନେଇ ଚିନ୍ତାରେ ରହିଛନ୍ତି ବୋଲି କହିଛନ୍ତି। ଏ ନେଇ ବ୍ଲକ କୃଷି ଅଧିକାରୀ ଅଳକା ସାହୁ କହିଛନ୍ତି ଯେ, ବିଭାଗ ପକ୍ଷରୁ ପ୍ରାଥମିକ ସ୍ତରରେ ବ୍ଲକରେ ୧୦୨ଏକର ଜମିରେ ପଡିଥିବା ତଳା ଗୁଡିକ ନଷ୍ଟ ହୋଇଛି। ଏବେ ବି ଅଧିକାଂଶ ବିଲରେ ପାଣି ରହିଥିବା ବେଳେ ଆକଳନ ସମ୍ପୂର୍ଣ୍ଣ ଶେଷ ହୋଇ ନାହିଁ। ବିଲରୁ ସମ୍ପୂର୍ଣ୍ଣ ଭାବେ ପାଣି ଛାଡିଲା ପରେ ପ୍ରକୃତରେ କେତେ ଜମିରେ ଏହି ତଳା ନଷ୍ଟ ହୋଇଛି ତାହାର ସଠିକ ଆକଳନ କରାଯାଇ ପାରିବ। ପରେ ଚାଷୀମାନଙ୍କୁ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

## ସ୍ୱପ୍ନଜ୍ୟୋତି ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା



ବାଲେଶ୍ୱର,୨।୭ (ସମିସ): ରେମୁଣାଖୁସାଲିଗଞ୍ଜ ଚରଣପାଳସ୍ଥିତ ସ୍ୱପ୍ନଜ୍ୟୋତି ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ରୀତିନୀତି ମଧ୍ୟରେ ଠାକୁରଙ୍କ ସେବା ସମ୍ପନ୍ନ ହୋଇଥିଲା। ସକାଳେ ମଙ୍ଗଳ ଆଳତି, ସୂର୍ଯ୍ୟ ପୂଜା, ରୋଷ ହୋମ, ମଇଲମ, ତିନି ରଥର ପ୍ରତିଷ୍ଠା ସହ ଅପରାହ୍ନରେ ତିନି ଠାକୁରଙ୍କ ଗୋଟି ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ଇଂ ଦୟାଲ ଚନ୍ଦ୍ର ଦାଶ ତିନି ରଥରେ ଛେରାପହଁରା କରିଥିଲେ। ବାରିପଦା ରଥଯାତ୍ରା ପରି ପ୍ରଥମ ଦିନ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହେବା ପରେ ପରଦିନ ରଥଟଣା ଅନୁଷ୍ଠିତ ହୋଇଥାଏ । ବଡ଼ ଭାଇ ଶ୍ରୀ ବଳଭଦ୍ର, ତାଳଧ୍ୱଜ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ପୁରୁଷମାନେ ଟାଣିଥିବା ବେଳେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ମହିଳାମାନେ ଶ୍ରଦ୍ଧା ଓ ଭକ୍ତିର ସହ ରେମୁଣା ମନ୍ଦିର ଛକ ସତସଙ୍ଗ ବିହାରସ୍ଥିତ ମାଉସୀ ମା' ମନ୍ଦିରକୁ ଟାଣି ଟାଣି ନେଇଥିଲେ। ଆଖପାଖ ଅଞ୍ଚଳରେ ହଜାର ହଜାର ଶ୍ରଦ୍ଧାଳୁ ଏହି ଘୋଷଯାତ୍ରାରେ ସାମିଲ ହୋଇଥିଲେ। ନବଦିନାତ୍ମକ ଯାତ୍ରାରେ ଶ୍ରୀ ଜୀଉମାନେ ମାଉସୀମା ମନ୍ଦିରରେ ଦଶ ଅବତାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

## ଆଳଦିଆ ଗ୍ରାମରେ ଘୋଷଯାତ୍ରା



ବାଲେଶ୍ୱର,୨।୭ (ସମିସ): ସଦର ବ୍ଲକ ଅନ୍ତର୍ଗତ ହିଡିଗାଁ ପଞ୍ଚାୟତର ଆଳଦିଆ ଗ୍ରାମରେ ଥିବା ବହୁ ପୁରାତନ ଶ୍ରୀ ଜଗନ୍ନାଥ ମନ୍ଦିରର ଘୋଷଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଘୋଷଯାତ୍ରାରେ ତିନି ଠାକୁରଙ୍କର ମଙ୍ଗଳ ଆଳତୀ, ମଇଲମ, ରଷୋହୋମ, ଅବକାଶ, ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ପରେ ମହାପ୍ରଭୁଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାପ୍ରଭୁଙ୍କ ଠାରେ କ୍ଷୀରି, ଖେଚୁଡି ଭୋଗ ଲାଗି କରାଯାଇଥିଲା। ପରେ ତିନି ଠାକୁରଙ୍କ ପୂଜାର୍ଚ୍ଚନା ପରେ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ପରେ ରଥରେ ଛେରା ପହରା ପରେ ରଥ ଟଣା ଆରମ୍ଭ ହୋଇଥିଲା। ମାଉସୀମା ମନ୍ଦିର ଯିବା ବାଟରେ ହଜାର ହଜାର ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଥିଲା। କମିଟିର ସଭାପତି ବିରେନ୍ଦ୍ର କୁମାର ନାୟକ, ରାଜକିଶୋର ବେହେରା, କୃଷ୍ଣଚନ୍ଦ୍ର ନାୟକ, ଶ୍ରୀକାନ୍ତ ବେହେରା, ବିଜୟ ପରିଡା, ଦିଲ୍ଲୀପ ବେହେରା, ମାନସ ପରିଡାଙ୍କ ସମେତ ମନ୍ଦିର କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ରଥଯାତ୍ରା ପରିଚାଳନା କରିଥିଲେ।

## ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ପକ୍ଷରୁ ଶ୍ରାବଣ ମେଳା



ବାଲେଶ୍ୱର,୨।୭ (ସମିସ): ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ ବାଲେଶ୍ୱର ଶାଖା ପକ୍ଷରୁ ପବିତ୍ର ଶାବଣ ମାସର ଆଗମନରେ 'ଶ୍ରାବଣମେଳା୨୦୨୫'ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ବସ୍ତା ବିଧାୟିକା ସୁବାସିନୀ ଜେନା ଏହାକୁ ଉଦଘାଟନ କରିବା ସହ ଏହି ମେଳା ନାରୀଶକ୍ତି ଜାଗରଣର ଅନ୍ୟ ଏକ ସ୍ୱରୂପ ବୋଲି କହିଥିଲେ। ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନର ରାଷ୍ଟ୍ରୀୟ ଅଧ୍ୟକ୍ଷା ଅଞ୍ଜୁ ସରାଓଗୀ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମାରୱାଡ଼ି ମହିଳା ସମ୍ମେଳନର ବାଲେଶ୍ୱର ଶାଖା ସଭାନେତ୍ରୀ ମନିଷା ମୋଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମେଳା ଆୟୋଜନ କରାଯାଇଥିଲା। ସଙ୍ଗଠନର ପାଣ୍ଠି ସଂଗ୍ରହ ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଏହି ମେଳା ଆୟୋଜିତ ହେଉଥିବା ସମ୍ପାଦିକା ଶ୍ରୀମତୀ ମୋଦି ପ୍ରକାଶ କରିଥିଲେ। ଚଳିତ ବର୍ଷ ମେଳାରେ ବିଭିନ୍ନ ଅଂଚଳରୁ ଷ୍ଟଲ ଲାଗିଥିବା ବେଳେ ଏଥିରେ ରାକ୍ଷୀ ମୁଖ୍ୟ ଆକର୍ଷଣ ହୋଇଥିଲା। ଏହା ସହିତ ମାରୱାଡି ସମୁଦାୟଙ୍କ 'ଶ୍ରୀଧାରା' ଉତ୍ସବ ପାଳନ ପାଇଁ ଆବଶ୍ୟକୀୟ ନୂତନ ପୋଷାକ ଓ ଅଳଙ୍କାରର ଏକାଧିକ ଷ୍ଟଲ ଖୋଲାଯାଇଥିବା ଲକ୍ଷ୍ୟ କରାଯାଇଥିଲା। ମେଳାରେ ୪୦ଟି ଷ୍ଟଲ ଲାଗିଥିଲା। ବାଲେଶ୍ୱର ସମେତ ଝାଡ଼ଖଣ୍ଡ, କୋଲକାତା, କଟକ, ବାରିପଦା ପ୍ରଭୃତି ସ୍ଥାନରୁ ଆସି ମହିଳାମାନେ ଷ୍ଟଲ ଲଗାଇଥିବା ଦେଖିବାକୁ ମିଳିଥିଲା। ମାରୱାଡ଼ି ମହିଳା ସମ୍ମେଳନ ବାଲେଶ୍ୱର ଶାଖା ସମ୍ପାଦିକା କବିତା ବାହାତି ଓ କୋଷାଧ୍ୟକ୍ଷା ରଶ୍ମି ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିସିଆଇସି ଓ ଲାୟନ୍ସ କ୍ଲବ୍ ପକ୍ଷରୁ ଚାରା ବଣ୍ଟନ

ବାଲେଶ୍ୱର,୨।୭ (ସମିସ): ପରିବେଶଗତ ସ୍ଥିରତା ଏବଂ ଗ୍ରାମୀଣ ସଶକ୍ତିକରଣ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ବାଲେଶ୍ୱର ଚାମ୍ବର ଅଫ ଇଣ୍ଡଷ୍ଟ୍ରିଜ ଆଣ୍ଡ କମର୍ସ ଏବଂ ଲାୟନ୍ସ କ୍ଲବ ଅଫ ବାଲେଶ୍ୱରର ମିଳିତ ଆନୁକୂଲ୍ୟରେ "ଗୋଟିଏ ଗଛ, ଅନେକ ସ୍ୱପ୍ନ"ବ୍ୟାନରରେ ୫ଶହରୁ ଅଧିକ ଚାରା ବଣ୍ଟନ କରାଯାଇଛି। ବାଲେଶ୍ୱର ଜିଲ୍ଲାର ନଛିପୁର, ଗୁଡ଼ଦା ଏବଂ ରେମୁଣା ଗ୍ରାମରେ ଚାରା ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ ପରିବାରକୁ ମୂଲ୍ୟ ପାଇଁ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଚାମ୍ବର ଅଫ ଇଣ୍ଡଷ୍ଟ୍ରିଜ ଆଣ୍ଡ କମର୍ସର ସଭାପତି ସଞ୍ଜୟ ଦାସ,ଉପ ସଭାପତି ଶ୍ରୀଭଗୱାନ ଗୁପ୍ତା, ସାଧାରଣ ସମ୍ପାଦକ ସୁନିଲ ମୋଦି, ସଚିବ (ଆର୍ଥିକ) ବିଷ୍ଣୁ ମାରୁ,ବାଲେଶ୍ୱର ଲାୟନ୍ସ କ୍ଲବର ସଭାପତି ଶିବ କୁମାର ପୋଦାର, ଜଗଦମ୍ବା ଲିମର୍ସ ପ୍ରାଇଭେଟ ଲିମିଟେଡ ପରିଚାଳନା ନିର୍ଦ୍ଦେଶକ ସିପି ଭରତିଆଙ୍କ ବହୁ ବ୍ୟବସାୟୀ ସମ୍ପ୍ରଦାୟ ଏବଂ ନାଗରିକମାନେ ଉପସ୍ଥିତ ଥିଲେ।




ପାଞ୍ଚଟି ଲେଖାଏ ମହୋଗନି ଚାରା ବଣ୍ଟନ କରାଯାଇଥିଲା। ଏହା ଚାରା ସେମାନଙ୍କର ଦୀର୍ଘକାଳୀନ ପରିବେଶଗତ ଏବଂ ଆର୍ଥିକ ଏହି ବୃକ୍ଷ ଗୁଡିକର ରକ୍ଷଣ ବେକ୍ଷଣା ଦାୟିତ୍ୱ ଶ୍ୟାମାଚରଣ ମେମୋରିଆଲ ଏଜୁକେସନାଲ୍ ଟ୍ରଷ୍ଟ ଦ୍ୱାରା କରାଯିବ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସୁପରିଚାଳନା ସମୀକ୍ଷା ବୈଠକ

ବାଲେଶ୍ୱର,୨।୭ (ସମିସ): ଫକୀରମୋହନ ମେଡିକାଲ କଲେଜର ବିଭିନ୍ନ ବିଭାଗ ରେମୁଣାସ୍ଥିତ ମୁଖ୍ୟ କ୍ୟାମ୍ପସକୁ ସ୍ଥାନାନ୍ତରଣ ପରେ ସ୍ୱାସ୍ଥ୍ୟସେବାକୁ ନେଇ ଉଜୁପିଥିବା ସମସ୍ୟାର ମୁକାବିଲା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସୁପରିଚାଳନା ଏବଂ ଉନ୍ନତିକରଣ ନେଇ ଏକ ସମୀକ୍ଷା ବୈଠକ ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଟ୍ରେନିଂ ସେଣ୍ଟରରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ହସପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଗିରିଜା ଶଙ୍କର ଦାସ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପରେଶ ଚନ୍ଦ୍ର ନନ୍ଦୀ ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପୀନାକି ସ୍ୱାଇଁ ପ୍ରମୁଖଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ବିଭାଗର ଡାକ୍ତର ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଶେଷ କରି ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାର ସୁପରିଚାଳନା ପାଇଁ ସର୍ବନିମ୍ନ ଆବଶ୍ୟକତା ଅନୁଯାୟୀ ଡାକ୍ତର ପଦବୀ ପୂରଣ ଉପରେ ଆଲୋଚନା ହୋଇଥିଲା। ସେହିପରି ବିଭିନ୍ନ ବିଭାଗରେ ଆବଶ୍ୟକତା ଥିବା ନର୍ସିଂ ଷ୍ଟାଫଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଡେଣ୍ଟାଲ ବିଭାଗରେ ଅନ୍ୟ ଡାକ୍ତରଖାନାରୁ ଅତିରିକ୍ତ ଡାକ୍ତରଙ୍କୁ ଦାୟିତ୍ୱ ପ୍ରଦାନ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଥିବା ସର୍ବନିମ୍ନ ୬ଜଣ ଫାର୍ମାସିଷ୍ଟଙ୍କୁ ତୁରନ୍ତ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଶ୍ରୀ ଦତ୍ତ କହିଥିଲେ। ମେଡିକାଲରେ ଅଲଟ୍ରା ସାଉଣ୍ଡ ମେସିନ ଅଭାବକୁ ନେଇ ବାରମ୍ବାର ଅଭିଯୋଗ ହେଉଥିବାରୁ ବିଧାୟକଙ୍କ ପାଣ୍ଠିରୁ ଅନ୍ୟ ଏକ ମେସିନ ପାଇଁ ଅନୁଦାନ ଦିଆଯିବ ବୋଲି ଶ୍ରୀ ଦତ୍ତ କହିଥିଲେ। ଅନ୍ୟପଟେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିଜସ୍ୱ ସୁରକ୍ଷା କର୍ମୀ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା ନେଇ ବିଧାୟକ ସୂଚନା ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ୪୩୦ ବେଡରେ ଚିକିତ୍ସା ଉପଲବ୍ଧ। ମେଡିସିନ, ସର୍ଜରୀ, ଶିଶୁ ବିଭାଗ ସହ ଏସଏନସିୟୁ, ଚାଇଲଡ ଆଇସିୟୁ, ଜେନେରାଲ ଆଇସିୟୁ, ଅର୍ଥୋପେଡିକ ଆଦି ସବୁ ବିଭାଗ ସୁଚାରୁ ଭାବେ ପରିଚାଳିତ ହେଉଥିବା ବେଳେ ଏମଆରଆଇ, ସିଟି ସ୍କାନ ସହ ସେଂଟ୍ରାଲ ଲାବର ସୁବିଧା ରହିଛି ବୋଲି ଆଲେଚନା ହୋଇଥିଲା। ଏହି ବୈଠକରେ ଆଉ ଗୋଟିଏ ରୋଚକ ଘଟଣା ଦେଖିବାକୁ ମିଳିଛି। ଖୋଦ ବିଧାୟକ ଶ୍ରୀ ଦତ୍ତ ଡାକ୍ତରମାନଙ୍କୁ ମେଡିକାଲର କୌଣସି ତଥ୍ୟ ଉପରେ ଗଣମାଧ୍ୟମକୁ ବାଇଟ ନ ଦେବା ପାଇଁ ସ୍ପଷ୍ଟ ମନା କରିଛନ୍ତି। ଯାହାର ଏକ ଭିଡିଓ ଏବେ ଭାଇରାଲ ହୋଇଛି। କାଳେ ମେଡିକାଲର ଭିତିରି କଥା ଲୋକେ ଜାଣିଯିବେ ବୋଧ ହୁଏ ବିଧାୟକ ଏହାକୁ ଆଖି ଆଗରେ ରଖି କହିଥାଇ ପାରନ୍ତି ବୋଲି ଏବେ ଆଲୋଚନା ଜୋର ଧରିଛି।

## ଯାତ୍ରୀବାହୀ ବସ୍‌ର ସମ୍ମୁଖ କାଚ ଭାଙ୍ଗିଲା, ଯାତ୍ରୀ ଆହତ

ବାଲେଶ୍ୱର,୨।୭ (ସମିସ): ବାଲେଶ୍ୱରରୁ ବାଲିଆପାଳ ଅଭିମୁଖେ ଯାଉଥିବା ଯାତ୍ରୀବାହୀ ବସ୍‌ର ସମ୍ମୁଖ କାଚ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯିବା କାରଣରୁ ଡ୍ରାଇଭର ନିକଟରେ ବସିଥିବା କିଛି ଯାତ୍ରୀଆହତହୋଇଛନ୍ତି।ଯଶୋଦାନାମକଏକଯାତ୍ରୀବାହୀବସସହଦେବଖୁଂଟାବସ୍ଷ୍ଟାଣ୍ଡରୁ ବାଲିଆପାଳ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଏହି ବସରେ ପାଖାପାଖି ୪୫ରୁ ଅଧିକ ଯାତ୍ରୀ ରହିଥିଲେ। ବସଟି ଦହପଡା ଛକ ପହଁଚିବା ପୂର୍ବରୁ ବସ୍‌ର ସମ୍ମୁଖ ଭାଗ କାଚଟି ହଠାତ ଫାଟିଯାଇଥିଲା। ଫଳରେ ଡ୍ରାଇଭର ନିକଟରେ ବସିଥିବା କିଛି ଯାତ୍ରୀଙ୍କ ମୁହଁରେ ଏହି କାଚ ମାଡ ହୋଇଥିଲା। ଏଥିରେ କିଛି ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ।




## ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ 'ଅନୁଭୂତିରେ ଶ୍ରୀଜଗନ୍ନାଥ'




ବାଲେଶ୍ୱର,୨।୭ (ସମିସ): ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଉପଲକ୍ଷେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ପାଳନ କରାଯାଉଥିବା ନବଦିବସୀୟ 'ରଥରୁ ବାହୁଡ଼ା:ସାଂସ୍କୃତିକ କାର୍ଯ୍ୟକ୍ରମ'ର ପଞ୍ଚମ ଦିବସରେ ଅନୁଷ୍ଠାନର ଉପସଭାପତି ନିବାରଣ ଜେନାଙ୍କ ପୌରୋହିତ୍ୟରେ ତଥା କୋଷାଧ୍ୟକ୍ଷ ଦୀପକ ବୋଷଙ୍କ ସଂଯୋଜନାରେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ. ରମାକାନ୍ତ ନାୟକ, କଲ୍ୟାଣୀ ନନ୍ଦ, ସ୍ନିଗ୍ଧା ସାମନ୍ତରାୟ, ସୁନାମଣି ଜେନା, ଅର୍ଚ୍ଚନା ନନ୍ଦୀ, ଅର୍ଚ୍ଚନା କର, ରାଜେନ୍ଦ୍ର ରାଉତ, ପୁଷ୍ପଲତା ଚକ୍ରବର୍ତ୍ତୀ, ନରେନ୍ଦ୍ର ନାଥ ପାଣିଗ୍ରାହୀ ପ୍ରମୁଖ ଶ୍ରୀ ଜଗନ୍ନାଥଙ୍କ ସଂପର୍କିତ ନିଜ ନିଜ ଅନୁଭୂତି ବଖାଣି ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସଦସ୍ୟ ଜ୍ଞମରନାଥ ପାତ୍ର ଓ ଡ. ହେମମାଳା ଦାଶଙ୍କ ଜନ୍ମଦିନ ଅବସରରେ ସେମାନଙ୍କୁ ଅଭିନନ୍ଦନ ଜ୍ଞାପନ ଜଣାଯାଇଥିଲା। ଶେଷରେ ଯୁଗ୍ମସମ୍ପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ଚାଟାର୍ଜୀ, ତପନ ରାୟ, କରୁଣାକର ସ, ଶରତ ମହାପାତ୍ର, ହରେକୃଷ୍ଣ ପଲେଇ, ଅନାଦୀ ଚରଣ ଜେନା, ନିରଞ୍ଜନ ରାଉତ, ବେଣୁଧର ସାହୁ, ଉଦୟ ଶଙ୍କର ପରିଡ଼ା ପ୍ରମୁଖ ବହୁ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ

## ୧୩ରେ ଜିଲ୍ଲା ରକ୍ତଦାତା ସଂଘର ବାର୍ଷିକ ସମ୍ମିଳନୀ



ବାଲେଶ୍ୱର,୨।୭ (ସମିସ): ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ପଞ୍ଚଦଶ ବାର୍ଷିକ ସମ୍ମିଳନୀ ଓ ସାଧାରଣ ସଭା ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବ। ସଂଘର ସଭାପତି କମଳ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଇଂଡ ହୃଷିକେଶ ସାହୁ ସମ୍ମିଳନୀ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ଏହି ସମ୍ମିଳନୀକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦଘାଟନ କରିବେ ଓ ମୁଖ୍ୟଅତିଥି ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବାଲେଶ୍ୱରର ବିଧାୟକ ବୃନ୍ଦ, ଜିଲ୍ଲା ରକ୍ତ କେନ୍ଦ୍ରର ଅଧିକାରୀ ଅତିଥି ଓ ବକ୍ତାଭାବେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ଏହି ଅବସରରେ ସଂଘର ବାର୍ଷିକ ମୁଖପତ୍ର 'ସ୍ପନ୍ଦନ'କୁ ଅତିଥିମାନେ ଉନ୍ମୋଚନ କରିବେ। ସର୍ବାଧିକ ରକ୍ତ ସଂଗ୍ରହ କରିଥିବା ଶିବିର ଓ ସର୍ବାଧିକଥର ରକ୍ତଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ରାଜେଶ ଗିରି,ରବିନାରାୟଣ ଭୋଳ, ଯୋଗେଶ ଚନ୍ଦ୍ର ପ୍ରଧାନ, ସିମନ ମହାପାତ୍ର, ରଙ୍ଗାଧର ଦାସ, ଶ୍ରୀକୁମାର କୃଷ୍ଣ କର, କଳ୍ପିତାରାଣୀ ସାହୁ, ଦେବାଶିଷ ପାଣି, ବିଜୟପାତ୍ର, ଡକାଳୀପଦ ପଣ୍ଡା, ଲକ୍ଷ୍ମୀଧର ବାରିକ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ସମ୍ମିଳନୀର ସଫଳତା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଅକ୍ଷୟ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

### ମହରମ ପର୍ବ ଉପଲକ୍ଷେ ବାଲେଶ୍ୱର ପୌରାଞ୍ଚଳରେ ଗାଡ଼ି ଚଳାଚଳ କଟକଣା

ବାଲେଶ୍ୱର,୨।୭ (ସମିସ): ମହରମ ଉପଲକ୍ଷେ ବାଲେଶ୍ୱର ପୌରାଞ୍ଚଳରେ ଯାନବାହନ ଚଳାଚଳରେ କଟକଣା ଲାଗୁ କରାଯାଇଛି। ଜିଲ୍ଲା ଗୁଇନ୍ଦା ବିଭାଗ ଚିଠି ସଂଖ୍ୟା ୪୦୮୮/ ଆଇ.ବି ଅନୁଯାୟୀ ଆରକ୍ଷୀ ଅଧୀକ୍ଷକ ବାଲେଶ୍ୱରଙ୍କ ନିର୍ଦ୍ଦେଶ ଅନୁସାରେ ବାଲେଶ୍ୱର ପୌରାଞ୍ଚଳର ଜନସାଧାରଣଙ୍କ ଅବଗତି ପାଇଁ ଜଣା ଯାଇଛି ଯେ, ଆସନ୍ତା ମହରମ ପର୍ବକୁ ଦୃଷ୍ଟିରେ ରଖି ଚଳିତ ମାସ ୩, ୪, ୫, ୭ ତାରିଖ ପାଳନ ପରିପ୍ରେକ୍ଷୀରେ ଆଖଡ଼ା/ ତାଜିଆ, ଶୋଭା ଯାତ୍ରା ପାଇଁ ସହରର ବିଭିନ୍ନ ରାସ୍ତା, ଗଳିଛକ - ନୁଣିଆ ଯୋଡ଼ି, ଫାଣ୍ଡି ଛକ, ଚିଡ଼ିଆ ପୋଲ, ସିନେମା ଛକ, ଟାଉନ ଥାନା ଛକ, ସୁଏଲପୁର, ମାଣିଖମ୍ବ, ମଣ୍ଡଳ ବଜାର, ଟାଉନ ହଲ, ଗୋଳାପୋଖରୀ, ବଙ୍କା ଖଜୁରୀ, ହେମକାପଦା, ଗଡ଼ଗଡ଼ିଆ, ମଧ୍ୟରେ ସନ୍ଧ୍ୟା ୫ଟାରୁ ଶୋଭାଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରକାରର ଯାନବାହନ ଏପରିକି ସାଇକଲ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଏଣୁ ଜନସାଧାରଣଙ୍କୁ ପ୍ରଶାସନ ନିର୍ଦ୍ଦେଶନାମା ପାଳନ ଏବଂ ସହଯାଗ କରିବା ନିମନ୍ତେ ଅନୁରୋଧ କରାଯାଇଛି।

# ୯ରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ

## ବାଲେଶ୍ୱରରେ ସଫଳ ପାଇଁ ବ୍ୟାପକ ପ୍ରସ୍ତୁତି

ବାଲେଶ୍ୱର,୨।୭ (ସମିସ)




ଆସନ୍ତା ୯ ତାରିଖରେ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ବାଲେଶ୍ୱରରେ ସଫଳ କରିବା ପାଇଁ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନମାନଙ୍କ ମିଳିତ ପ୍ରସ୍ତୁତି ବୈଠକ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା ଟିୟୁଏସିସିର ଅଧ୍ୟକ୍ଷ ପ୍ରଦୀପ୍ତ ପଣ୍ଡା ବୈଠକରେ ସଭାପତିତ୍ୱ କରିଥିଲେ। ବୈଠକର ଆବାହକ ତଥା ଟିୟୁଏସିସିର ସାଧାରଣ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ଆସନ୍ତା ୯ ତାରିଖ ଦିନ ସର୍ବଭାରତୀୟ ଧର୍ମଘଟର ୧୭ ଦଫା ଦାବି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଚଳିତ ୪୪ଟି ଶ୍ରମଆଇନକୁ ୪ଟି କୋଡରେ ପରିଣତ କରି କେନ୍ଦ୍ର ସରକାର ଶ୍ରମିକମାନଙ୍କ ଅଧିକାରକୁ ଛଡ଼ାଇ ନେବାକୁ ଉଦ୍ୟମ, ଦରଦାମ ବୃଦ୍ଧି, ବେକାରୀ ବୃଦ୍ଧି କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି ପ୍ରଭୃତିକୁ ବିରୋଧ କରି ଓ ସ୍କିମ ୱାର୍କର୍ସଙ୍କୁ କର୍ମଚାରୀ ମାନ୍ୟତା, ସର୍ବନିମ୍ନ ମାସିକ ବେତନ୨୬ ହଜାର ଓ ମାସିକ ପେନସନ ନଅହଜାର ଟଙ୍କା,ବନ୍ଦ କଳକାରଖାନାକୁ ଚାଲୁ କରିବା, ଶ୍ରମିକ ଛଟେଇ ବନ୍ଦ କରିବା, ପୁରୁଣା ପେନସନ ଆଇନ ପ୍ରଚଳନ କରିବା ଆଦି ଦାବି କରାଯାଇଛି ବୋଲି ଶ୍ରୀ ପାଣିଗ୍ରାହୀ କହିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ, ସିଆଇଟିୟୁ ଜିଲ୍ଲା ଆବାହକ ବିଜୟ ପାତ୍ର, ଏଆଇୟୁଟିୟୁସି ରାଜ୍ୟ ନେତା ଉମାକାନ୍ତ ଦାସ, ଟିୟୁସିସି ଜିଲ୍ଲା ସଭାପତି ସର୍ବେଶ୍ୱର ମିଶ୍ର, ଆଇଏନଟିୟୁସି ଯୁବନେତା ରାଜେଶ ଜେନା, ଟିୟୁଏସିସିର ଉପାଧ୍ୟକ୍ଷ ଶାନ୍ତନୁ ଦାସ, ନାରୀନେତ୍ରୀ ବନ୍ଦନା ବିଶ୍ୱାସଙ୍କ ସମେତ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ପ୍ରେମରଞ୍ଜନ ପାତ୍ର, ଭରତ ଚନ୍ଦ୍ର ସେଠୀ, ଚିତ୍ତରଞ୍ଜନ ଗିରି, ଗୋପୀନାଥ ଦାସ, ଶରତ ଚନ୍ଦ୍ର ଦଳାଇ, ଗୌତମ ଦାସ, ଲକ୍ଷ୍ମୀଧର ଗିରି, ସେକ ଅବଦୁଲ ତାଲିବ, ସୁବ୍ରତ ପ୍ରଧାନ, ଜନ୍ମେଜୟ ପଣ୍ଡା, ଅଶୋକ ଦାସ ଓ ନବକିଶୋର ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସର୍ବଭାରତୀୟ ଧର୍ମଘଟକୁ ଭାରତବନ୍ଦ ଭଳି ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ସମସ୍ତ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନ, କୋର୍ଟ କଚେରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ, ବ୍ୟାଙ୍କ, ବୀମା, ଡାକ, ପ୍ରତିରକ୍ଷା, ବସ, ଟ୍ରେନ, ଅଟୋ, ରିକ୍ସା, ସମସ୍ତ ପରିବହନ, ଶିକ୍ଷାନୁଷ୍ଠାନ ଓ ହାଟ ବଜାର ବନ୍ଦ ରଖି ସରକାରଙ୍କର ଜନବିରୋଧି ଆଇନ ଓ କାର୍ଯ୍ୟକୁ ବିରୋଧ କରିବାକୁ ବୈଠକରେ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଏ ନେଇ ଆସନ୍ତା ୮ ତାରିଖ ଅପରାହ୍ନରେ ଏକ ମୋଟର ସାଇକେଲ ଶୋଭାଯାତ୍ରା ରେଳଷ୍ଟେସନରୁ ବାହାରି ସହର ପରିକ୍ରମା କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶ୍ୟାମ ସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

# ସମ୍ପାଦକୀୟ



ଜଙ୍ଗଲ ଅସୀମ ଦୟାର ପ୍ରତୀକ, ଯିଏ ନିଜର ଜୀବନ ଉତ୍ସର୍ଗ କରି ସମସ୍ତ ପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରେ।
- ଗୌତମ ବୁଦ୍ଧ

ସକାଳ
THE SAKALA

## ରେଳକୁ ଗତି ଦେବ ରାଜସ୍ୱ

ରେଳବାଇ ପକ୍ଷରୁ ବର୍ଦ୍ଧିତ ଯାତ୍ରୀଭଡ଼ା ଲାଗୁ ହେବା ପୂର୍ବରୁ ଅସହଜ ଓ ଅସୁରକ୍ଷିତ ରେଳଯାତ୍ରା ପ୍ରତି ସର୍ବାଧିକ ଗୁରୁତ୍ୱ ଦେଇ ସୁଧାର ଓ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରିବାର ଥିଲା। କ୍ରମାଗତ ରେଳ ଦୁର୍ଘଟଣା ଅପବାଦରୁ ମଧ୍ୟ ରେଳବାଇ ମୁକ୍ତ ହୋଇନାହିଁ। ରେଳଯାତ୍ରୀଙ୍କ ଆସ୍ଥା ଓ ବିଶ୍ୱାସଭାଜନ ହେଲା ଭଳି ପଦକ୍ଷେପକୁ ପ୍ରାଥମିକତା ଦେବାର ଥିଲା। ଅବଶ୍ୟ ଏକଥା ସତ ଯେ ନିୟମିତ ମରାମତି ଓ ଆଧୁନିକୀକରଣର ବ୍ୟୟଭାରକୁ ଦୃଷ୍ଟିରେ ରଖି ରାଜସ୍ୱ ବୃଦ୍ଧିର ଆବଶ୍ୟକତା ରହିଛି। କୋଭିଡ ପରେ ଏହା ପ୍ରଥମ ଯାତ୍ରୀଭଡ଼ା ବୃଦ୍ଧି। ଆମକୁ ଏଠାରେ କହିବାକୁ ପଡୁଛି ଯେ ଶୀତତାପ ନିୟନ୍ତ୍ରିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ବର୍ଗରେ ଯାତାୟାତ ପାଇଁ ପୂର୍ବରୁ ଧାର୍ଯ୍ୟ ହୋଇଥିବା ଯାତ୍ରୀଭଡ଼ା ବିମାନ ଯାତ୍ରାର ଦେୟଠାରୁ ସାମାନ୍ୟ କମ୍ ହୋଇଥିବାରୁ ଆଜିକାଲି ବିମାନଯାତ୍ରାକୁ ପସନ୍ଦ କରୁଛନ୍ତି ଉଚ୍ଚବର୍ଗର ଯାତ୍ରୀ। ତେଣୁ ଯାତ୍ରୀଭଡ଼ା ବୃଦ୍ଧି ନିଷ୍ପତ୍ତି ନେବା ପୂର୍ବରୁ ସଂସଦୀୟ କମିଟି ଏନେଇ ପର୍ଯ୍ୟାପ୍ତ ବିଚାର ଆଲୋଚନା କରିବାର ଥିଲା।

ଯାତୟାତର ବ୍ୟୟଭାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ବର୍ଗଙ୍କ ରେଳଯାତ୍ରା ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଛି। ସେ ଦୃଷ୍ଟିରୁ ବିଚାର କଲେ, ରେଳବାଇକୁ ଆମେ ଦେଶର ଜୀବନରେଖା ରୂପେ ଗ୍ରହଣ କରିଥାଉ। କିନ୍ତୁ ଏଥିସହ ସଂଶ୍ଳିଷ୍ଟ ମୌଳିକ ସେବା ବା ସୁବିଧା ସୁଯୋଗ ଯେ ଆଶାନୁରୂପ ହୋଇପାରି ନାହିଁ, ତାହା ଆମକୁ ସ୍ୱୀକାର କରିବାକୁ ପଡ଼ିବ। ବର୍ଦ୍ଧିତ ଯାତ୍ରୀ ଭଡ଼ାର ଅନ୍ୟତମ ଉଲ୍ଲେଖନୀୟ ଦିଗ ହେଲା, ସାଧାରଣ ଶ୍ରେଣୀରେ ୫ ଶହ କିଲୋମିଟର ଯାତ୍ରା କ୍ଷେତ୍ରରେ ଭଡ଼ା ବୃଦ୍ଧି କରାଯାଇନାହିଁ। ସେହିଭଳି ଉପନଗର ଏକକ ଯାତ୍ରୀଭଡ଼ା ଓ ସିଜିନ୍ ଟିକଟ୍‌ର ଦେୟ ଅପରିବର୍ତ୍ତିତ ରହିଛି। ଆସନ ସଂରକ୍ଷଣ ଫି, ସୁପରଫାଷ୍ଟ ସରଚାର୍ଜ ଓ ଅନ୍ୟାନ୍ୟ ଶୁଳ୍କ ବଢ଼ା ଯାଇନାହିଁ। ସାଧାରଣ ୨ୟ ଶ୍ରେଣୀ ବର୍ଗରେ ୫୦୧ ରୁ ୧୫୦୦ କିଲୋମିଟର ଯାତାୟତ କ୍ଷେତ୍ରରେ ଭଡ଼ା ୫ ଟଙ୍କା, ୧୫୦୧ରୁ ୨୫୦୦ କିଲୋମିଟର ପିଛା ୧୦ ଟଙ୍କା ଏବଂ ୨୫୦୧ରୁ ୩୦୦୦ କିଲୋମିଟର ପର୍ଯ୍ୟନ୍ତ ଯାତାୟାତରେ ଭଡ଼ା ୧୫ ଟଙ୍କା ବଢ଼ିଛି। ଏହାଛଡ଼ା ସ୍ଲିପର ଓ ପ୍ରଥମ ଶ୍ରେଣୀର ଯାତ୍ରୀଭଡ଼ା କିଲୋମିଟର ପିଛା ୦.୫ ଟଙ୍କା ବଢ଼ିଥିବାର ଜଣାପଡ଼ିଛି। ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ୍‌ରେ ଅଣଶୀତତାପ ନିୟନ୍ତ୍ରିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଯାତାୟତ ସକାଶେ ଯାତ୍ରୀଭଡ଼ା କିଲୋମିଟର ପିଛା ୧ ପଇସା ବଢ଼ିଛି। ତେବେ ଶୀତତାପ ନିୟନ୍ତ୍ରିତ ବର୍ଗରେ ଯାତାୟତ ସକାଶେ ଭଡ଼ା କିଲୋମିଟର ପିଛା ୨ ପଇସା ବଢ଼ାଯାଇଛି। ଏହି ବର୍ଦ୍ଧିତ ଭଡ଼ା ସହ ଯାତ୍ରୀଙ୍କୁ ଜିଏସଟି ମଧ୍ୟ ଦେବାକୁ ପଡ଼ିବ। ରେଳ ଓ ବିମାନ ଯାତ୍ରାର ତୁଳନାତ୍ମକ ଭଡ଼ା ସଂପର୍କରେ ପର୍ଯ୍ୟାଲୋଚନା କଲାବେଳେ କେବଳ ଏତିକି କୁହାଯାଇପାରିବ ଯେ ବିମାନ ସେବା ଏବେ ମଧ୍ୟ ଦେଶର ସବୁ ଅଞ୍ଚଳକୁ ଉପଲବ୍ଧ ନୁହେଁ। ତେବେ ବର୍ଦ୍ଧିତ ଭଡ଼ାକୁ ବିଚାର କଲେ ଯେକୌଣସି ଯାତ୍ରୀ ସମୟ ଅପଚୟକୁ ଏଡ଼ାଇ ଯିବା ସକାଶେ ବିମାନ ଯାତ୍ରାକୁ ଅଧିକ ପସନ୍ଦ କରିବ। ରେଳ ମନ୍ତ୍ରଣାଳୟକୁ ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ଅଧିକ ପ୍ରତିଯୋଗୀକ୍ଷମ କରିବା ପାଇଁ ମୌଳିକ ସୁବିଧାସୁଯୋଗର ଉନ୍ନତି ପ୍ରତି ଅଧିକ ଧ୍ୟାନ ଦେବାକୁ ପଡ଼ିବ।

ଏତେ ଅବ୍ୟବସ୍ଥା ସତ୍ତ୍ୱେ ଯାତାୟତ ପାଇଁ ରେଳବାଇ ଉପରେ ନିର୍ଭରଶୀଳତା ବଢ଼ିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ରେଳଯାତ୍ରୀଙ୍କ ସଂଖ୍ୟା ୭୧୫ କୋଟି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ବିନା ସଂରକ୍ଷଣ ସୁବିଧାରେ ଯାତାୟତ କରୁଥିବା ଯାତ୍ରୀଙ୍କ ସଂଖ୍ୟା ୬୩୪ କୋଟି। ଆର୍ଥିକ ଦୃଷ୍ଟିରୁ ବିଚାର କଲେ ସମାଜର ନିମ୍ନବର୍ଗର ଲୋକେ ସାଧାରଣ ବର୍ଗରେ ଯାତାୟତ କରିବାକୁ ବାଧ୍ୟ ହୋଇଥା'ନ୍ତି। ଯେଉଁବର୍ଗରେ କି ଶୌଚାଳୟ ସୁବିଧା ଆଦୌ ବ୍ୟବହାର ଉପଯୋଗୀ ନୁହେଁ। ଏପରିକି ଟ୍ୟାପରେ ଜଳ ପ୍ରବାହର ଅନିୟମିତତା ସକାଶେ ଯାତ୍ରୀ ନାନା ଅସୁବିଧାର ସମ୍ମୁଖୀନ ହୋଇଥାଏ। ବଗିର କ୍ଷମତାଠାରୁ ଯଥେଷ୍ଟ ଅଧିକ ଯାତ୍ରୀ ଯାତାୟତ କରୁଥିବାରୁ ବିଶୃଙ୍ଖଳା ଓ ଆପରାଧିକ କାର୍ଯ୍ୟକଳାପ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଆମ ବିପୁଳ ଜନସଂଖ୍ୟାର ଏକ ବୃହତ୍ ଅଂଶ ଏବେ ମଧ୍ୟ ରେଳଯାତ୍ରା ଉପରେ ନିର୍ଭରଶୀଳ। ତେଣୁ ପ୍ରତିବର୍ଷ ରେଳବଜେଟ ଉପସ୍ଥାପନ ବେଳେ ଦେଶର ବିଭିନ୍ନ ଅଞ୍ଚଳ ସହ ରେଳ ସଂଯୋଗକୁ ପ୍ରାଧାନ୍ୟ ଦିଆଯାଉଛି। ସେହି ଅନୁପାତରେ ବିଭିନ୍ନ ଟ୍ରେନର ରହଣି ଏବଂ ସ୍ଥଳବିଶେଷରେ ନୂଆ ରେଳ ଷ୍ଟେସନ ସକାଶେ ଦାବି ମଧ୍ୟ ହେଉଛି। କିନ୍ତୁ ଯାତ୍ରୀଙ୍କ ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ପ୍ରତି ଯେତିକି ଧ୍ୟାନ ଦିଆଯିବା କଥା ସେଦିଗରେ ଏପର୍ଯ୍ୟନ୍ତ ଆଖିଦୃଶିଆ କାମ ହୋଇପାରିନାହିଁ। ବହୁ ଅବ୍ୟବସ୍ଥା ଓ ଅନିୟମିତତାରେ ପରିଚାଳିତ ରେଳବାଇକୁ ସୁଧାରିବାରେ ଆବଶ୍ୟକତା ପ୍ରତି ଯେଉଁମାନେ ଦୃଷ୍ଟି ଦେବା କଥା ସେମାନଙ୍କ ଯାତାୟତର ମାଧ୍ୟମ ବିମାନ ହୋଇଥିବାରୁ ପ୍ରକୃତ ସ୍ଥିତି ସଂପର୍କରେ ସେମାନେ ଯେ କେତେଦୂର ଅବଗତ ସେ ନେଇ ସନ୍ଦେହ ରହିଛି। ଯେତେଦୂର ମନେହୁଏ ରେଳବାଇର ଉଚ୍ଚ ଓ ନିମ୍ନବର୍ଗର କର୍ମଚାରୀଙ୍କୁ ବାଦ ଦେଲେ ମଧ୍ୟମ ବର୍ଗର ତଦାରଖକାରୀଙ୍କ ଅଭାବ ନିଯୁକ୍ତି ସଙ୍କୋଚନର ଅନ୍ୟ ଏକ ଦିଗ, ଯାହାକି ପରିଲକ୍ଷିତ ଅସଜଡ଼ା ପରିସ୍ଥିତି ପାଇଁ ଅନେକାଂଶରେ ଦାୟୀ।

ବର୍ଦ୍ଧିତ ଯାତ୍ରୀଭଡ଼ା ଯେ ଅସହନୀୟ ସ୍ଥିତି ସୃଷ୍ଟି କରିଛି ଏକଥା ନୁହେଁ, ତେବେ ସର୍ବନିମ୍ନ ସୁବିଧା ସୁଯୋଗ ଅଭାବ ଯାତ୍ରୀଙ୍କ ମଧ୍ୟରେ ସୃଷ୍ଟି କରିଥିବା ଅସନ୍ତୋଷକୁ ଏହି ଭଡ଼ା ବୃଦ୍ଧି ବହୁଗୁଣିତ କରିବ। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଶୀତତାପ ନିୟନ୍ତ୍ରିତ ବଗିର ଯାତ୍ରୀଭଡ଼ାଠାରୁ ୩.୫ ପ୍ରତିଶତ ଏବଂ ସାଧାରଣ ବର୍ଗର ରେଳଯାତ୍ରୀଙ୍କଠାରୁ ୩୯ ପ୍ରତିଶତ ଅତିରିକ୍ତ ରାଜସ୍ୱ ଆଦାୟ ହେବ। ଚଳିତ ବିତ୍ତବର୍ଷରେ ରେଳବାଇର ପୁଞ୍ଜିନିବେଶ ଅପରିବର୍ତ୍ତିତ ରହିଛି। ରାଜସ୍ୱ ଅଭାବରୁ ନୂଆ ରେଳଲାଇନ ନିର୍ମାଣ ଓ ମରାମତି କାର୍ଯ୍ୟରେ ଶିଥିଳତା ପରିଲକ୍ଷିତ ହୋଇଛି। ବାରମ୍ବାର ଘଟୁଥିବା ଦୁର୍ଘଟଣାର ଏହା ଅନ୍ୟତମ ଏକ କାରଣ। ତଥାକଥିତ ସୁପରଫାଷ୍ଟ ଟ୍ରେନର ଗତିଶୀଳତା ମଧ୍ୟ ହ୍ରାସ ପାଇବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ତେଣୁ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଯାତାୟତ କରୁଥିବା ଟ୍ରେନ ପାଇଁ ଅତିଷ୍ଠ ରେଳଯାତ୍ରୀ। ଏହାକୁ ଯଦି କେହି ରେଳବାଇର ଗତି ଓ ପ୍ରଗତିରେ ବାଧକ କୁହେ ତେବେ ତାହାକୁ ଭୁଲ କହିବା ମଧ୍ୟ ଅସୀମଚୀନ ହେବ।

## ଆଧୁନିକତା ବନାମ ଆଧୁନିକ ସାହିତ୍ୟ

**ପ୍ରଫୁଲ୍ଲ କୁମାର ସାହୁ**

ବାସ୍ତବରେ ଆଧୁନିକତା ହେଉଛି ଏକ ନୂତନ ଦୃଷ୍ଟିକୋଣ। କୌଣସି କାଳଖଣ୍ଡ ଆଧୁନିକ ନୁହେଁ। ଆମେ ଶୁଣିଛେ ସାରଳା ଦାସ, ଉପେନ୍ଦ୍ର ଭଞ୍ଜ ପ୍ରମୁଖ ତାଙ୍କ ସମୟରେ ଆଧୁନିକ ଥିଲେ। ଏହି ଦୃଷ୍ଟିକୋଣ ଯେତେବେଳେ ଜୀବନରେ ଆସେ ସେତେବେଳେ ଜୀବନ ଆଧୁନିକ ପାଲଟିଯାଏ ଏବଂ ଯେତେବେଳେ ସାହିତ୍ୟରେ ପ୍ରବେଶ କରେ ସେତେବେଳେ ଆମେ କହୁ ଆଧୁନିକ ସାହିତ୍ୟ। ସମାଜ ଜୀବନରେ ଏକ ନିରନ୍ତନ ପ୍ରବାହ ଅଛି ଏବଂ ସମାଜ ସହିତ ବ୍ୟକ୍ତି ଜୀବନର ମଧ୍ୟ ଏକ ପ୍ରଭାବ ଅଛି। ଯେତେବେଳେ ସମାଜ ଜୀବନରେ ପରିବର୍ତ୍ତନ ଆସେ ସେତେବେଳେ ବ୍ୟକ୍ତି ଜୀବନକୁ ରୂପାନ୍ତରିତ ହୁଏ। ବେଳେବେଳେ ଏମିତି ମଧ୍ୟ କିଛି ବ୍ୟକ୍ତି ଆସନ୍ତି, ଯିଏ ସମାଜକୁ ପରିବର୍ତ୍ତନ ବା ପ୍ରଭାବିତ କରିଥା'ନ୍ତି। ଯେତେବେଳେ ସମାଜ ଦ୍ୱାରା ବ୍ୟକ୍ତି ପ୍ରଭାବିତ ହୁଏ, ତା'କୁ ଆମେ ପରମ୍ପରା, ସଂସ୍କୃତି ଆଦି ନାମରେ ନାମିତ କରୁ। ପୁଣି ଯେତେବେଳେ ବ୍ୟକ୍ତି ସମାଜକୁ ପ୍ରଭାବିତ କରେ ସେତେବେଳେ ଆମେ କହୁଛେ ଆଧୁନିକ। ସେହିପରି ଗୋଟାଏ କାଳଖଣ୍ଡରେ ବାସ କରୁଥିଲେ ମଧ୍ୟ ସବୁସ୍ଥାନର ବୈଶ୍ୱିକ ପରିବେଶ ଅଲଗା। ତେଣୁ ଆଧୁନିକତାର ଭିତ୍ତିଭୂମି ମଧ୍ୟ ଅଲଗା ଅଲଗା।

ଆମେ ପଢ଼ିଛେ ଅଷ୍ଟାଦଶ ଶତାବ୍ଦୀରେ ୟୁରୋପରେ ଶିଳ୍ପ ବିପ୍ଳବରୁ ଆଧୁନିକତାର ଅୟମାରମ୍ଭ। ଟେଲିଫୋନ, ଷ୍ଟିମଇଞ୍ଜିନ ଇତ୍ୟାଦିର ଉଦ୍ଭାବନରେ ମନ୍ଦିର, ମସଜିଦ, ଗିର୍ଜା, ଚର୍ଚ୍ଚ ସଂସ୍କୃତିରୁ ଜୀବନ ଆସିଲା ଶିଳ୍ପ ଓ ବିଜ୍ଞାନ ସଂସ୍କୃତିକୁ। ଯେଉଁ ସମୟରେ ୟୁରୋପରେ ଶିଳ୍ପର ବିକାଶ ଚାଲିଥିଲା ସେହି ସମୟରେ ଆମେ ବଳଦ ଗାଡ଼ିକୁ ଆମର ଆଧୁନିକତା କହୁଥିଲେ। ତେଣୁ ୟୁରୋପର ଯାହା ଆଧୁନିକତା ଆମର ତାହା ଆଧୁନିକତା ନୁହେଁ। ଏଠି ନବଜାଗରଣ ଓ ଆଧୁନିକତା ଆସିଛି ନଅଙ୍କ ଦୁର୍ଭିକ୍ଷର ଆଁ ଭିତରୁ, ଭାଷା ସୁରକ୍ଷାର ଆନ୍ଦୋଳନ ଭିତରୁ, ବ୍ରାହ୍ମ ଧର୍ମ, ମହିମା ଧର୍ମ, ଅଲେଖ ଧର୍ମ ଭିତରୁ। ଗୌରୀ ଶଙ୍କର ରାୟ, ରାମ ଶଙ୍କର, ଫକୀର ମୋହନ ସେନାପତି, ରାଧାନାଥ ରାୟ ପ୍ରମୁଖ ଶିକ୍ଷୋଦ୍ୟୋଗୀ ଏବଂ ଉତ୍କଳ ଦୀପିକା, ସମ୍ବାଦ ବାହିକା ଗୋଟେ ଗୋଟେ ଆଧୁନିକତାର ଉତ୍ପାଦ। ଯଦି ଏସବୁ ନଥା'ନ୍ତା ଓଡ଼ିଶାରେ ନବଜାଗରଣ ଆସି ନ ଥା'ନ୍ତା।

ଆଧୁନିକର ଦୁଇଟି ରୂପ ଅଛି - ବାହ୍ୟ ଓ ଅନ୍ତ। ଆମେମାନେ ବାହ୍ୟରୂପର ଆଧୁନିକତାକୁ ଅଧିକ ଗୁରୁତ୍ୱ ଦେଇଛେ। ତାରକାମାନେ ଚିରା ପୋଷାକ କିମ୍ବା ଚଷମା ପିନ୍ଧିଲେ ତାଙ୍କୁ ଅନୁକରଣ କରି ଆମେ ଚିରା ପୋଷାକ ଓ ରାତିରେ ମଧ୍ୟ କଳାଚଷମା ଓ ଟୋପି ପିନ୍ଧୁଛନ୍ତି। ଏ ହେଉଛି ବାହ୍ୟ ଆଧୁନିକତା। ଏହା ମଣିଷର ଅନ୍ତଃଚେତନାକୁ ପ୍ରଭାବିତ କରେ ନାହିଁ। ବ୍ୟକ୍ତିର ଅନ୍ତଃଚେତନାର ଅନ୍ଧାରକୁ ଆଲୋକିତ କରିବା ହେଉଛି ଚେତନାର ଆଧୁନିକତା। ଅନ୍ତଃଚେତନାର ଅନ୍ଧାର ସେତେବେଳେ ଆଲୋକିତ ହେବ ଯେତେବେଳେ ଆଧୁନିକତାର ଅନ୍ତରୂପ ବିକଶିତ ହେବ। ଯେତେବେଳେ ଗୋଟିଏ ଶମ୍ବାଳୁଆ ପ୍ରଜାପତିରେ ପରିବର୍ତ୍ତନ ହେବ। ଯେତେବେଳେ ଝଡ଼ାଫୁଙ୍କାରେ ବିଶ୍ୱାସ ନ କରି ଜଣେ ଡାକ୍ତରଖାନାକୁ ଯିବ।

ଆଧୁନିକତା ଅନ୍ତଃଚେତନାରେ ଆସେ। ଓଡ଼ିଆ ସମାଜରେ ଜଣେ କନ୍ଧ କବି କହିଲେ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ'। ଆଜି ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଆଧୁନିକତା ଆସିନଥିଲା। ଏହି ମହାନ ବ୍ୟକ୍ତିତ୍ୱ ପାଇଁ ହିଁ ଓଡ଼ିଆରେ ମଣିଷର ଜୀବନ ପାଇଁ ସାହିତ୍ୟ ଲେଖା ଆରମ୍ଭ ହେଲା। ଏତେ ବଡ଼ କବିମାନଙ୍କ ପାଟିରୁ ମଣିଷ ପାଇଁ ପଦେ କବିତା ବାହାରି ନଥିଲା। ଲାବଣ୍ୟବତୀର ଓଠରୁ ଖସିପଡୁଥିବା ମହୁ ବୁନ୍ଦାରେ ପିମ୍ପୁଡ଼ି ଧାର ଧାର ଲାଗିଯାଉଥିଲା। ସଂସ୍କୃତ ରସିକ ପଣ୍ଡିତମାନେ ଲାବଣ୍ୟବତୀ ଚିତ୍ତରେ ବାଃ ବାଃ ହେଉଥିଲେ। ମଲ୍ଲିମାଳ ଶ୍ୟାମକୁ ଦେବା ପାଇଁ କବିମାନେ ବ୍ୟସ୍ତ ହେଉଥିଲେ। କେଉଁଠି ଥିଲା ଧାନ କାଟୁଥିବା ସ୍ତ୍ରୀ ଲୋକର କଥା? କେଉଁଠି ଥିଲା ଗରିବ ଲୋକର କଥା, କେଉଁଠି ଥିଲା ଖୁଦ ରଙ୍କୁଣି ମାଆର ଆତୁର ଚିତ୍କାର? ମହିମା ଗୋସ୍ୱାମୀ ବୁଝାଇ ଦେଲେ। ଈଶ୍ୱର ନିରାକାର ଅଣାକାର କହି କପିଳାସର ଶିଖରରେ ବସି ଅଗ୍ନିର ଧୂନିରେ ଜାଳିଦେଲେ ଜାତି, ବର୍ଣ୍ଣ, ଆଭିଜାତ୍ୟର ଗରିମା। ରାଜା ରାମମୋହନ ରାୟ, ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟସମାଜ ଯଥାକ୍ରମେ ବ୍ରାହ୍ମସମାଜ ଗଠନ କରି କଲିକତାରେ ଯେଉଁ ବିକାଶର ମଡେଲ ଥୋଇଦେଲେ ସେହି ସଂସ୍କାରକୁ ମଧୁସୂଦନ ଓଡ଼ିଶା ଆଣିଲେ। ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମାଜରୁ କୁସଂସ୍କାର, କୁନୀତି, ଅନ୍ଧବିଶ୍ୱାସକୁ ସାହିତ୍ୟ ଧାରାରେ ବଦଳେଇବା। ୟୁରୋପର ଆଧୁନିକତା ଥିଲା ଯାନ୍ତ୍ରିକ ଆଧୁନିକତା, କିନ୍ତୁ ଓଡ଼ିଶାର ଆଧୁନିକତା ଥିଲା ଆଧାତ୍ମିକ ଆଧୁନିକତା। ଏହି କବିମାନେ, ଏହି ସନ୍ଥମାନେ ଓଡ଼ିଶାର ଜୀବନଧାରଣା ପ୍ରଣାଳୀରେ ପରିବର୍ତ୍ତନ ଆଣିଲେ।

ଆମ ସାହିତ୍ୟର ପୃଷ୍ଠଭୂମି ୟୁରୋପର ନବଜାଗରଣ ନୁହେଁ, ଆଧୁନିକ ଚେତନାର ପୃଷ୍ଠଭୂମି। ଗୋଟିଏ ପରମ୍ପରା, ପରିବେଶ, ପାଣିପାଗ, ଭୂଗୋଳକୁ ନେଇ ଆଧୁନିକତା ଆସିଥାଏ। ଆଧୁନିକତା ଗୋଟେ ଚେତନା, ଏକ ଦୃଷ୍ଟିକୋଣ, ଏକ ଜାଗରଣ, ବଞ୍ଚିବାର ଏକ କଳା। ବ୍ୟକ୍ତିତ୍ୱ ନିର୍ମାଣ ହିଁ ଆଧୁନିକ। ସଂସ୍କାରିତ, ସାହାଯ୍ୟକାରୀ, ସମ୍ବେଦନଶୀଳ, ଉଦାର, ପ୍ରଶସ୍ତ ବ୍ୟକ୍ତିତ୍ୱ ହେଉଛି ଆଧୁନିକ ବ୍ୟକ୍ତିତ୍ୱ। ତେଣୁ ଆଧୁନିକ ହେବା ଏକ ସହଜ କଥା ନୁହଁ। ଆଧୁନିକ ମଣିଷ ଲାବଣ୍ୟବତୀର ହସକୁ ଯେତିକି ଗୁରୁତ୍ୱ ଦିଏ ସେତିକି ଖୁଦ ରଙ୍କୁଣୀ ମାଆର ଆତୁର ଚିତ୍କାରକୁ ମଧ୍ୟ ଦିଏ। କାହିଁକି ରାଧାନାଥଙ୍କୁ ଆମେ ଆଧୁନିକ କହୁଛେ? କାରଣ ରାଧାନାଥ ବହିରେ ଲୁହ ଆଣିଲେ। ସାହିତ୍ୟରେ ରାଧାନାଥଙ୍କ ସବୁ କାବ୍ୟନାୟିକା ମରିଗଲେ। ଯେଉଁ ଦେଶରେ ଲାବଣ୍ୟବତୀ ଚନ୍ଦ୍ରଭାନୁ ନିମିତ୍ତ ବିରହରେ ଛଟପଟ ହେଉଥିଲେ ସେଠି ରାଧାନାଥ ତାଙ୍କ କାବ୍ୟନାୟିକାମାନଙ୍କୁ ମାରିଦେଉଛନ୍ତି କ'ଣ ପାଇଁ? ଏ ହେଉଛି ବାସ୍ତବ ଦୃଷ୍ଟିକୋଣ।

ଜୀବନ ପାଇଁ କଳା ସାହିତ୍ୟ କଳ୍ପନା ରାଜ୍ୟରେ ବିଚରଣ ନକରି ଜୀବନର କଥା କହିବ। ରିକ୍ସାବାଲା ପିଠିରେ ଝରିଯାଉଥିବା ସ୍ୱେଦର କଥା କହିବ। ଛେଳି ଚରାଉଥିବା ତଅପୋଇର କଥା କହିବ। କବିତାର ଧାରା ବଦଳିବ ସାହିତ୍ୟର ଦୃଷ୍ଟିକୋଣ ମଧ୍ୟ ବଦଳିବ। ମଣିଷ ଗୋଟିଏ ଓଠରେ ହସେ, ଦୁଇଟି ଆଖିରେ କାନ୍ଦେ। ଜୀବନରେ ପ୍ରତିଟି ହସର ମୂଲ୍ୟ ଦୁଇ ବୁନ୍ଦା ଲୁହ ଦେଇକି ଶୁଝିବାକୁ ପଡ଼େ। ଅନ୍ୟର ଲୁହକୁ ବୁଝିବା ହେଉଛି ଆଧୁନିକତା। ଯେଉଁ ସାହିତ୍ୟରେ ଲୁହର କଥା, କରୁଣ ଚିତ୍କାରର ବେଦନା, ବାସ୍ତବର କଥା, ସଂଘର୍ଷର କଥା ରହିଲା ସେ ସାହିତ୍ୟ ହେଉଛି ଆଧୁନିକ ସାହିତ୍ୟ।

ସମକାଳୀନ ସମାଜରେ ଘଟୁଥିବା ଘଟଣାବଳୀର ବାସ୍ତବ ବର୍ଣ୍ଣନା ହିଁ ଆଧୁନିକ ସାହିତ୍ୟ। ତେଣୁ ଆମ ଓଡ଼ିଆ ଆଧୁନିକତାର ଗୋଟେ ସ୍ୱଦେଶୀ ରୂପ ଅଛି। ସବୁ କଥାକୁ ୟୁରୋପ ସହିତ ତୁଳନା କଲେ ହେବନାହିଁ। ତାଙ୍କର ଯେତେବେଳେ ଲେଖା ହେଉଥିଲା 'ଲଭ୍ ସଙ୍ଗ ଅଫ୍ ଜାଲ୍‌ଫ୍ରେଡ୍ ପ୍ରୁଫ୍ରକ୍' ଆମର ନନ୍ଦ କିଶୋର ବଳ ଲେଖୁଥିଲେ 'ଲୁଲୁ ପାଇଁ ନାନା ବାୟା' ଗୀତ। ଆମ ସାହିତ୍ୟର ଧାରା ଭିନ୍ନ। ଓଡ଼ିଆ ଆଧୁନିକତା ଯାହାକୁ ଆମେ ନବଜାଗରଣ ବୋଲି କହୁଛେ, ସେଠି ଆମେ ଦେଖିଛେ ପଦ୍ମାବତୀ, ବାବାଜୀ, ରେବତୀ, ଛ' ମାଣ ଆଠ ଗୁଣ୍ଠ, ବିବାସିନି, ବିବେକୀ, ରାଣ୍ଡି ପୁଅ ଅନନ୍ତା। ଏଗୁଡ଼ିକ ସମକାଳୀନ ସମାଜର ସାହିତ୍ୟ ବା ଆଧୁନିକତାର ପରିଚୟ। ଏଥିରୁ ପୁଣି ଖୋଜାପଡ଼ିବ ଯୁଗସ୍ରଷ୍ଟା କିଏ? ଯୁଗ ସ୍ରଷ୍ଟା ସିଏ, ଯିଏ ଲେଖିଛି ବାସ୍ତବତାର କରୁଣ ଚିତ୍କାର ଲୁହ ଆଉ ସ୍ୱେଦର କାହାଣୀ। ଯେଉଁ ସାହିତ୍ୟ ସମାଜର କଥା କହେ ଯେଉଁ ସାହିତ୍ୟ ଗଣମଣିଷ ଓ ତୃଣମୂଳସ୍ତରର କଥା କହେ, ତାହା ଆଧୁନିକ ସାହିତ୍ୟ, ସେ ସ୍ରଷ୍ଟା ଆଧୁନିକ।

ଆଧୁନିକ ଏକ ଯୁଗ ନୁହେଁ, ଏକ ସ୍ରୋତ। ଏହି ସ୍ରୋତରେ ହୁଏତ କିଛି ଯୁଗ ଚଳିଯାଇପାରେ। ସାରଳାଯୁଗ, ମଧ୍ୟଯୁଗ, ପଞ୍ଚସଖା ଯୁଗ ପରେ ଆଧୁନିକ ସାହିତ୍ୟ ଏକ ଚେତନା। ଏ ଚେତନାରେ ଗୋପବନ୍ଧୁ ଆସିଲେ, ଦେଲେ ସତ୍ୟବାଦୀ ଚେତନା। ଆସିଲା ସବୁଜ ଓ ପ୍ରଗତିଶୀଳ ଚେତନା। ଆଧୁନିକ ଏକ ନଈ, ଯେଉଁଠି ପ୍ରବାହିତ ହୁଏ ଦିଗନ୍ତ ଚେତନାର ସୁଅ।

ହୁମ୍ମା(ଗଞ୍ଜାମ), ମୋ: ୭୮୫୩୯୮୬୯୯୭

## ବନୀକରଣର ଆନ୍ତରିକତାରେ ପ୍ରଶ୍ନବାଚୀ

**ଡ.ମନୋଜ କୁମାର ମହାନ୍ତି**

ଅଧୁନା ପରିବେଶର ଅବନତି ବିଶ୍ୱର ଏକ ପ୍ରମୁଖ ସମସ୍ୟା ଭାବେ ଉଭାହୋଇଛି। ଜୀବଜଗତ; ବିଶେଷ କରି ମାନବଜାତିର ଅସ୍ତିତ୍ୱ ନଷ୍ଟ ହେଇଯିବ ଯଦି ପରିବେଶ ପ୍ରତି ଅମାନବୀୟ ଅତ୍ୟାଚାରକୁ ନିୟନ୍ତ୍ରଣ କରା ନ ଯିବ। ନିକଟରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ନିକଟସ୍ଥ କାଞ୍ଚନ ଗୋଚିୱାଲରେ ଅବସ୍ଥିତ ୪୦୦ଏକର ପରିଧି ବିଶିଷ୍ଟ ଜଙ୍ଗଲକୁ ରାତିର ଅନ୍ଧାରରେ ଉଚ୍ଛେଦ ପାଇଁ ସରକାରଙ୍କ ପଦକ୍ଷେପ ପରିବେଶକୁ ବୀଭତ୍ସ କରିବାର ଏକ ଜ୍ୱଳନ୍ତ ଉଦାହରଣ। ଓଡ଼ିଶାରେ ଅନୁଗୁଳ ଓ ଢେଙ୍କାନାଳର ଫୁସଫୁସ୍ କୁହାଯାଉଥିବା ଛେଣ୍ଡିପଦାରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ୯ କୋଟି ବୃକ୍ଷଛେଦନ କରି ୩୫ଟି କୋଇଲାଖଣି ଖନନ ପାଇଁ କେନ୍ଦ୍ରସରକାରଙ୍କ ପ୍ରୟାସର ପରବର୍ତ୍ତୀ ଫଳାଫଳ କ'ଣ? ବଲାଙ୍ଗୀର ଜିଲ୍ଲାର ରାମାୟଣ ପ୍ରସିଦ୍ଧ ଗନ୍ଧମର୍ଦ୍ଦନ ପାହାଡ଼କୁ ନିଲାମ ପାଇଁ ଯୋଜନା ଚାଲିଥିବା ଅଭିଯୋଗ ହେଉଛି। ସେହିପରି ଗୋଟେପଟେ ବୃକ୍ଷସୁରକ୍ଷା ସହ ବୃକ୍ଷରୋପଣ ଏବଂ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ସ୍ଲୋଗାନ, ପୁଣି ଅନ୍ୟପଟେ ରାସ୍ତାର ଦୁଇପାର୍ଶ୍ୱରୁ ଦୀର୍ଘବର୍ଷ ଧରି ଛାୟାପ୍ରଦାନପୂର୍ବକ ଶୁଦ୍ଧ ଅମ୍ଳଜାନ ବାଣ୍ଟୁଥିବା ବୃକ୍ଷଲତାକୁ ଛେଦନ କରି ଅଣଓସାରିଆ ରାସ୍ତାକୁ ପ୍ରଶସ୍ତ କରିବାର ବିଧିବଦ୍ଧ ଯୋଜନା ହାସ୍ୟାସ୍ପଦ ନୁହେଁ କି? ଶହଶହ ବର୍ଷଧରି ଛିଡ଼ା ହୋଇଥିବା ଘଞ୍ଚ ଜଙ୍ଗଲକୁ କାଟି ତା' ପରିବର୍ତ୍ତେ ରାସ୍ତା କଡ଼ରେ ଗଛଟିଏ ଲଗାଇବା କେଉଁ ମହାନତାର କାମ? ଦୀର୍ଘଦିନର ଦଣ୍ଡାୟମାନ ଦ୍ରୁମରେ ଥିବା ଉପାଦେୟତା ନିକଟରେ ସଦ୍ୟରୋପିତ ବୃକ୍ଷ କେତେଦୂର ଫଳପ୍ରଦ ଥରେ ବିଚାରକୁ ନିଆଯାଉ।

ପ୍ରତିବର୍ଷ ବନ ମହୋତ୍ସବରେ ବୃକ୍ଷରୋପଣ କରାଯାଉଛି ସତ, କିନ୍ତୁ ତା'ର ତତ୍ତ୍ୱାବଧାନ ସଠିକ ଭାବେ କରାଯାଉନାହିଁ। ରାସ୍ତାର କେଉଁ କଡ଼ରେ, ବିଦ୍ୟାଳୟ, ମହାବିଦ୍ୟାଳୟ, ପଞ୍ଚାୟତ ଓ ଅନ୍ୟ କାର୍ଯ୍ୟାଳୟ ପରିସରରେ ଚାରା ଗଛଟିଏ ଲଗାଇବା ବେଳେ ଯେଉଁ ମାତୃତ୍ୱର ସମ୍ମାନରେ ପ୍ରଚାର ପ୍ରସାର କରାଯାଏ, ପରବର୍ତ୍ତୀ ସମୟରେ ସେହି ମା'ର ସଠିକ ଯତ୍ନ ନିଆଯାଏ ତ? ଉଚ୍ଚ ପଦସ୍ଥ ଅଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ ଯେଉଁ ଆନ୍ତରିକ ଉଦ୍ୟମରେ ବର୍ଷକୁବର୍ଷ ଗଛଟିଏ ପୋତି ଚାଲନ୍ତି, ତା'ର ଉତ୍ତରଦାୟିତ୍ୱ କାହା ଉପରେ ନ୍ୟସ୍ତ କରନ୍ତି?

ମାଟିର ଅସ୍ତିତ୍ୱ ସହ ମଣିଷ ଖେଳିଚାଲିଛି। କେତେବେଳେ ତା' ଛାତିଚିରି ବୁର୍ଜଖଲିଫା ତ କେତେବେଳେ ଖଣିଖାଦାନର ଗଚ୍ଛିତ ସମ୍ପଦକୁ ପାଇବା ଲକ୍ଷ୍ୟରେ ତା'କୁ ଧ୍ୱଂସବିଧ୍ୱଂସ କରିବାରେ ଲାଗି ପଡ଼ିଛି। ଶିଳ୍ପ, ରାସ୍ତାଘାଟ, ବନ୍ଧବାଡ଼ ଓ ଉଚ୍ଚଉଚ୍ଚ ଅଟ୍ଟାଳିକା ନିର୍ମାଣ କରି ବିକାଶର ପତାକା ଉଡ଼େଇବାକୁ ମଣିଷ ବ୍ୟତିବ୍ୟସ୍ତ। ମନୁଷ୍ୟ ଦ୍ୱାରା ସୃଷ୍ଟ ଦୈନିକ ଘରୋଇ ଓ କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଯାଉଛି କୁଆଡ଼େ? ଉଭୟ ଶିଳ୍ପ ଓ ସହର ବର୍ଜ୍ୟବସ୍ତୁ ବର୍ଷବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପଡ଼ି ରହି ମାଟି ଓ ପରିବେଶକୁ ପ୍ରଦୂଷଣ କରିଚାଲିଛି, ଯାହା ପ୍ରତ୍ୟେକ ସହରର ଏକ ପ୍ରମୁଖ ସମସ୍ୟା। ମାଟି, ପାଣି, ପବନ ଓ ଜଙ୍ଗଲ ପରିବେଶର ମୁଖ୍ୟ ଉପାଦାନ। ସୃଷ୍ଟିର କେନ୍ଦ୍ରବିନ୍ଦୁ ସାଜିଥିବା ମଣିଷ ବିକାଶ ଓ ପ୍ରଗତିର ମାର୍ଗରେ ପଥିକ ହୋଇ ସୃଷ୍ଟିକୁ ତା' ନିଜହାତରେ ନୂତନ ରୂପ ଦେବାରେ ବ୍ୟସ୍ତ।

ବିଜ୍ଞାନ ଓ ବୈଷୟିକ ବିଜ୍ଞାନର ସାହାରା ନେଇ ସେ ମଣିଷ ଜୀବନର ମାନଦଣ୍ଡକୁ ଉନ୍ନତ କରିବାରେ ସତପ୍ରଚେଷ୍ଟା କିଛି ଖରାପ କଥା ନୁହେଁ। ଦେଶକୁ, ରାଜ୍ୟକୁ ଆର୍ଥିକ ପ୍ରଗତି ଓ ବିକାଶଶୀଳ ଭାବେ ବିଶ୍ୱରେ ଉପସ୍ଥାପିତ କରିବାକୁ ହେଲେ ଶିଳ୍ପପ୍ରତିଷ୍ଠା ସହ ପ୍ରାକୃତିକ ସମ୍ପଦର ସଦୁପଯୋଗକୁ ଧ୍ୟାନଦେବା ଜରୁରୀ। ଶିଳ୍ପ ପ୍ରତିଷ୍ଠା ହେଲେ ଯୁବଗୋଷ୍ଠୀ ନିଯୁକ୍ତି ପାଇବେ। କର୍ମନିଯୁକ୍ତି ସହ ଆର୍ଥିକ ମାନଦଣ୍ଡ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ଓ ଗମନାଗମନ କ୍ଷେତ୍ରରେ ନିରନ୍ତର ବିକାଶ ଓ ପ୍ରଗତି ଅନ୍ତରାଳେ ବିଶ୍ୱ ଭୌଗୋଳିକ ମାନଚିତ୍ରର ସୁନ୍ଦର ସବୁଜିମାକୁ ଆମେ କଦର୍ଯ୍ୟ ଓ ଧୂଳିଧୂସରିତ କରୁନାହାନ୍ତି ତ? ବିଶ୍ୱ ପ୍ରଦୂଷଣ ସର୍ବେକ୍ଷଣ ଅନୁସାରେ ଭାରତର ୧୩ଗୋଟି ସହର ସମ୍ପୂର୍ଣ୍ଣ ପ୍ରଦୂଷିତ। ସେଥିମଧ୍ୟରୁ ଆସାମ ଓ ମେଘାଳୟ ମଧ୍ୟରେ ଥିବା ବ୍ରିନାହାଟ ଭାରତର ପ୍ରମୁଖ ପ୍ରଦୂଷିତ ସହରଭାବେ ବିଶ୍ୱ ଦରବାରରେ ପରିଚିତ। ଭାରତର ରାଜଧାନୀ ଦିଲ୍ଲୀର ପରିବେଶ ବିଗତ ଦିନରୁ ଏପର୍ଯ୍ୟନ୍ତ ସୁଧୁରିବାରେ କୌଣସି ସଙ୍କେତ ଦେଖାଯାଉ ନାହିଁ। ସଚେତନ କାର୍ଯ୍ୟକ୍ରମ ଜାରି ରହିଛି।

ଆମକୁ ହୃଦୟଙ୍ଗମ କରିବାକୁ ହେବ ଖାଦ୍ୟ, ବସ୍ତ୍ର ଓ ବାସଗୃହ ମଣିଷ ଜୀବନ ପାଇଁ ଯେତିକି ଜରୁରୀ, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଆମ ପରିବେଶ ଓ ପାରିପାର୍ଶ୍ୱିକ ବାତାବରଣ। ସୁସ୍ଥ, ନିରୋଗ ସହ ଶାନ୍ତିପୂର୍ଣ୍ଣ ସହବସ୍ଥାନ ବିଶ୍ୱ ମାନବସମାଜର ଶ୍ରେଷ୍ଠ ଲକ୍ଷ୍ୟ। ବୃକ୍ଷଲତା, ନଦୀନାଳ, ପାହାଡ଼ପର୍ବତ, ବଣଜଙ୍ଗଲ, ବନ୍ୟପ୍ରାଣୀ ଓ ଉଦ୍ଭିଦସମୂହ ସେମାନଙ୍କର ବିଭିନ୍ନ ପ୍ରଜାତି, ପ୍ରକୃତି ଓ ପରିବେଶ ସହ ଜୀବଜଗତର ଆରମ୍ଭରୁ ଅବସ୍ଥାପିତ। ସେମାନେ ପ୍ରକୃତି ଓ ପରିବେଶକୁ ନିଜର ଯୋଗଦାନ ଦ୍ୱାରା ସନ୍ତୁଳିତ କରିଆସିଛନ୍ତି। କିନ୍ତୁ ଶ୍ରେଷ୍ଠପ୍ରାଣୀ ମଣିଷ ପରିବେଶକୁ ନେଇ ଯେଉଁ ଆଚରଣ ପ୍ରଦର୍ଶନ କରୁଛି ସେଥିରେ ପେଶି ହୋଇଚାଲିଛନ୍ତି ମାନବଜାତି।

ନିଜର ଅଭିବୃଦ୍ଧି ଓ ସୁରକ୍ଷାରେ ଧ୍ୟାନମଗ୍ନ ମଣିଷ ଦିନକୁଦିନ ପୃଥିବୀର ପରିବେଶକୁ ବିପର୍ଯ୍ୟସ୍ତ କରିବାରେ ଲାଗିଛି। ଏବେ ତା'ର ମନେପଡ଼ିଛି ଏକ ସୁସ୍ଥ ଜୀବନ ଅତିବାହିତ ପାଇଁ ଏକ ସୁସ୍ଥ ସମାଜ ଓ ସୁସ୍ଥ ପ୍ରାକୃତିକ ପରିବେଶ ଅପରିହାର୍ଯ୍ୟ। ସେଥିପାଇଁ ବନ ମହୋତ୍ସବ ପାଳନ କରି ଗଛ ଲଗାଇବାର ପ୍ରଚେଷ୍ଟା ଚାଲିଛି। ଖାଲି ଗଛଟିଏ ପୋତି ଫିତାକାଟି ଗଣମାଧ୍ୟମ ଆଗରେ ଭାବପ୍ରବଣତାର ଶବ୍ଦ ପରିପ୍ରକାଶ ଉପଯୁକ୍ତ ମାଧ୍ୟମ ନୁହେଁ। ଯେଉଁଠି ସଭ୍ୟସମାଜ ବୃଦ୍ଧାମାତାର ଯତ୍ନ ନ ନେଇ ବୃଦ୍ଧାଶ୍ରମକୁ ଠେଲିଦିଏ, ସେଠି ଗଛଟିକୁ କେତେ ବା ଯତ୍ନ କରିବ?

ଭଦ୍ରକ, ମୋ: ୮୮୯୫୩୪୧୦୩୩

## ବୈପ୍ଳବିକ ଚେତନାର ବଳିଷ୍ଠ ବାର୍ତ୍ତାବହ ଜଗନ୍ମୋହନ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ଓଡ଼ିଆ ସାହିତ୍ୟର ପ୍ରଥମ ନାଟ୍ୟକାର ଜଗନ୍ମୋହନ ଲାଲଙ୍କୁ କିଏ ଅବା ବିସ୍ମରି ଯିବା ସମ୍ଭବ! ସମାଜରେ ଯେଉଁ କୁସଂସ୍କାର ଲକ୍ଷ୍ୟ କରିଥିଲେ ଜଗନ୍ମୋହନ, ନାଟକ ଅଭିନୟ ଦ୍ୱାରା ତାହାର ଦୂରୀକରଣ ସମ୍ଭବ - ଏହି ବିଶ୍ୱାସ ତାଙ୍କ ମଧ୍ୟରେ ଦୃଢ଼ୀଭୂତ ହୋଇଥିବା କମ୍ ଚମକପ୍ରଦ ବିଷୟ ନୁହେଁ। ନାଟକ ଲେଖିବାର ଦୁଇବର୍ଷ ପୂର୍ବରୁ ସେ ପ୍ରତିଷ୍ଠା କରିଥିଲେ ନିଜ ଗ୍ରାମ ମାହାଙ୍ଗାରେ 'ରାଧାକାନ୍ତ' ରଙ୍ଗମଞ୍ଚ। ସେ ଏକାଧାରାରେ ଥିଲେ ନାଟ୍ୟକାର, ନିର୍ଦ୍ଦେଶକ, ମୁଖ୍ୟ ଅଭିନେତା ଓ ପୃଷ୍ଠପୋଷକ। 'ବାବାଜୀ' ୧୮୭୭ ମସିହାରେ ରଚନା କରି ସେ ଯେଉଁ ସାମାଜିକ ଆଲୋଡ଼ନ ସୃଷ୍ଟି କରିଥିଲେ ତାହା ତାଙ୍କର ବୈପ୍ଳବିକ ଚେତନାର ଯେ ଏକ ଅଗ୍ନିସ୍ଫୁଲିଙ୍ଗ ଏହା ବାରମ୍ବାର ଉପଲବ୍ଧି କରିବାର ବିଷୟ ନିଶ୍ଚୟ। ଯେଉଁ ସମୟରେ ପୌରାଣିକ ବିଷୟ ପ୍ରତି ଦର୍ଶକମାନଙ୍କର ରହିଥିଲା ତୀବ୍ର ଆକର୍ଷଣ, ସେଇ ସମୟରେ ଏକ ସାମାଜିକ ନାଟକ ରଚନାର ପରିକଳ୍ପନା ହିଁ ହେଉଛି ତାଙ୍କର ଏକ ସୁଦୃଢ଼ ବୈପ୍ଳବିକ ପଦକ୍ଷେପ। ଜଣେ ସାଧୁ ବାବାଜୀଙ୍କର ଆଗମନ ଓ ସମାଜର ବିଭିନ୍ନ ସ୍ତରରେ ରହିଥିବା କୁସଂସ୍କାରର ଉଦ୍‌ଘାଟନ କରିଦେଇ ଏହାର ଦୂରୀକରଣ ପାଇଁ ସେ ଯେଉଁ ବାର୍ତ୍ତା ପ୍ରଦାନ କଲେ, ସେଥିରେ ରହିଥିଲା ତେଜସ୍ୱୀ ନାଟ୍ୟକାରଙ୍କ ଆତ୍ମାର ଆହ୍ୱାନ। ସେ ଜଣେ ସମାଜ ସଚେତନ ମଣିଷ ଭାବରେ କିପରି ତୀକ୍ଷ୍ଣ ଦୃଷ୍ଟିରେ ଅବଲୋକନ କରୁଥିଲେ ବିଭିନ୍ନ ପ୍ରକାରର ଚରିତ୍ରକୁ, ଏହା ତାହାର ପ୍ରକୃଷ୍ଟ ନିଦର୍ଶନ।

**ସାହିତ୍ୟ ସରିତ୍**

ଯେଉଁ ସମୟରେ ଏ ନାଟକର ସୃଷ୍ଟି ସମ୍ଭବ ହୋଇଛି, ତାହାକୁ ଚକ୍ଷୁସମକ୍ଷରେ ରଖିଲେ, ଯାହା ପାଠକ ବା ଦର୍ଶକକୁ ଅଭିଭୂତ କରିଦିଏ, ତାହା ହେଲା ନାଟ୍ୟକାରଙ୍କ ବ୍ୟକ୍ତିତ୍ୱ। ଯାହାର ବ୍ୟକ୍ତିତ୍ୱ ଯେତିକି ବଳିଷ୍ଠ ତାଙ୍କ ନାଟକର ଅନ୍ତଃଆବେଦନ ସେତିକି ଗଭୀର ଓ ଘନିଷ୍ଠ। କିନ୍ତୁ ନାଟ୍ୟକାର ଜଗନ୍ମୋହନଙ୍କ ମର୍ଯ୍ୟାଦା ଯେପରି ଶୀର୍ଷ ସୋପାନରେ ପ୍ରତିଷ୍ଠିତ ହେବାର ଯଥାର୍ଥତା ରହିଛି, ତାହା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ। ନିଜେ ପ୍ରଥମେ ପରିବର୍ତ୍ତିତ ନ ହେଲେ କେବଳ ନାଟକ ରଚନା ଦ୍ୱାରା କେହି ଆଲୋଡ଼ନ ସୃଷ୍ଟି କରିଦେଇ ପାରେନା। ସମାଜକୁ ପରିବର୍ତ୍ତିତ ରୂପରେ ଦେଖିବାର ଯେଉଁ ପ୍ରତିଜ୍ଞା କରିଥିଲେ ଜଗନ୍ମୋହନ ତାହାର ବଳିଷ୍ଠ ପ୍ରତିବିମ୍ବ ହେଉଛି ତାଙ୍କ ନାଟ୍ୟ ସର୍ଜନା ଏବଂ ମଞ୍ଚରେ ତାହାର ପ୍ରାଣବନ୍ତ ଅବତାରଣା।

'ବାବାଜୀ' ନାଟକ ଲେଖିଦେଇ ସେ ସନ୍ତୁଷ୍ଟ ହୋଇନାହାନ୍ତି। ପରବର୍ତ୍ତୀ ସୃଷ୍ଟି ହେଲା ତାଙ୍କର 'ସତୀ'। ବ୍ରିଟିଶ୍ ସାମ୍ରାଜ୍ୟର ଆଧିପତ୍ୟ ସ୍ୱୀକାର କରି ଯେଉଁ ସ୍ୱଦେଶୀୟ ଶାସକମାନେ ନିରୀହ ଜନତାଙ୍କ ପ୍ରତି କରୁଥିଲେ ଅକଥନୀୟ ଅତ୍ୟାଚାର ସେମାନଙ୍କ ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବା କ'ଣ ସହଜ ବ୍ୟାପାର? ଯେଉଁ ପ୍ରତିବାଦ କରିବା ପାଇଁ ଶିକ୍ଷିତ ଗୋଷ୍ଠୀର ସୁଦ୍ଧା ନ ଥିଲା ସାମର୍ଥ୍ୟ, ଜଗନ୍ମୋହନ ସେଇ ଦୁଃସାହସିକ ବାଣୀ ସଂଯୋଜିତ କରିଛନ୍ତି ନାଟକରେ। ସମ୍ପ୍ରତି ନାରୀମୁକ୍ତିର ପାଶ୍ଚାତ୍ୟ ତତ୍ତ୍ୱ ଦ୍ୱାରା ପ୍ରଭାବିତ ହୋଇ ଯେଉଁମାନେ ସାହିତ୍ୟ ସୃଷ୍ଟି କରୁଛନ୍ତି ସେମାନଙ୍କ ଦୃଷ୍ଟି ପ୍ରଥମେ ଆକର୍ଷିତ ହେବା ଉଚିତ ଜଗନ୍ମୋହନ ଲାଲଙ୍କ ପ୍ରତି। 'ପ୍ରୀତି', 'ବୃଦ୍ଧବିବାହ' ନାଟକ ଦୁଇଟିରେ ଓଡ଼ିଶାର ଶିକ୍ଷିତ ସମାଜକୁ ବିସ୍ମିତ ଓ ଚେତନାଦୀପ୍ତ କରିଦେବା ପାଇଁ ତାଙ୍କ ପ୍ରଚେଷ୍ଟାର ଯେ ନଥିଲା ଅନ୍ତଃ ତାହା ପୁନଃ ପୁନଃ ସ୍ମରଣ ଓ ସମୀକ୍ଷା କରିବା ଆବଶ୍ୟକ। ଜଣେ ନାଟ୍ୟସ୍ରଷ୍ଟାଙ୍କ ନାଟ୍ୟାଦର୍ଶ ହୋଇପାରେ କିପରି ଶକ୍ତିସଂପନ୍ନ ତାହାର ବଳିଷ୍ଠ ଉଦ୍ଭାସନ ହେଉଛନ୍ତି ଜଗନ୍ମୋହନ। ନାଟକର ମୂଳ ଆଭିମୁଖ୍ୟ ଯେ ହେଉଛି ସାମାଜିକ ପରିବର୍ତ୍ତନ ତାହା ଯେପରି ଭାବରେ ପ୍ରମାଣିତ କରିଦେଇଛନ୍ତି ଜଗନ୍ମୋହନ ତାହାର ତୁଳନା କାହିଁ? ନାଟକର ସର୍ଜନା ଥିଲା କଳ୍ପନାର ସ୍ତରରେ। ତାହା ବାସ୍ତବତାର ଭୂମିରେ ପ୍ରୋଥିତ କରିଦେଇ ସେ ସୂର୍ଯ୍ୟୋଦୟର ସଂକେତ ପ୍ରଦାନ କଲେ।

ଆଜିର ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ ଓ ପ୍ରାଣବାନ ଦର୍ଶକମାନେ ଏ କଥା ଜାଣିରଖିବା ଆବଶ୍ୟକ ଯେ, ଯେଉଁ ସଂସ୍କାର ଆଣିବା ପାଇଁ ଅଙ୍ଗୀକାରବଦ୍ଧ ଥିଲେ ଜଗନ୍ମୋହନ, ତାହା ନିଜ ବାସ୍ତବ ଜୀବନରେ ମଧ୍ୟ ପ୍ରୟୋଗ କରିଛନ୍ତି। ଏହି ସତ୍ୟ ଯେପରି ପ୍ରଭାବଶାଳୀ ଭାବରେ ଉପସ୍ଥାପିତ ହେବା ଏକାନ୍ତ ଜରୁରୀ, ତାହା ହୋଇ ପାରିଛି କି? ତାଙ୍କ ସ୍ରଷ୍ଟା ମାନସ ଓ ସୃଷ୍ଟି ସମ୍ପଦର ପୁନଃ ଉପସ୍ଥାପନା ହୋଇପାରିବ ଅଧିକରୁ ଅଧିକ ଅର୍ଥଦ୍ୟୋତକ। ତାଙ୍କ ବିଧବା ସୁକନ୍ୟାଟିର ପୁନଃବିବାହ କରାଇ ସେ ସାହିତ୍ୟ ଜଗତକୁ ଆଶ୍ଚର୍ଯ୍ୟ କରିଦେଇପାଇଛନ୍ତି। ଜଗନ୍ମୋହନ ବାସ୍ତବରେ ସାମାଜିକ ପରିବର୍ତ୍ତନର ବଳିଷ୍ଠ ବାର୍ତ୍ତାବହ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନୀଳଗିରି ହାତୀ ହତ୍ୟା ଓ ଦାନ୍ତ ଲୁଟ୍

# ବିଧାୟକଙ୍କ ଫାର୍ମ ହାଉସରୁ ୩ ମୁଖ୍ୟ ଅଭିଯୁକ୍ତ ଗିରଫ

## ବିଧାୟକ ଖଟୁଆଙ୍କୁ ସରକାର ଘଣ୍ଟ ଘୋଡ଼ାଉଛନ୍ତି: ବିଜେଡି

ଭୁବନେଶ୍ୱର,୨।୭ (ସମିସ): ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛି ବିଜେଡି । ଗତ ଜୁନ ୧୫ ତାରିଖରେ ନୀଳଗିରି ଅଞ୍ଚଳରେ ଘଟିଥିବା ଏକ ଦନ୍ତା ହାତୀର ହତ୍ୟା ଓ ଏହାର ଦାନ୍ତ ଲୁଟ ଘଟଣାରେ ସ୍ଥାନୀୟ ଜଙ୍ଗଲ ଅଧିକାରୀଙ୍କ ଦ୍ୱାରା ପାଞ୍ଚଜଣଙ୍କୁ ଗିରଫ ଘଟଣାରେ ଶ୍ରୀ ଖଟୁଆଙ୍କ ସମ୍ପୃକ୍ତି ରହିଛି । ସମ୍ପୂର୍ଣ୍ଣ ଘଟଣାରେ ରାଜ୍ୟ ସରକାର ତାଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି । ଗିରଫ ହୋଇଥିବା ସମ୍ପୃକ୍ତ ପାଞ୍ଚଜଣ ଅଭିଯୁକ୍ତଙ୍କ ମଧ୍ୟରୁ ତିନି ଜଣ ମୁଖ୍ୟ ଅଭିଯୁକ୍ତ ବିଧାୟକ ଶ୍ରୀ ଖଟୁଆଙ୍କ ଫାର୍ମ ହାଉସରେ ଲୁଚି ରହିଥିବା ଅବସ୍ଥାରେ ଗିରଫ ହୋଇଥିଲେ । ଯେଉଁଥିରେ ବିଧାୟକଙ୍କ ଏହି ଅପରାଧରେ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ହୋଇଥିଲେ ମଧ୍ୟ ଜଙ୍ଗଲ ଅଧିକାରୀମାନେ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ ଜୁଟାଇ ପାରି ନାହାନ୍ତି ବୋଲି ବିଜେଡି କହିଛି ।



ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡଃ ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ମନ୍ତ୍ରୀ ଜ୍ୟୋତି ରଞ୍ଜନ ପାଣିଗ୍ରାହୀ ଓ ପୂର୍ବତନ ବିଧାୟକ ସୁକାନ୍ତ ନାୟକ ରାଜ୍ୟରେ ହାତୀ ହତ୍ୟା ଓ ଦାନ୍ତ ଲୁଟ ଘଟଣାରେ ନୀଳଗିରି ବିଧାୟକଙ୍କ ସିଧାସଳଖ ସମ୍ପୃକ୍ତି ଅଭିଯୋଗ କରିଛନ୍ତି । ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗତ ଜୁନ ୧୫ ତାରିଖରେ ନୀଳଗିରି ବ୍ଲକ ଅନ୍ତର୍ଗତ ତେଲିପାଡ଼ ପଞ୍ଚାୟତର ହୁଡ଼ିସାହି ଗ୍ରାମ ନିକଟରେ ଏକ ବିଶାଳ ଦନ୍ତା ହାତୀର ମୃତଦେହ ଜଙ୍ଗଲ ଅଧିକାରୀଙ୍କୁ ମିଳିଥିଲା । ମୃତ ହାତୀର ଦାନ୍ତକୁ ଦୁର୍ବୃତ୍ତ ମାନେ କାଟି ନେଇ ଯାଇଥିଲେ । ଯେଉଁଥିରୁ ଦାନ୍ତ ହାସଲ କରିବା ଉଦ୍ଦେଶ୍ୟରେ ଦୁର୍ବୃର୍ତ୍ତ ହାତୀକୁ ହତ୍ୟା କରିଥିବା ସ୍ପଷ୍ଟ ହୋଇଥିଲା । ପରେ ଜଙ୍ଗଲ ଅଧିକାରୀ ଏହି ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଥିବା ଚାରି ଜଣ ଦୁର୍ବୃର୍ତ୍ତଙ୍କୁ ଗିରଫ କରିଥିଲେ । ଚାରି ଜଣ ଅଭିଯୁକ୍ତଙ୍କ ଭିତରୁ ତିନି ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ସେହି ଅଞ୍ଚଳରେ ରହିଥିବା ନୀଳଗିରି ବିଧାୟକଙ୍କ ଫାର୍ମ ହାଉସରୁ ଗିରଫ କରାଯାଇଥିଲା । ଏହି ଘଟଣାରେ ସ୍ଥାନୀୟ ବିଧାୟକ ଶ୍ରୀ ଖଟୁଆଙ୍କ ସମ୍ପୃକ୍ତି ରହିଛି ବୋଲି ସନ୍ଦେହ ଉପୁଜିଥିଲେ ମଧ୍ୟ ଜଙ୍ଗଲ ଅଧିକାରୀ ମାନେ ଶ୍ରୀ ଖଟୁଆଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି । ସରକାରୀ ଦଳର ବିଧାୟକ ହୋଇଥିବାରୁ ରାଜ୍ୟ ସରକାର ଶ୍ରୀ ଖଟୁଆଙ୍କୁ ଘଣ୍ଟ ଘୋଡାଉଛନ୍ତି । ଶ୍ରୀ ଖଟୁଆ ଅନେକ ବେଆଇନ କାମରେ ସମ୍ପୃକ୍ତ ଥିବାର ଅଭିଯୋଗ ରହିଛି । ନବେ ଦଶକରେ ବାଲେଶ୍ୱରରେ ସ୍ଥିତ ଇସ୍ପାତ ଆଲୟଜ ଲିମିଟେଡ କମ୍ପାନୀରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ଖଟୁଆ ପରବର୍ତ୍ତୀ ସମୟରେ କମ୍ପାନୀ ଦେବାଳିଆ ହେବା ବେଳକୁ ନିଜେ କୋଟିପତି ହୋଇ ଯାଇଥିଲେ । ଶ୍ରୀ ଖଟୁଆଙ୍କ ବିରୋଧରେ ପୂର୍ବରୁ ପଦ୍ମଲୋଚନ ମୁଣ୍ଡ ହାଇସ୍କୁଲର ଦେଢ଼ ଏକର ଜମି ଓ ଅନ୍ୟୂନ ୨୦୦ ଏକର ଜଙ୍ଗଲ ଜମି ଜବରଦଖଲ କରିଥିବା ଅଭିଯୋଗ ରହିଛି । ଏହାଛଡା ସେ ବେଆଇନ ମୋରମ ଓ ବାଲି ଉଠାଣ କାମରେ ଲିପ୍ତ ଅଛନ୍ତି ବୋଲି ଅଭିଯୋଗ ରହିଛି । ତେଣୁ ହାତୀ ମୃତ୍ୟୁ ଓ ଦାନ୍ତ ଲୁଟ ଘଟଣାରେ ଶ୍ରୀ ଖଟୁଆଙ୍କୁ ଗିରଫ କରି ତାଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ଓ ପେସା ଆକ୍ଟ ଲଗାଯାଉ ବୋଲି ଡଃ ସାମନ୍ତସିଂହାର ଦାବି କରିଥିଲେ ।

## ବାଲେଶ୍ୱର, ମୟୂରଭଞ୍ଜରେ ବନ୍ୟା ସ୍ଥିତି

# ୧୦ ହଜାର ଲୋକଙ୍କୁ ଉଦ୍ଧାର କଲା ଓଡ୍ରାଫ ଟିମ୍



କଟକ,୨।୭ (ସମିସ): ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଏବଂ ଜଳକା ଭଳି ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ପରେ ବନ୍ୟା ପରିସ୍ଥିତି ଦେଖା ଯାଇଛି । ଏଥିପାଇଁ ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ (ଓଡ୍ରାଫ) ବନ୍ୟା ପ୍ରଭାବିତ ଉଭୟ ଜିଲ୍ଲାରେ ବ୍ୟାପକ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ନିରନ୍ତର ନିୟୋଜିତ ହୋଇଛି । ମୟୂରଭଞ୍ଜରେ ୬ଟି ଦଳ ଏବଂ ବାଲେଶ୍ୱରରେ ୫ଟି ଦଳ ମୁତୟନ କରାଯାଇଛି । ଡିଆଇଜି (ପୂର୍ବାଞ୍ଚଳ ରେଞ୍ଜ) ଡ.ସତ୍ୟଜିତ ନାଏକଙ୍କ ତତ୍ୱାବଧାନରେ ଏହି ଓଡ୍ରାଫ ଟିମ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଛନ୍ତି । ଉଭୟ ଜିଲ୍ଲାର ୧୮ଟି ବ୍ଲକରୁ ଅଦ୍ୟାବଧି ୮୧୯୧ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ଥଇଥାନ କରାଯାଇଛି । ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ଭୋଗରାଇ, ବସ୍ତା, କମର୍ଦ୍ଦା, ସିଙ୍ଗଲା ଆଦି ଅଞ୍ଚଳର ୨ ହଜାରରୁ ଅଧିକ ସ୍ଥାନୀୟ ବାସିନ୍ଦାଙ୍କୁ ଜଳ ଘେରରୁ ଉଦ୍ଧାର କରାଯାଇଛି । ସେହିପରି ମୟୂରଭଞ୍ଜ ଜିଲ୍ଲାର ସାରସକଣା, ରସଗୋବିନ୍ଦପୁର, ବଡସାହି, ବେତନଟୀ ଏବଂ ବାରିପଦା ଅଞ୍ଚଳର ୬ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ଛଡାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରୁଷିଛି ଜଗା...

ବିଳମ୍ବ ଯୋଗୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଗଡ଼ିପାରି ନାହିଁ । ଗୁରୁବାର ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯିବ । ମଧ୍ୟାହ୍ନ ସାଢ଼େ ୧୨ଟାରେ ଆଜ୍ଞାମାଳ ବିଜେ ହେବା ଲାଗି ସମୟ ନିର୍ଘଣ୍ଟ ହୋଇଥିଲା । ହେଲେ ଦେଢ଼ ଘଣ୍ଟା ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୨ଟାରେ ଆଜ୍ଞାମାଳ ବିଜେ ହୋଇଥିଲା । ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ଏବେ ଆଡ଼ପଣ୍ଡପରେ ଅବସ୍ଥାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ଠାକୁରଙ୍କ ନୀତିକାନ୍ତି ସୁରୁଖୁରରେ ଚାଲିଛି । ମଙ୍ଗଳବାର ହେରାପଞ୍ଚମୀ ନୀତି ବିଳମ୍ବ ହୋଇଥିଲା । ତେଣୁ ବୁଧବାର ସକାଳ ୭ଟା ୫୫ରେ ମଙ୍ଗଳ ଆଳତି ହୋଇଥିଲା । ସକାଳ ୯ଟା ୪୫ରେ ଅବକାଶ ନୀତି ବଢ଼ିବା ପରେ ସାହାଣମେଲା ଦର୍ଶନ ହୋଇଥିଲା । ପରେ ଦ୍ୱାରପାଳ ପୂଜା ଶେଷ ହୋଇ ଅପରାହ୍ନ ୧ଟାରେ ସକାଳ ଧୂପ ଓ ଭୋଗମଣ୍ଡପ ଉଠିବା ପରେ ୨ଟାରେ ଆଜ୍ଞାମାଳ ବିଜେ ହୋଇଥିଲା । ତିନିଠାକୁରଙ୍କ ଆଜ୍ଞାମାଳ ନେଇ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ରଥ ପାଖକୁ ଆସିଥିଲେ । ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରହିଥିବା ତିନିରଥକୁ ବାହୁଡ଼ା ବିଜେ ଲାଗି ଆଜ୍ଞାମାଳ ପ୍ରଦାନ କରିଥିଲେ । ଏହାପରେ ବିଜେ କାହାଳୀ, ଘଣ୍ଟଘଣ୍ଟା ବାଜିବା ପରେ ଦେବଦଳନ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା । ପୂର୍ବରୁ ଭୋଇ ସେବକଙ୍କ ଦ୍ୱାରା ରଥର ବ୍ରେକ ଓ ଦଉଡ଼ି ସଂଯୋଗ କରାଯାଇଥିଲା । ରାସ୍ତାର ଦୁଇପାଶ୍ୱର୍ରେ ଦକ୍ଷିଣ ମୋଡ଼ ପାଇଁ ବାଲି ପକାଯାଇଥିଲା । ପୁଲିସ କର୍ମଚାରୀମାନେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ଦେବଦଳନ ରଥକୁ ଟାଣି ନେଇଥିଲେ । ସେଠାରେ ରଥକୁ ବୁଲାଯାଇ ନାକଚଣା ଦ୍ୱାରକୁ ଅଣାଯାଇଥିଲା । ପ୍ରଥମେ ଦେବଦଳନ ରଥ ନାକଚଣା ଦ୍ୱାର ସମ୍ମୁଖରେ ଲାଗିଥିଲା । ପରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇ ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ନାକଚଣା ଦ୍ୱାରରେ ପହଞ୍ଚିଥିଲା । ତେବେ ଅସରାଏ ବର୍ଷା ଏବଂ ସନ୍ଧ୍ୟା ହୋଇଯିବାରୁ ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯାଇ ପାରିନାହିଁ । ଗୁରୁବାର ସକାଳ ୯ଟାରେ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଖଣିରୁ ଅତଡ଼ା...

ରଖିଛି । ଏଭଳି ବିପଦପୂର୍ଣ୍ଣ ସ୍ଥାନରେ ଏହି ନିରୀହ ଶ୍ରମିକଙ୍କୁ ଆଣି କିଏ କାମରେ ଲଗାଇଥିଲା, କେବେଠାରୁ ଏଠାରେ ବେଆଇନ୍ ଖଣି ଖନନ କରାଯାଇ ମାଙ୍ଗାନିଜ ଉତ୍ତୋଳନ କରାଯାଉଥିଲା ଓ ଘଟଣାରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି; ଏ ସଂକ୍ରାନ୍ତରେ ପୁଲିସ ଖୋଳତାଡ଼ ଆରମ୍ଭ କରୁଛି । ମୃତକଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ବିଚାକୁଣ୍ଡି ମୁଣ୍ଡା ବସ୍ତିର ସରୋଜ ମୁଣ୍ଡା ଓରଫ୍ ଡେଙ୍ଗରା ନାମକ ଜଣେ ବ୍ୟକ୍ତି ଏମାନଙ୍କୁ ନେଇ ଏହି ଚୋରା ଖନନ କାମରେ ଲଗାଇଥିଲା । ଘଟଣା ପରଠାରୁ ସରୋଜ ଫେରାର ଥିବା ସେମାନେ କହିଛନ୍ତି । ତାକୁ ଧରିବା ସହ ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି । ଏହି ପରିତ୍ୟକ୍ତ ଖଣିରେ ପ୍ରଚୁର ପରିମାଣରେ ଉଚ୍ଚ ମାନର ମାଙ୍ଗାନିଜ ଗଚ୍ଛିତ ରହିଛି, ଯାହାର ବଜାର ମୂଲ୍ୟ କୋଟି କୋଟି ଟଙ୍କା ହେବ । ଏହି ଘଟଣା ସାମ୍ନାକୁ ଆସିବା ପରେ ଖଣି ଅଞ୍ଚଳରେ କିପରି ବେଆଇନ୍ ଖଣିଜ ଉତ୍ତୋଳନ କାର୍ଯ୍ୟ ଚାଲିଛି ତାହା ଉନ୍ମୋଚିତ ହୋଇଛି । ମୂଲ୍ୟବାନ ଲୌହ ଓ ମାଙ୍ଗାନିଜ ପଥର ଚୋରା ଚାଲାଣ କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି ଖଣି ମାଫିଆ । ଏହି ଘଟଣା ଖଣି ବିଭାଗ, ବନ ବିଭାଗ ଓ ପୁଲିସ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ପ୍ରଶାସନ ଅଚଳ...

କାର୍ଯ୍ୟ ବନ୍ଦ କରିଦେଇଛନ୍ତି । ସେହିପରି ଅନ୍ୟ ପ୍ରଶାସନିକ ସେବା ସଂଘ ମଧ୍ୟ ଓଏଏସ୍ ସଂଘକୁ ସମର୍ଥନ ଜଣାଇଛି ।

ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ ୩ ଦିନ ବିତିଯିବା ପରେ ମଧ୍ୟ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଗିରଫ ନ ହେବା ଯୋଗୁଁ ବୁଧବାର ସକାଳେ ଓଏଏସ୍ ସଂଘ ପୁନର୍ବାର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଭେଟିଥିଲେ । ଏହି ସମୟରେ ସଂଘ ପକ୍ଷରୁ ଏକ ବିସ୍ତୃତ ଦାବିପତ୍ର ଦିଆଯାଇଥିବା ବେଳେ ୩ ଟି ମୁଖ୍ୟ ଦାବି ଉପରେ କୌଣସି ସାଲିସ୍ କରାଯିବ ନାହିଁ ବୋଲି ସଂଘ ରୋକଠୋକ୍ କହିଥିଲା । ଓଏଏସ୍ ରତ୍ନାକର ସାହୁଙ୍କ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା 'କିଙ୍ଗପିନ୍' ଜଗନ୍ନାଥ ପ୍ରଧାନଙ୍କ ଗିରଫ ନିମନ୍ତେ ସଂଘ ଦାବି କରିଥିଲା । ଏହା ସହ ରାଜ୍ୟର ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଯଥା ତହସିଲଦାର, ଉପ-ଜିଲ୍ଲାପାଳ, ବିଡିଓ ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି କରାଯାଇଥିଲା । ଓ ତୃତୀୟ ଦାବି ଭାବରେ ରତ୍ନାକର ସାହୁଙ୍କ ଆକ୍ରମଣ ଘଟଣାକୁ ସରକାର ନିନ୍ଦା କରିବା ସହ ଅଧିକାରୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଥିଲା । ଯେପର୍ଯ୍ୟନ୍ତ ସରକାର ଏହି ଦାବି ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି ଓଏଏସ୍ ସଂଘ ସମୂହ ଛୁଟିରେ ରହିବ ବୋଲି ସଂଘ ସ୍ପଷ୍ଟ କରିଛି ।

ଅନ୍ୟପଟେ ରାଜ୍ୟରେ ଘଟିଥିବା ଏହି ଘଟଣା ଏବେ ଜାତୀୟ ସ୍ତରରେ ମଧ୍ୟ ଓଡ଼ିଶା ପାଇଁ ନିନ୍ଦା ଆଣିଛି । ଖୋଦ୍ ରାଜଧାନୀ ଭୁବନେଶ୍ୱର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ପ୍ରମୁଖ କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଅଧିକାରୀଙ୍କ ଉପରେ ମାଡ଼ ଘଟଣାକୁ ଜାତୀୟ ସ୍ତରରେ ନିନ୍ଦା କରାଯାଉଛି । ଜାତୀୟ ଗଣମାଧ୍ୟମଗୁଡ଼ିକରେ ମଧ୍ୟ ଏହି ଖବର ବଡ଼ ପ୍ରସଙ୍ଗ ପାଲଟିଛି । ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏହାକୁ ଜଙ୍ଗଲରାଜ୍‌ର ଆଖ୍ୟା ଦିଆଯାଉଥିବା ବେଳେ ଜାତୀୟ କଂଗ୍ରେସ ଓ ଅନ୍ୟ ରାଜ୍ୟଗୁଡ଼ିକରେ ଥିବା ଆଞ୍ଚଳିକ ଦଳର ବରିଷ୍ଠ ନେତାମାନେ ମଧ୍ୟ ଏହି ଘଟଣାକୁ ନିନ୍ଦା କରିବା ସହ ବିଜେପି ସରକାର ଉପରେ ବର୍ଷିଛନ୍ତି । ପୂର୍ବରୁ ଓଏଏସ୍ ସଂଘ ପକ୍ଷରୁ ଆହୂତ ସମୂହ ଛୁଟି ଡାକରା ଆନ୍ଦୋଳନକୁ ରାଜ୍ୟ ଓଆର୍ଏସ୍ ସଂଘ, ଓଏଫ୍ଏସ୍ ସଂଘ, ଓଡ଼ିଶା ସୂଚନା ସେବା ସଂଘ, ଓଡ଼ିଶା କୃଷି ସେବା ସଂଘ ସମର୍ଥନ ଜଣାଇଥିବା ବେଳେ ବୁଧବାର ଓଡ଼ିଶା ସଚିବାଳୟ ସମୀକ୍ଷକ ସେବା ସଂଘ, ଓଡ଼ିଶା ଅଧସ୍ଥନ ଅର୍ଥ ସେବା ସଂଘ ଓଏଏସ୍ ସଂଘକୁ ସମର୍ଥନ ଜଣାଇଛି । ତେବେ ରାଜ୍ୟରେ ବର୍ତ୍ତମାନ ବିଭିନ୍ନ ଜିଲ୍ଲାରେ ବନ୍ୟା ସ୍ଥିତି ଉପୁଜିଥିବା ବେଳେ ଓଆର୍ଏସ୍ ଅଧିକାରୀମାନଙ୍କର ରାଜ୍ୟ ସରକାର ସହଯୋଗ ଲୋଡ଼ିଥିଲେ । ରାଜସ୍ୱ ମନ୍ତ୍ରୀ ଏନେଇ ଓଆର୍ଏସ୍ ସଂଘ ସହ ଆଲୋଚନା କରିବା ପରେ ସେମାନେ କେବଳ ବନ୍ୟା ମୁକାବିଲା ଓ ରଥଯାତ୍ରା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହିଁ ସହଯୋଗ କରିବେ ବୋଲି କହିଛନ୍ତି । ମାତ୍ର ଦାବି ପୂରଣ ନ ହେବା ଯାଏ ସେମାନେ ଅନ୍ୟ କୌଣସି ପ୍ରଶାସନିକ କାର୍ଯ୍ୟ କରିବେ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

## ହସ୍ପିଟାଲରେ ରତ୍ନାକର...

ନାମରେ ଅପପ୍ରଚାର ରତ୍ନାକରଙ୍କୁ ବିମର୍ଷ କରିଥିଲା ଓ ସେ ଚାପରେ ରହୁଥିଲେ । ବୁଧବାର ରତ୍ନାକର ବିଏମ୍ସି କାର୍ଯ୍ୟାଳୟକୁ ଆସିଥିଲେ । ବିଏମ୍ସର ସୁରକ୍ଷା ସମ୍ବନ୍ଧୀୟ ଏକ ବୈଠକରେ ଯୋଗ ଦେଇଥିଲେ । ଏହାପରେ ପୁଲିସ କମିଶନର ଏବଂ ମେୟରଙ୍କ ସହ ଆଲୋଚନା ହୋଇଥିଲା । କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାରେ ତାଙ୍କ ଅନ୍ୟ ସହଯୋଗୀଙ୍କ ସହ ଆଲୋଚନା ହୋଇଥିଲା । ଏହା ପରେ ସେ ବସିଥିବାବେଳେ ଅକସ୍ମାତ ଚୌକିରୁ ପଡ଼ିଯାଇ ଅଚେତ ହୋଇ ଯାଇଥିଲେ । କିଛି ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ରତ୍ନାକର ମାଡ଼ ଖାଇବା ପରେ ପ୍ରବଳ ମାନସିକ ଚାପରେ ରହୁଛନ୍ତି । ତାଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଚାପ ପ୍ରୟୋଗ କରାଯାଉଛି । ଦିନ ପ୍ରାୟ ୪ଟା ୩୦ସମୟରେ ସେ ଅଚାନକ ଝାନନାଳ ହୋଇଯାଇଥିଲେ । ଏହାପରେ ବେହୋସ ହୋଇଯାଇଥିଲେ । ପରେ ଗୁରୁତର ଅବସ୍ଥାରେ ହସ୍ପିଟାରରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ଅଠାକାଠିରେ ସରକାର...

ଆଲୋଚନା ପରେ ଉଭୟ ରାଜ୍ୟ ସଭାପତି ମନମୋହନ ସାମଲ ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ ଗଣମାଧ୍ୟମ ସାମ୍ନାରେ ବୟାନ ରଖିଛନ୍ତି । ଜଗନ୍ନାଥ କହିଛନ୍ତି ଯେ ରାଜ୍ୟ ବିଜେପି ସଭାପତି ମୋତେ ଡାକିଥିଲେ; ତାଙ୍କ ସହ ଆଲୋଚନା କଲି । ଏବେ ମୁଁ ମୋ ଘରକୁ ଯାଉଛି ବୋଲି କହି ଜଗନ୍ନାଥ ନିଜ ଘରକୁ ଫେରି ଯାଇଛନ୍ତି । ସେହିପରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି । ଓଏଏସ ସଂଘ ଜଗନ୍ନାଥଙ୍କୁ ଗିରଫଦାରୀ ନେଇ ଅଡ଼ି ବସିଥିବା ବେଳେ ତାଙ୍କ ବିରୋଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବକି ବୋଲି ସାମ୍ବାଦିକ ପ୍ରଶ୍ନ କରିଥିଲେ । ଏନେଇ ସରକାର ଚିନ୍ତା କରୁଛନ୍ତି ବୋଲି ମନମୋହନ ଧାଡ଼ିକିଆ ଉତ୍ତର ରଖିଛନ୍ତି । ଜଗନ୍ନାଥ ପ୍ରସଙ୍ଗରୁ ଦଳ ନିଜକୁ ଦୂରେଇ ନେବା ଏବେ ସରକାରଙ୍କ ପାଇଁ ଆହ୍ୱାନ ପାଲଟିଛି । ଜଗନ୍ନାଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବକି ନାହିଁ ସେନେଇ ସରକାର ଅଠାକାଠିରେ ପଡ଼ିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟକୁ ଆସିବା ପୂର୍ବରୁ ଜଗନ୍ନାଥ ପ୍ରଧାନ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଥିଲେ । ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ଆଡ଼କୁ ଗତି କରୁଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଯିବାକୁ ଯାଉଛି । ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ଏବଂ ଆମ ସରକାର ହିତ ପାଇଁ ମୁଁ ଆଇନକୁ ସମ୍ମାନ ଦେଉଛି । ଆଇନ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ, ସେଥିରେ ମୁଁ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ସେ ଉଲ୍ଲେଖ କରିଥିଲେ । ଜଗନ୍ନାଥଙ୍କ ଏପରି ପୋଷ୍ଟ ପରେ ତାଙ୍କ ଗିରଫଦାରି ଚର୍ଚ୍ଚା ବଢ଼ିଥିଲା ।

ଅପରପକ୍ଷେ ଗଣମାଧ୍ୟମକୁ ସୂଚନା ଦେଇ ମନମୋହନ ସାମଲ କହିଥିଲେ ଯେ ଆମେ ଜଗନ୍ନାଥ ପ୍ରଧାନଙ୍କୁ ଡାକି ଆଲୋଚନା କଲୁ । ଦଳର ଆଭ୍ୟନ୍ତରୀଣ କଥାକୁ ଗଣମାଧ୍ୟମ ଆଗରେ କୁହାଯାଇପାରିବ ନାହିଁ । ତେବେ ଓଏଏସ ରତ୍ନାକର ସାହୁଙ୍କ ଉପରେ ଆକ୍ରମଣ ଘଟଣାକୁ ଦଳ ପକ୍ଷରୁ ନିନ୍ଦା ସହ ଏବଂ ସମସ୍ତେ ବାରମ୍ବାର ଦୁଃଖ ପ୍ରକାଶ କରିଛନ୍ତି । ତେଣୁ ଏହାକୁ ନେଇ ବାରମ୍ବାର ଆଲୋଚନା କରିବା ଉଚିତ୍ ନୁହେଁ ବୋଲି ମନମୋହନ ଜବାବ ରଖିଛନ୍ତି । ରାଜ୍ୟ ବିଜେପି ସଭାପତି ଏବଂ ଜଗନ୍ନାଥଙ୍କ ଆଭିମୁଖ୍ୟ ସରକାରଙ୍କୁ ସଙ୍କଟରେ ପକାଇବ ବୋଲି ମତ ଦେଇଛନ୍ତି ରାଜନୈତିକ ସମୀକ୍ଷକ । ଯଦି ଜଗନ୍ନାଥଙ୍କୁ ଗିରଫ କରାନଯାଏ, ତାହେଲେ ଓଏଏସ ଅଧିକାରୀ କାର୍ଯ୍ୟରେ ଯୋଗଦେବେ ନାହିଁ । ୨ ଦିନ ଧରି ଏହା ରାଜ୍ୟରେ ସରକାରୀ କାର୍ଯ୍ୟକୁ ଠପ୍ କରିଦେଲାଣି । ଓଏଏସ ସଂଗଠନର ଏପରି ଆଭିମୁଖ୍ୟ ଆଗକୁ ଆହୁରି ବଡ଼ ସମସ୍ୟା ସୃଷ୍ଟି କରିପାରେ । ତେଣୁ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ଗଞ୍ଜାମ ଜିଲ୍ଲାରେ ଅନୁସୂଚିତ ଜାତିର ଦୁଇ ବ୍ୟକ୍ତିଙ୍କ ଉପରେ ଅତ୍ୟାଚାର

# ନିଜଆଡୁ ମାମଲା ରୁଜୁ କଲେ ଏନ୍ଏଚ୍ଆରସି

ଭୁବନେଶ୍ୱର,୨।୭ (ସମିସ): ଗଞ୍ଜାମ ଜିଲ୍ଲାରେ ଅନୁସୂଚିତ ଜାତିର ଦୁଇଜଣ ବ୍ୟକ୍ତିଙ୍କ ଉପରେ ହୋଇଥିବା ଅମାନବୀୟ ଅତ୍ୟାଚାର ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆରସି) ନିଜଆଡୁ ମାମଲା ରୁଜୁ କରିଛନ୍ତି । ଏହି ଘଟଣାରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ ଜାରିକରିକମିଶନ୨ସପ୍ତାହମଧ୍ୟରେରିପୋର୍ଟତଲବକରିଛନ୍ତି ।

**ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟ ସଚିବ ଓ ଡିଜିଙ୍କୁ ନୋଟିସ**

ଗଞ୍ଜାମ ଜିଲ୍ଲାରେ ଦୁଇଜଣ ଅନୁସୂଚିତ ଜାତି ବର୍ଗର ଯୁବକଙ୍କୁ ବେଆଇନ ଗୋରୁ ଚାଲାଣ ଅଭିଯୋଗରେ ମାଡ଼ ମାରିବା, ଘାସ ଖୁଆଇବା ଏବଂ ନାଳ ପାଣି ପିଇବାକୁ ବାଧ କରାଯାଇଥିଲା । ସେମାନଙ୍କ ମୋବାଇଲ୍ ଫୋନ୍ ମଧ୍ୟ ଛଡ଼ାଇ ନିଆଯାଇଥିଲା ଓ ସେମାନଙ୍କୁ ଜୋରଜବରଦସ୍ତି ଲଣ୍ଡା କରାଯାଇଥିଲା । କମିଶନଙ୍କ ଏହାକୁ ମାନବାଧିକାର ଉଲ୍ଲଂଘନ ବୋଲି ବିବେଚନା କରି ରାଜ୍ୟ ମୁଖ୍ୟ ସଚିବ ଓ ଡ଼ିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି । ୨ ସପ୍ତାହ ମଧ୍ୟରେ ଏ ସମ୍ପର୍କରେ ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେବା ସହ ଅପରାଧୀଙ୍କ ବିରୋଧରେ ଗ୍ରହଣ କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି ।


OFFICE OF THE PRINCIPAL
**PANCHAYAT SAMITI DEGREE COLLEGE**
AT/P.O.: BANGOMUNDA, DIST. BALANGIR (ODISHA) 767040
Mob: 9078208298

**CANCELLATION OF TENDER CALL NOTICE**

The Tender Call Notice published on Odia daily 'The Sakala' on dated 1st June 2025 for supply of IT Infrastructure hereby cancelled due to some un-avoidable reason.

Sd/- Principal,
P.S. Degree College, Bangomunda

**THE SAMBALPUR DISTRICT CO-OPERATIVE CENTRAL BANK**
HEAD OFFICE: BARGARH - 768028
SDCCB
Email: headoffice@sambalpurdccb.com

**Quotation Call Notice**

The Sambalpur District Co-operative Central Bank (SDCCB) invites Quotation call notice for purchase of Saleable & Non-Saleable articles for Branches & H.O. under the Sambalpur District Co-Operative Central Bank Ltd. (SDCCB), Bargarh, Odisha.

For details please visit Bank's website: **www.sambalpurdccb.com**. The last date for receipt of proposal is **11.07.2025 at 3.00 PM.**

SDCCB reserves the right to accept/reject any/all Quotation without assigning any reason thereof.

Sd/-Chief Executive Officer

**RAISUAN HIGHER SECONDARY SCHOOL**
AT/P.O.-RAISUAN, DIST-KEONJHAR

**WALK-IN INTERVIEW**

A walk-in-interview will be held in the college premises for the Contractual Engagement for the post of 1 no of **Peon, One Lady Attendant, and one Night Watchman** on **dt. 12.07.2025 (Saturday).** The interested candidates having minimum 8th pass may attend the same with all relevant testimonials. Preference will be given to Retired and Experienced candidates.

Sd/-Principal
Raisuan Higher Secondary School
Raisuan

**GOVERNMENT OF ODISHA, DEPARTMENTOF WATER RESOURCES** A-355
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
**e-Procurement Notice- Bid Identification No.- ACEM/MDB-24/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDB-24/2025-26
5. Estimated Cost : Rs. 13,55,851/-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt.03.07.2025 (10.00 AM) to dt.14.07.2025 (5.30 PM)
8. Last date/ time for receipt of bid In the Portal : dt.14.07.2025 (up to 5.30 PM)
9. Date and Place of opening of Bid : dt.15.07.2025 (12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

OIPR-32405/11/0078/2526
Addl. Chief Engineer,
Mechanical Circle Bhubaneswar

**WANTED**
ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ
**6370964966**

**AFFIDAVIT**
By virtue of an affidavit Sl. No.-379, dtd. 24.06.2025 before Notary Public, Bhubaneswar, I, Dhiren Kumar Nayak have changed my name from Diran Kumar Nayak to Dhiren Kumar Nayak. Henceforth I shall be known as **Dhiren Kumar Nayak** for all purposes.
Sd/- Dhiren Kumar Nayak

**AFFIDAVIT**
By virtue of an affidavit Sworn before Notary Public, Salipur on dated 1st July 2025. I, Mr. Srikanta Malik, S/o- Sindhunath Malik, Resident of Village : At/Po-Mahakalpada, Dist-Jajpur, Pin-754214, State-Odisha, I have changed my minor sons name from "S.S Shriansh" to "Shriansh Malik". Henceforth, He shall be known as **"Shriansh Malik "** for all Purpose.
Srikanta Malik

**AFFIDAVIT**
I, Punam Agarwal, D/o.: Dillip Agrawal, resident of At: Bazarpada (Madanmohanpada), PO./P.S./Dist.: Angul, PIN-759122, Odisha, declare by this affidavit No.: 1846, dated-19/06/2025, that now onwards I shall be known as **POONAM AGRAWAL** for all future purposes.

**AFFIDAVIT**
By virtue of an affidavit before The Notary Public, Titilagarh, on dated-01/07/2025. I, **Biranchi Gahir** (Applicant name), Son of Rushi Gahir, Permanent resident of At- Arshatula, P.O. Parasara, P.S. Sindhekela, Dist. Balangir, (Odisha), PIN- 767035 now residing at the same place affirm that I have changed my minor daughter's name from **Laps Mudra** (old name) To **Lopamudra Gahir** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Lopamudra Gahir** (new name).
**Biranchi Gahir**

**AFFIDAVIT**
By virtue of an affidavit before the Executive Magistrate, Jajpur. I, Manasi Nath of Vill.- Jafarpur, P.O.- Adanga Purusottampur, P.S.- Jajpur Sadar, Dist.- Jajpur, Odisha, do hereby declare that my son's actual name is Jyoti Ranjan Nath mentioned in his Birth Certificate But in his Aadhar card wrongly mentioned as Jotirajan Natha. Henceforth he shall be known as **Jyoti Ranjan Nath** for all purposes.
Sd/- Manasi Nath

**AFFIDAVIT**
I, Subhashree Mohapatra, aged about 46 years, W/o- Ranjit Mahapatra, resident of At- Ainipur, Po- Kalarabank, Ps- Kishannagar, Dist- Cuttack, Odisha, Pin-754298 declare by this affidavit No. 1262, dtd-02/07/2025, that now onwards I shall be known as **SHUBHASHREE MOHAPATRA** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Banpur, dated 30/06/2025 I, Jogendra Bariki, S/o- Chintamani Bariki of Address At-Sarubaripadar, Po/Ps-Banpur, Dist.- Khordha declare that I have changed my name from Jogendra Barik to Jogendra Bariki. Henceforth, I shall be known as **Jogendra Bariki** for all purposes.

**AFFIDAVIT**
By virtue of an affidavit before Tahasildar cum Executive Magistrate laxmipur No 676, dated 26.06.2025, I Sri Ranjit Kumar Mahanandia, S/o Kamdeba Mahanandia, Village - Sarisapadar, Po. - Toyaput, PS - Laxmipur, Dist - Koraput, Odisha declare that I have changed my son's name from **Pritam Mahanandia** to **Subham Mahanandia**. Hence forth he will be known as **Subham Mahanandia** for all purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, CF NO: 99, on Dated 01.07.2025, I, SASMITA PADHY, D/o Late Raghunath Panda, W/o Nilamadhab Padhy resident of HIG-1, BDA Duplex Phase-1, Pokhariput Bhubaneswar, Khorda, Pin - 751020, I have changed my name from SASMITA PANDA (Old Name) to SASMITA PADHY (New Name). Henceforth, I shall be known as SASMITA PADHY for all purposes.
Sd- SASMITA PADHY

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAOCRSPBBS-11-2025, ତା.23.06.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ହାଓଡ଼ା - ବିଶାଖାପାଟଣା ମେନ୍ ଲାଇନରେ ସୁର୍ଲା ରୋଡ଼ - ଇଚ୍ଛାପୁରମ ଷ୍ଟେସନ ମଧ୍ୟରେ ରେଳୱେ କି.ମି. 622/1-3 ଠାରେ ଲେଭେଲ୍ କ୍ରସିଙ୍ଗ୍ ନଂ. 326 ପରିବର୍ତ୍ତେ ରୋଡ଼ ଓଭର ବ୍ରିଜ୍ (ROB) (1 X 36.0 ମିଟର କମ୍ପୋଜିଟ୍ ଗର୍ଡ଼ର + 2 X 24.0 ମିଟର କମ୍ପୋଜିଟ୍ ଗର୍ଡ଼ର + 4 X 14.5 ମିଟର T-Beam ଗର୍ଡ଼ର)ର ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 6126.73 ଲକ୍ଷ, EMD : ₹ 32,13,400/-

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAOCRSPBBS-12-2025, ତା.26.06.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ହାଓଡ଼ା - ବିଶାଖାପାଟଣା ମେନ୍ ଲାଇନରେ ମନ୍ଦସା - ବାରୁଆ ଷ୍ଟେସନ ମଧ୍ୟରେ ରେଳୱେ କି.ମି. 655/25-27 ଠାରେ ଲେଭେଲ୍ କ୍ରସିଙ୍ଗ୍ ନଂ. 353 ପରିବର୍ତ୍ତେ ରୋଡ଼ ଓଭର ବ୍ରିଜ୍ (ROB) (1 X 36.0 ମିଟର କମ୍ପୋଜିଟ୍ ଗର୍ଡ଼ର + 2 X 24.0 ମିଟର କମ୍ପୋଜିଟ୍ ଗର୍ଡ଼ର + 4 X 18.75 ମିଟର T-Beam ଗର୍ଡ଼ର)ର ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 6121.34 ଲକ୍ଷ, EMD : ₹ 32,10,700/-

କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ (ଉଭୟ କ୍ରସ ସଂଖ୍ୟା ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.07.2025ରିଖ 1500 ଘଟିକାରେ (ଟେଣ୍ଡର ସଂ. 1 ନିମନ୍ତେ) ଏବଂ ତା.29.07.2025ରିଖ 1500 ଘଟିକାରେ (ଟେଣ୍ଡର ସଂ. 2 ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଗଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G & G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡର 2ର ଅନୁଲଗ୍ନକ-I, ଟେଣ୍ଡର ଫାର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ / ନିର୍ମାଣ / RSP / ଭୁବନେଶ୍ୱର
PR-49/CI/25-26

**AFFIDAVIT**
I NEHA PATEL, W/o NAVEEN PATEL, resident of MAHATAMA GANDHI ROAD, Po / PS -Jeypore, Dt-Koraput, odisha -764 001, Odisha declare by this Affidavit No., 2932, Dated 02/07/2025, that now onwards I shall be known as **NEETA PATEL** for all future purpose.

**AFFIDAVIT**
I, Ranjit Mohapatra, aged about 50 years, S/o- Ramachandra Mahapatra, resident of At- Ainipur, Po- Kalarabank, Ps- Kishannagar, Dist- Cuttack, Odisha, Pin-754298 declare by this affidavit No. 1263, dtd-02/07/2025, that now onwards I shall be known as **RANJIT MAHAPATRA** for all future purposes.

**AFFIDAVIT**
By virtue of an affidavit sworn before The Notary Public, Dharmasala, Jajpur on dated-01/07/2025. I, **Sabita Malla,** aged about 51 years, W/o-Bijaya Malla, permanent resident of At- Purusottampur, PO- Gatanai, PS- Marshaghai, Dist- Kendrapara, Odisha, PIN-754141 declare that I have changed my minor son's name from **Asutosha Malla** (old name) To **Ashutosh Malla** (new name). Henceforth, he shall be known as **Ashutosh Malla** (new name) for all future purposes.
**Sabita Malla**

# କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ





## 'ଡବଲ୍ ଇଞ୍ଜିନ୍ ସରକାର ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳୁଛନ୍ତି'

କେନ୍ଦୁଝର, ୨୮ (ସମିସ): କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ବୁଧବାର କେନ୍ଦୁଝର ନଗର ଭବନଠାରେ ଅନୁଷ୍ଠିତ ହୋଇଛି। ଦ୍ୱିତୀୟ ଥର ପାଇଁ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ନିଜ ବକ୍ତବ୍ୟରେ କହିଥିଲେ ଯେ ପୂର୍ବରୁ ରାଜ୍ୟରେ ଲାଗୁ ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୪ହଜାର କୋଟି ଟଙ୍କାର ବଜେଟ ବ୍ୟବସ୍ଥା ହୋଇଥିଲା ମାତ୍ର ସମଗ୍ର ଦେଶରେ ଆୟୁଷ୍ମାନ ଯୋଜନାରେ ମାତ୍ର ୬ହଜାର କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରାଯିବା ଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟ ସାଙ୍ଗରେ ଡବଲ ଇଂଜିନ ସରକାର ଖେଳ ଖେଳିଛି ବୋଲି ସେ କହିଥିଲେ। ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରି ସେ କହିଥିଲେ ଯେ ଏ ସରକାର ଦାଦନ ହଟେଇବେ କହିଥିଲେ ମାତ୍ର ଗୋଟିଏ ବର୍ଷରେ ୧୫୦ ଜଣଙ୍କ ଦାଦନ ଶବ ଫେରିଛି। ଅନେକଙ୍କ ଖୋଜଖବର ନାହିଁ। ସରକାରଙ୍କ ବିଫଳତାକୁ ନେଇ ଏଥର ବିଧାନସଭାରେ ଜୋରଦାର ଲଢେଇ ହେବ ବୋଲି ସେ କହିଥିଲେ। ସରକାର ଥିବା ସମୟରେ ୨ଲକ୍ଷ ୯୦ହଜାର କୋଟି ବଜେଟ ଛାଡ଼ିଥିଲୁ କିନ୍ତୁ ଏବେ ଶତକଡା ୧୯ ପ୍ରତିଶତ କେନ୍ଦ୍ରୀୟ ଅନୁଦାନ କମ ଆସିଛି। ଆଜି ଓଡ଼ିଆ ଅସ୍ମିତା କୁଆଡେ ଗଲା ବୋଲି ବିଧାୟକ ଡ. ସାହୁ ପ୍ରଶ୍ନ କରିଥିଲେ। ଓଡିଶାରୁ ନିର୍ବାଚିତ ହୋଇଥିବା ୨୦ଜଣ ଏମପି ଚୁପ ହୋଇ ବସିଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ନିଜ ବକ୍ତବ୍ୟରେ ଅତୀତରେ ଦଳର ସଂଘର୍ଷ ସମ୍ପର୍କରେ ଆଲୋଚନା କରିବା ସହିତ କର୍ମୀମାନଙ୍କ ମନୋବଳ ବୃଦ୍ଧି କରିବାକୁ ହେବ ବୋଲି ଆହ୍ୱାନ ଦେଇଥିଲେ। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପାଟଣାର ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ସଦର ନିର୍ବାଚନମଣ୍ଡଳୀର ପ୍ରାର୍ଥିନୀ ମୀନା ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ରମଣୀ ନାଏକ, ଯୁବ ସଭାପତି ରାକେଶ ରାମ, ଆନନ୍ଦପୁର ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ଚମ୍ପୁଆ ଏନଏସିର ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, କେନ୍ଦୁଝରଗଡ଼ ପୌର ଉପାଧ୍ୟକ୍ଷା ବରଦା ପ୍ରସନ୍ନ ଦାସ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ସତ୍ୟବ୍ରତ ନାୟକ, କୃଷକ ମୋର୍ଚ୍ଚା ସଭାପତି ଦୀପକ ରାଜ, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଅମରେନ୍ଦ୍ର ଧଳ, କାଉନସିଲର ଶରତ ସାହୁ, କେକି କାକଳି କୁମୁରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଖଣି ପରିବହନରେ ସ୍ଥାନୀୟ ଲୋକଙ୍କୁ ଉପେକ୍ଷା

# ୮ ଦଫା ଦାବି ପୂରଣ ନେଇ ଜାରି ରହିବ ଆନ୍ଦୋଳନ



ବଡ଼ବିଲ, ୨୮ (ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଜିଲ୍ଲାପାଳଙ୍କ ନିକଟରେ ଗତ ୧୩.୧.୨୨ ଓ ୨୬.୪.୨୨ରେ ହୋଇଥିବା ମିଳିତ ରାଜିନାମାକୁ କମ୍ପାନୀ ଖିଲାଫ କରି ସ୍ଥାନୀୟ ଲୋକଙ୍କୁ ଉପେକ୍ଷା କରିଆସୁଛି। କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନଦେବା ସହ ପରିବହନ କାର୍ଯ୍ୟ କରୁଥିବା ୫୦ ଜଣ ସ୍ଥାନୀୟ ପରିବହନ ଠିକାଦାରଠାରୁ ଛଡେଇ ନେଇ ଜଣେ ଅଣଓଡ଼ିଆ ଠିକାଦାରଙ୍କୁ ଦେଇଦେଇଥିବା ପ୍ରତିବାଦରେ ଭଦ୍ରାସାହି ଓ ସେରେଣ୍ଡା ପଞ୍ଚାୟତର ଶତାଧିକ ପୁରୁଷ, ମହିଳା କାଶିଆ ଖଣି ସମ୍ମୁଖରେ ଆନ୍ଦୋଳନରେ ବସିଥିବା ଜଣାଯାଇଛି। ଗତ ୨୧ ତାରିଖରୁ ଆନ୍ଦୋଳନରେ ବସିଥିବା ବେଳେ, ଆଜି ସେରେଣ୍ଡା ଗ୍ରାମପଞ୍ଚାୟତର ସରପଞ୍ଚ ସୁସ୍ମିତା ସିଦ୍ଧୁ ଏକ ସାମ୍ବାଦିକ ସମ୍ମିଳନୀରେ ୮ ଦଫା ଦାବି ସମ୍ପର୍କରେ ସୂଚନା ଦେଇଛନ୍ତି। ସ୍ଥାନୀୟ ଲୋକଙ୍କୁ ସ୍ଥାୟୀ ନିଯୁକ୍ତି, ପରିବହନ କାର୍ଯ୍ୟ ପ୍ରଦାନ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଗମନା ଗମନ ଭଳି ଦାବିନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଏହି ଆନ୍ଦୋଳନର ୧୨ଦିନ ପରେ ମଧ୍ୟ କମ୍ପାନୀ ତରଫରୁ କୌଣସି ପଦକ୍ଷେପ ନିଆ ଯାଉ ନ ଥିବାରୁ ଆଜି ପୁନର୍ବାର ଏକ ଦାବିପତ୍ର ଦେବା ସହ ଆଗାମୀ ସାତ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଆସନ୍ତା ୯ ତାରିଖଠାରୁ ପରିବହନ କାର୍ଯ୍ୟକୁ ସମ୍ପୂର୍ଣ ଅବରୋଧ କରାଯିବ ବୋଲି ଦୁଇ ପଞ୍ଚାୟତର ଲୋକପ୍ରତିନିଧି ଓ ଶତାଧିକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପୂର୍ବତନ ସରପଞ୍ଚ ଭଗବାନ ଚାତମ୍ବା, ରାମଚନ୍ଦ୍ର ମୁଣ୍ଡା, ଶଙ୍କର ଚାତମ୍ବା, ସୁଦାମ ଚରଣ ସାହୁ, ମନୋଜ ପଟ୍ଟନାୟକ, କୁବେର ପଲେଇ, ଗୌତମ ପଲେଇ, ବିଷ୍ଣୁ ପଲେଇ, ନିଶିକାନ୍ତ ପଲେଇ, ପିଙ୍କୁ ପଲେଇ, ଚନ୍ଦନ ପଲେଇ, ସଞ୍ଜୟ ଟପ୍ପୋ, ମଦନମୋହନ ବେହେରା, ନିଶିକାନ୍ତ ମହାକୁଡ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଉଥିବା ଜଣାପଡିଛି।

## ସ୍ୱଧର୍ମକୁ ଫେରିଲେ ୫ ପରିବାର

ରାମଚନ୍ଦ୍ରପୁର,୨୮ (ସମିସ): ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ ପନାସିଆ ଆଦିବାସୀ ବସ୍ତିରେ ୫ ପରିବାରର ସଦସ୍ୟ ଅନ୍ୟ ଧର୍ମ ଗ୍ରହଣ କରିଥିବା ବେଳେ ସେମାନେ ପୁଣି ସ୍ୱଧର୍ମକୁ ଫେରିଛନ୍ତି। ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ରଙ୍କ ସଂଯୋଜନାରେ ଜିଲ୍ଲା ହିନ୍ଦୁ ସଂସ୍କୃତି ସଂଯୋଜକ ପ୍ରଶାନ୍ତ ଚକ୍ର, ଶରତଚନ୍ଦ୍ର ସ୍ୱାଇଁ ସମେତ ହିନ୍ଦୁ ସଗଠନର ଅନେକ କର୍ମକର୍ତ୍ତା ପନାସିଆ ଆଦିବାସୀ ବସ୍ତିରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା ପରେ ୫ ପରିବାରର ପ୍ରାୟ ୨୦ ସଦସ୍ୟ ସ୍ୱେଚ୍ଛାକୃତ ଭାବେ ହିନ୍ଦୁ ଦେବାଦେବୀଙ୍କୁ ସାକ୍ଷୀ ରଖି ପୁନର୍ବାର ନିଜର ସ୍ୱଧର୍ମକୁ ଫେରିଛନ୍ତି। ବିଗତ ଦିନରେ ଲୋଭର ବଶବର୍ତ୍ତୀ ହୋଇ ଅନ୍ୟ ଧର୍ମକୁ ଆପଣାଇଥିଲେ ବୋଲି ହିନ୍ଦୁ ଧର୍ମକୁ ଫେରିଥିବା ଉକ୍ତ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି। ହିନ୍ଦୁ ଜାଗରଣ ମଞ୍ଚର କର୍ମକର୍ତ୍ତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପୁଲିସର ବାଇକ୍ ଧରପଗଡ଼

ବଡ଼ବିଲ, ୨୮ (ସମିସ): ଖଣିଜ କ୍ଷେତ୍ର ବଡ଼ବିଲ ପୌରାଞ୍ଚଳ ତଥା ବଡ଼ବିଲ ଥାନାଞ୍ଚଳରେ ବଡ଼ବିଲ ପୁଲିସ୍ ପ୍ରଶାସନ ପକ୍ଷରୁ ଦୁଇଦିନ ଧରି କାଗଜପତ୍ର ଓ ନମ୍ବର ପ୍ଲେଟ ଯାଞ୍ଚ କରାଯାଉଛି। କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରାଞ୍ଚଳ ପଡୋଶୀ ଝାଡଖଣ୍ଡ ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳ ହୋଇଥିବା ବେଳେ ଅନେକ ସମୟରେ ଅପରାଧୀମାନେ ଓଡ଼ିଶାରେ ଅପରାଧ ଘଟାଇ ଅନାୟାସରେ ପଡୋଶୀ ଝାଡଖଣ୍ଡ ରାଜ୍ୟକୁ ଖସି ଯିବାରେ ସକ୍ଷମ ହୋଇଥାନ୍ତି। ଅପ୍ରାପ୍ତ ବୟସ୍କ ପିଲାମାନେ ଗାଡ଼ି ଚଳାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ଭଦ୍ରାସାହି ଛକ, କିରିବୁରୁ ଛକ ନିକଟରେ ଦୁଇଚକିଆ ଯାନଗୁଡ଼ିକର କଡାକଡି ଯାଞ୍ଚ କରାଯାଉଥିବା ଦେଖିବାକୁ ମିଳିଛି। ଅନେକଗୁଡ଼ିଏ ଦୁଇଚକିଆ ଯାନ ପୁଲିସର ଯାଞ୍ଚକୁ ଦେଖି ଦୂରରୁ ଗାଡ଼ି ବୁଲାଇ ଚାଲି ଯାଉଥିବା ଦେଖିବାକୁ ମିଳୁଛି। ତେବେ, ଗତ ଏକ ସପ୍ତାହ ମଧ୍ୟରେ ସମୁଦାୟ ୧୫ ଶହରୁ ଅଧିକ ଗାଡି ଯାଞ୍ଚ କରି ପ୍ରାୟ ୧୨ଲକ୍ଷ ଟଙ୍କା ଜରିମାନା କରିଥିବା ବେଳେ ନକଲି ନମ୍ବର ପ୍ଲେଟ ଲଗାଇଥିବା ୭ଟି ଗାଡ଼ି ଜବତ କରିଥିବା ବଡ଼ବିଲ ଥାନାଧିକାରୀ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି।

## ଶ୍ରୀଧର ବିଦ୍ୟାଳୟରେ ଚାରା ରୋପଣ

ହାଟଡ଼ିହୀ,୨୮ (ସମିସ): ହାଟଡ଼ିହୀ ବ୍ଲକ ସମଣା ପଞ୍ଚାୟତ ଅଧୀନ ଗିରିଗାଁସ୍ଥିତ ଶ୍ରୀଧର ସରକାରୀ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଦେବେନ୍ଦ୍ରନାଥ ସାହାଙ୍କ ସଂଯୋଜନାରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ ହୋଇଛି। କାର୍ଯ୍ୟକ୍ରମରେ ସ୍କୁଲ କମିଟିର ଅଧ୍ୟକ୍ଷ ପଦ୍ମନାଭ ସ୍ୱାଇଁ, ଯୁବ ସମାଜସେବୀ ନୀଳମଣି ବାରିକଙ୍କ ସହ ବିଦ୍ୟାଳୟର ଶିକ୍ଷୟିତ୍ରୀ ହିମାଦ୍ରୀ ନନ୍ଦିନୀ ସ୍ୱାଇଁ, ଶୁଭଶ୍ରୀ ଜେନା, ଶିକ୍ଷକ ଅଜୟ ବରାଳ, ପ୍ରଦୋଷ ନାୟକ ଏବଂ ସ୍କୁଲର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## ବାହୁଡ଼ା ଯାତ୍ରା ପାଇଁ ସ୍ୱତନ୍ତ୍ର ବୈଠକ

ଚମ୍ପୁଆ, ୨୮ (ସମିସ): ଚମ୍ପୁଆ ଉପଖଣ୍ଡସ୍ତରୀୟ ଶ୍ରୀଦଧିବାମନଜୀଉଙ୍କ ବାହୁଡା ଯାତ୍ରା ନିମନ୍ତେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁଣ୍ଡିଚା ଯାତ୍ରାର ରଥଯାତ୍ରା ସମୀକ୍ଷା ଓ ବାହୁଡା ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅବସରରେ ସ୍ଥାନୀୟ ଏସଡିପିଓ ରଶ୍ମିରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ଚମ୍ପୁଆ ପିଏଆଇଟିଡିଏ ରାମକୃଷ୍ଣ ଗଣ୍ଡ, ପୁଲିସ ଆଇଆଇସି ରମାକାନ୍ତ ମୁଦୁଲି, ମନ୍ଦିର ପରିଚାଳନା କମିଟି, ପୂଜକ ଚମ୍ପକେଶ୍ୱର ମିଶ୍ର, ବରିଷ୍ଠ ନାଗରିକ ଧିରେନା ଦାସ, ସତ୍ୟବାନ କର, ଧିରୋଜ ଚାଉଡା, ଜଳେଶ୍ୱର ପୋଦ୍ଦାର, ଧରଣୀଧର ଦାସ, ଅରୁଣ ପତି, ରମେଶ ପ୍ରଧାନ, ପ୍ରକାଶ କୁଣ୍ଡୁ, ଭକ୍ତବନ୍ଧୁ ପ୍ରଧାନ, ପବିତ୍ର ନାୟକ, ପ୍ରଦୀପ ପ୍ରଧାନ, ସଞ୍ଜୀବ ରାଜ, ଅନିଲ ସାହୁ, ମନୋଜ ସାହୁ, ସୁବାସ ରାମ, ଅମିତାଭ ପ୍ରଧାନ, ସିଦ୍ଧାର୍ଥ ସିଂ, ଭାସ୍କର ମହାକୁଡ, ରବୀନ୍ଦ୍ର ପଣ୍ଡା, ବସନ୍ତ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ବଢୁଛି କାଞ୍ଝାରି ଡ୍ୟାମ୍ ଜଳସ୍ତର, ପ୍ରଶାସନର ସତର୍କତା

ତୁରୁମୁଙ୍ଗା, ୨୮ (ସମିସ):କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅନ୍ତର୍ଗତ କାଞ୍ଝାରି ନଦୀ ଓ ବୈତରଣୀ ନଦୀର ପାର୍ଶ୍ୱବର୍ତ୍ତୀ ସାଧାରଣ ଜନତାଙ୍କୁ ମଙ୍ଗଳବାର ପାଟଣା ତହସିଲ ପକ୍ଷରୁ ସତର୍କ କରାଯାଇଛି। ଡାକବାଜି ଯନ୍ତ୍ର ଦ୍ୱାରା ନଦୀକୁ ମାଛ ଧରିବା, ଗାଧୋଇବା କିମ୍ବା ଅନ୍ୟ କୌଣସି କାର୍ଯ୍ୟରେ ନଯିବାକୁ ଚେତାବନୀ ଦିଆଯାଇଛି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଓ କାଞ୍ଝାରି ବନ୍ଧରେ ଜଳର ପତ୍ତନ ବୃଦ୍ଧି ପାଇଥିବାରୁ ଗୋଟିଏ ଗେଟ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଡ୍ୟାମକୁ ପ୍ରତି ସେକେଣ୍ଡରେ ୧୯ କ୍ୟୁସେକ ଜଳ ପ୍ରବେଶ ହେଉଥିବା ବେଳେ ୫୪ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଏନେଇ କୌଣସି ଜୀବନ ହାନି ହେବାର ଆଶଙ୍କା ଥିବାରୁ ତଳିଆ ଲୋକଙ୍କୁ ସଚେତନ କରାଯାଉଥିବା ପାଟଣା ତହସିଲଦାର ଅଶ୍ୱିନୀ ନାଏକ କହିଛନ୍ତି।

## ଅବସରନେଲେ ଦୁଇ ଅତିରିକ୍ତ ଶିକ୍ଷାଧିକାରୀ

ତେଲକୋଇ, ୨୮ (ସମିସ): ତେଲକୋଇ ବ୍ଲକ ଶିକ୍ଷା ବିଭାଗର କାର୍ଯ୍ୟରତ ଦୁଇ ଜଣ ଅତିରିକ୍ତ ଶିକ୍ଷାଧିକାରୀଙ୍କ ଗତ ୩୦ତାରିଖରେ କାର୍ଯ୍ୟକାଳ ଶେଷ ହୋଇଛି। ଶିକ୍ଷକ ସଂଘ ପକ୍ଷରୁ ତେଲକୋଇ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଉଭୟ ଅତିରିକ୍ତ ଶିକ୍ଷାଧିକାରୀ ସୁବାସଚନ୍ଦ୍ର ମହାନ୍ତି ଓ ମୀନାକ୍ଷୀ ନନ୍ଦଙ୍କୁ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ବିଭାଗର ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ ଯୋଗ ଦେଇଥିଲେ। ସଂଘର ସଭାପତି ଓ ସମ୍ପାଦକ ଯୋଗ ଦେଇଥିଲେ। ସଭାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଥିବା ପ୍ରେରଣାକୁ କାର୍ଯ୍ୟରେ ପରିଣତ କରାଯାଇ ପାରିବ ବୋଲି ସମ୍ପାଦକ ପ୍ରଦ୍ୟୁମ୍ନ ପ୍ରଧାନ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ୧୪ଟି କ୍ଲଷ୍ଟରର ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିବା ବେଳେ ସମସ୍ତ ସିଆରସିସି ସହଯୋଗ କରିଥିଲେ। ସିଆରସିସି ନନ୍ଦକିଶୋର ମହାନ୍ତ ଓ ଶିକ୍ଷକ ଟୁନା ଅମାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଳ୍ପଦିନରେ ଭାଙ୍ଗିଲା ନବନିର୍ମିତ ରାସ୍ତା, ପଥଚାରୀ ହନ୍ତସନ୍ତ



### ବର୍ଷକରେ ଦବିଗଲା ପେଭର ଇଟା ରାସ୍ତା, ତୁରନ୍ତ ମରାମତି ଦାବି

ହାଟଡ଼ିହୀ,୨୮ (ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ବାଲିବରେଇ ଗ୍ରାମରୁ ପଡ଼ିଆରିପଲ୍ଲୀ ଯାଏଁ ଲମ୍ବିଥିବା ମୁଖ୍ୟରାସ୍ତାର ବାଲିବରେଇ ଗାଁ ଛକଠାରେ ରାସ୍ତାର କିଛିଅଂଶ ଭାଙ୍ଗି ଯାଇଥିବାରୁ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଗ୍ରାମବାସୀଙ୍କ କହିବାନୁସାରେ, ଗୋଟିଏ ବର୍ଷ ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାର ନବୀକରଣ କାର୍ଯ୍ୟ ହୋଇଥିଲା। ଗାଁ ଛକ ରାସ୍ତର କିଛିଅଂଶ ପେଭର ଇଟା ସ୍ଥାପନ କରାଯାଇଥିଲା; କିନ୍ତୁ ରାସ୍ତା ନିର୍ମାଣ ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାଟି ଖୁବ ଅଳ୍ପଦିନ ମଧ୍ୟର ଭାଙ୍ଗି ପଡ଼ିଛି। ଏହି ରାସ୍ତା ଉପରେ ବାଲିବରେଇ ଗ୍ରାମର ମୁଖ୍ୟତଃ ୪ଟି ୱାର୍ଡ଼ର ବାସିନ୍ଦା ନିର୍ଭର କରୁଥିବା ବେଳେ ସେମାନଙ୍କ ଚଳପ୍ରଚଳରେ ଅଧିକ କଷ୍ଟଦାୟକ ହେଉଛି। ଗ୍ରାମର ୫ନଂ ୱାର୍ଡ଼ସ୍ଥିତ ତଳସାହି, ୬ନଂ ୱାର୍ଡ଼ସ୍ଥିତ ଉପରସାହି, ୭ନଂ ୱାର୍ଡସ୍ଥିତ ମାଝିସାହି ଏବଂ ୧୨ନଂ ୱାର୍ଡ଼ସ୍ଥିତ ରାମକୃଷ୍ଣପୁର ଶାସନ ଲୋକେ ଭଙ୍ଗା ରାସ୍ତାରେ କଦର୍ଯ୍ୟ ଅବସ୍ଥାରେ ଯା'ଆସ କରୁଛନ୍ତି। ଏହି ୱାର୍ଡ଼ ମଧ୍ୟରୁ ଅନେକ କୁନି କୁନି ଛୁଆ ଅଙ୍ଗନବାଡି କେନ୍ଦ୍ରକୁ ଆସିବାରେ ସେମାନଙ୍କ ପାଇଁ ବିଶେଷ ସମସ୍ୟା ଦେଖାଦେଇଛି। ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀମାନେ ଏଭଳି ଭଙ୍ଗାରାସ୍ତା ପାଇଁ ନାନା କଷ୍ଟ ଭୋଗୁଥିବା ବେଳେ ଗାଁଲୋକେ ମନ୍ଦିରକୁ ଯିବାରେ ମଧ୍ୟ ନାନା କଷ୍ଟ ଭୋଗୁଛନ୍ତି। ସାଧାରଣତଃ ୨ଚକିଆ ବାଇକ ଆରୋହୀଙ୍କ ପାଇଁ ରାସ୍ତାଟି ମରଣଯନ୍ତା ପାଲଟିଛି। ଅନେକ ସମୟରେ ବାଇକ ଆରୋହୀମାନେ ବୁଲାଣି ସହ ଭଗ୍ନ ରାସ୍ତା ପାଇଁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଅନେକ ଅଂଶ ଭାଙ୍ଗିଯିବାରୁ ସେସବୁ ଖାଲଖମାରେ ବର୍ଷପାଣି ଜମି ଅଧିକ ନଷ୍ଟ ହେବାରେ ଲାଗିଛି। ଏହି ରାସ୍ତା ଉପରେ ବାଲିବରେଇ ସହ ରାମକୃଷ୍ଣପୁର, ଦନେଇପୁର, ଆତୁରିକଣା, ପଡ଼ିଆରିପଲ୍ଲୀ, ବଣିଆଁପଙ୍କ, ମହୁଲପଙ୍ଖା, ଜଡ଼ାବାଙ୍କ, ସିଆଡ଼ିମାଳିଆ, ତଅଁଳ, ରାଇଘାଟି ଆଦି ଗ୍ରାମ ସହ ଆହୁରି ଅନେକ ଗ୍ରାମର ଶତାଧିକ ଲୋକେ ପ୍ରତିଦିନ ଯା'ଆସ କରନ୍ତି। ଗାଁ ଲୋକଙ୍କ ସହ ପଥଚାରୀମାନେ ଖରାପ ସହ ରାସ୍ତାଟି ବାଙ୍କ ପାଇଁ ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଯା'ଆସରେ ସୁବିଧା ସହ ପଥଚାରୀଙ୍କ ଗମନାଗମନର ସୁବିଧା ପାଇଁ ବିଭାଗୀୟ ଅଧିକାରୀ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେଇ ଭଗ୍ନ ରାସ୍ତାର ମରାମତି କରାଇବାକୁ ଗ୍ରାମର ସ୍ୱର୍ଣ୍ଣଲତା ଆୟଚ, ବାସନ୍ତୀ ସାମଲ, ସ୍ୱର୍ଣ୍ଣଲତା ସାମଲ, ଜୟନ୍ତୀ ମହାନ୍ତି, ମଞ୍ଜୁଲତା ମହାନ୍ତି, ସନ୍ତୋଷ କୁମାର ଆୟଚ, ସହଦେବ ସାମଲ, ରବିନ୍ଦ୍ର ଚକ୍ର, ମାନସ ସାମଲ, ଭଗୀରଥି ମହାନ୍ତି, ଲକ୍ଷ୍ମୀଧର ରାଉତ, ପ୍ରାଣବନ୍ଧୁ ମହାନ୍ତି, ରମେଶ ସାମଲ ପ୍ରମୁଖ ଦାବି କରିଛନ୍ତି।

## ରାସ୍ତା ସମସ୍ୟା ନେଇ ଗ୍ରାମବାସୀଙ୍କ ଦାବିପତ୍ର



ହାଟଡ଼ିହୀ,୨୮ (ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ବଞ୍ଜୋ ପଞ୍ଚାୟତ ନାଇକସାହିକୁ ସବୁଦିନିଆ ରାସ୍ତାଟିଏ ନାହିଁ। ଗାଁରେ ୬୦ରୁ ଉର୍ଦ୍ଧ୍ୱ ପରିବାରର ୩ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ରାସ୍ତା ନଥିବାରୁ ବର୍ଷାଦିନେ ଗାଁଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏପରିକି, ବର୍ଷାଦିନେ ଖଟିଆରେ ବୋହି ମୁଖ୍ୟରାସ୍ତାକୁ ଆଣିବା ପରେ ଆମ୍ବୁଲାନ୍ସ କିମ୍ବା ଅନ୍ୟ ଗାଡିରେ ଡାକ୍ତରଖାନା ନେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ହାଟଡ଼ିହୀ ବିଡିଓ, ବ୍ଲକ ଉପାଧ୍ୟକ୍ଷ ଏବଂ ଉପଜିଲ୍ଲାପାଳଙ୍କୁ ଭେଟି ରାସ୍ତା ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ତୁରନ୍ତ ଏକ ରାସ୍ତା ନିର୍ମାଣ ପାଇଁ ଲିଖିତ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ଏହି ସାହିକୁ ଯିବା ପାଇଁ ଯେଉଁ ରାସ୍ତାଟି ଅଛି ତାହା ମଝିରେ କିଛି ଲୋକଙ୍କ ପଟ୍ଟାଭୁକ୍ତ ଜମି ରହିଥିବାରୁ ସେମାନେ ଅଧିକା ଜମି ଛାଡ଼ୁ ନାହାନ୍ତି। ତେଣୁ ରାସ୍ତା ନିର୍ମାଣ ହୋଇପାରୁ ନଥିବା ଜଣାପଡ଼ିଛି।

## ମାଗଣା ଶବ ବାହନ ସେବା ଶୁଭାରମ୍ଭ



କେନ୍ଦୁଝର, ୨୮ (ସମିସ): କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ମାଗଣା ଶବ ବାହନ ସେବା କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାୟକଙ୍କ କରକମଳରେ ଶୁଭାରମ୍ଭ ହୋଇଛି। ସନ୍ଧ୍ୟାରେ ଦୁଇଟି ଶବ ବାହକ ଗାଡି(ମହାପ୍ରୟାଣ)ର ମାଗଣା ସେବା ଉଦଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ୨ଟି ମାଗଣା ଶବ ବାହକ ଗାଡି ଯୋଗାଇ ଦିଆଯାଇଛି। ଏହି ମାଗଣା ସେବା ଶବ ବାହନ ପାଇଁ ଆବଶ୍ୟକତା ଅନୁସାରେ ପହଞ୍ଚିବ ବୋଲି ସିଡିଏମ୍ଓ ଡାକ୍ତର ବିନୋଦ ବିହାରୀ ମିଶ୍ର କହିଛନ୍ତି। ସିଡିଏମଓ ଡାକ୍ତର ବିନୋଦ ବିହାରୀ ମିଶ୍ର, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ(ମେଡିକାଲ) ଡାକ୍ତର ପ୍ରଦୀପ ମିଶ୍ର, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ(ଜନସ୍ୱାସ୍ଥ୍ୟ) ଡାକ୍ତର ପୁରୁଷୋତ୍ତମ ମହାନ୍ତ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ(ରୋଗ ନିୟନ୍ତ୍ରଣ) ଡାକ୍ତର ବସନ୍ତ ପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ନିତ୍ୟରଞ୍ଜନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଡାକ୍ତର ଦିବସ ଓ ଚାଟାର୍ଡ ଆକାଉଣ୍ଟାଣ୍ଟସ ଦିବସ ପାଳିତ




କେନ୍ଦୁଝର, ୨୮ (ସମିସ): ସମାଜରେ ଡାକ୍ତରଙ୍କ ଅବଦାନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଜୁଲାଇ ୧ରେ ଜାତୀୟ ଡାକ୍ତର ଦିବସ ପାଳନ କରାଯାଏ। ଭାରତରତ୍ନ ପୁରସ୍କାରପ୍ରାପ୍ତ ଚିକିତ୍ସକ ଡ. ବିଧାନ ଚନ୍ଦ୍ର ରାୟଙ୍କ ଜନ୍ମ ଓ ମୃତ୍ୟୁ ବାର୍ଷିକୀ ଏହି ଦିବସରେ ପାଳନ କରାଯାଉଛି। ଏହି ଅବସରରେ ରୋଟାରୀ କ୍ଲବ କେନ୍ଦୁଝର ପକ୍ଷରୁ ସଭାପତି ରୋଟାରିଆନ ହରିହର ମହାନ୍ତ ଏବଂ ସମ୍ପାଦକ ରୋଟାରିଆନ ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ରୋଟାରିଆନ ରାଜଲକ୍ଷ୍ମୀ ସ୍ୱାଇଁ, ଦେବବ୍ରତ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ବିଜୟନାଥ କାପୁର, ପ୍ରିୟଦର୍ଶୀ ପଟ୍ଟନାୟକ ପ୍ରମୁଖ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ବିନୋଦ ବିହାରୀ ମିଶ୍ର, ଧରଣୀଧର ମେଡିକାଲ କଲେଜର ଅଧୀକ୍ଷକ ପ୍ରଫେସର ଡ. ମହେନ୍ଦ୍ର ନାୟକ, ମାଇକ୍ରୋ ବାୟୋଲୋଜିର ପ୍ରଫେସର ଡ. ଶ୍ୱେତଲିନା ପଟ୍ଟନାୟକ, ଦାନ୍ତରୋଗ ବିଶେଷଜ୍ଞ ଡ. ସଞ୍ଜୀବ କୁମାର ଓତା, ଚକ୍ଷୁରୋଗ ବିଶେଷଜ୍ଞ ଡ. ରଶ୍ମିରଞ୍ଜନ ଭଞ୍ଜ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ମମତାରାଣୀ ଜେନା ଏବଂ ଡ. ପିସି. ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଚାଟାର୍ଡ ଆକାଉଣ୍ଟାଣ୍ଟ ଦିବସରେ ସଜ୍ଜନ ଅଗ୍ରୱାଲଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇଥିଲା। ସମସ୍ତ ରୋଟାରିଆନ ସହଯୋଗ କରିଥିଲେ।

## ଟାଟା ଷ୍ଟିଲ୍ ପକ୍ଷରୁ ବନ ମହୋତ୍ସବ ପାଳିତ



ଯୋଡ଼ା, ୨୮ (ସମିସ): ପରିବେଶ ସନ୍ତୁଳନ ଏବଂ ଜନସମାଜ ପାଇଁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ସଚେତନତା ବୃଦ୍ଧି ଏବଂ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ଉତ୍ସାହ ସୃଷ୍ଟି କରିବା ପାଇଁ ଟାଟା ଷ୍ଟିଲ ଯୋଡା ପକ୍ଷରୁ ବନ ମହୋତ୍ସବ ବୁଧବାର ଯୋଡା ସହର ଅନ୍ତର୍ଗତ ବନେଇକଳାଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦ ଜଣ ସାମ୍ବାଦିକ ସାମିଲ ହୋଇ ଶାଳ, ଶିଶୁ, ଗମ୍ଭାରୀ, କଞ୍ଚନ ଏବଂ କୁଡୁଚୀ ଭଳି ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଜାପାନର ମିୟାୱାକି ପଦ୍ଧତିକୁ ଅବଲମ୍ବନ କରାଯାଇଥିଲା ଯାହାକି ବୃକ୍ଷର ସ୍ଥାନୀୟ ପ୍ରଜାତି ଦ୍ୱାରା ଅଳ୍ପ ସମୟରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରାଯାଇପାରିବ। ଟାଟା ଷ୍ଟିଲ ଯୋଡା ମୁଖ୍ୟ ରାଜେଶ କୁମାର ପରିବେଶ ସନ୍ତୁଳନରେ ବୃକ୍ଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନର ପରିବର୍ତ୍ତନଶୀଳ ଜଳବାୟୁ ପାଇଁ ଗଛର ବହୁଳ ଆବଶ୍ୟକତା ରହିଛି ଏବଂ ଆବାଳବୃଦ୍ଧବନିତା ଚାରା ରୋପଣ କରିବାର ସମୟ ଆସିଛି ବୋଲି ମତ ପ୍ରକାଶ ପାଇଥିଲା। ଏହି ଉଦ୍ଦେଶ୍ୟରେ ବନ ମହୋତ୍ସବ ପ୍ରତିବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ପାଳନ କରାଯାଇଆସୁଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୨୮ (ସମିସ): ଟୁକୁଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଦାଶଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀ ହରିହର ଦଳେଇ, ମୁଖ୍ୟବକ୍ତା ଭାବେ ପୂର୍ବତନ ଶିକ୍ଷାଧିକାରୀ ଶରତ ରାଉତ, ସମ୍ମାନିତ ଅତିଥି ଆନନ୍ଦପୁର ଗୋଷ୍ଠୀ ସହ ଶିକ୍ଷାଧିକାରୀ ହେମେନ୍ଦ୍ର ମହାନ୍ତି, ପୂର୍ବତନ ଅତିରିକ୍ତ ଶିକ୍ଷାଧିକାରୀ ଅତୁଳ କୁମାର ବଳ, ରବିନାରାୟଣ ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟା ଅସୀମା ମିଶ୍ର, ଟୁକୁଣା ଗ୍ରାମର ବରିଷ୍ଠ ନାଗରିକ ରଙ୍ଗନାଥ ମିଶ୍ର, ସିଆର୍‌ସିସି ଶଶିକାନ୍ତ ମହାନ୍ତି, ବୁଦ୍ଧଦେବ ନାୟକ, ଅବସରପ୍ରାପ୍ତ ଗୋଷ୍ଠୀ ସହ ଶିକ୍ଷାଧିକାରୀ ଅଭିମନ୍ୟୁ ସାହୁ, ଟୁକୁଣା ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଇନ୍ଦିରା ପ୍ରୀୟଦର୍ଶିନୀ ଦେବ ବନ୍ଦିତା ଚକ୍ର, ବ୍ଲକ୍ ଶିକ୍ଷକ ସଂଘ ସଭାପତି ସନ୍ତୋଷ କୁମାର ଜେନା, ବିଦ୍ୟାଳୟ କମିଟି ଅଧ୍ୟକ୍ଷ ତନ୍ମୟ କୁମାର ମିଶ୍ର, ଶିକ୍ଷୟିତ୍ରୀ ସନ୍ଧ୍ୟା ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ସତିଶଚନ୍ଦ୍ର ଦାଶ ଅତିଥି ଭାବେ ଯୋଗ ଦେଇଥିଲେ।

### ତୁହାକୁ ତୁହା ଖର୍ଚ୍ଚ ହେଲାଣି ୩୬ କୋଟିରୁ ଅଧିକ

# ନଦୀବନ୍ଧ ରାସ୍ତା ପାଣିକାଦୁଅ; ଲୋକେ ହୀନସ୍ତା



ଆନନ୍ଦପୁର,୨୮ (ସମିସ): ଟୁକୁଣା ନଦୀବନ୍ଧ ନିର୍ମାଣରେ ଅହେତୁକ ବିଳମ୍ବ ଯୋଗୁଁ ସାଧାରଣ ଲୋକଙ୍କ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଛି। ଏବେ ଲଘୁଚାପ ପ୍ରଭାବରେ ବର୍ଷା ଆରମ୍ଭ ହୋଇଥିବାରୁ ବୈତରଣୀ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇଛି। ଏହି ସମୟରେ ଆନନ୍ଦପୁର ବ୍ଲକ୍ ଟୁକୁଣାଠାରୁ ପଞ୍ଚୁପଲ୍ଲୀ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ନଦୀବନ୍ଧ ରାସ୍ତାରେ ନିର୍ମାଣ କାର୍ଯ୍ୟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଖବର ପ୍ରକାଶ ପାଇବା ପରେ ଜଳସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତେବେ ବର୍ଷାରେ ତରବରିଆ ମରାମତି କାମକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ, ରାସ୍ତାରେ ପାଣି ଜମି ରହି ମାଟି କାଦୁଅ ହୋଇଥିବାରୁ ଲୋକଙ୍କୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଆନନ୍ଦପୁର ଜଳସମ୍ପଦ ବିଭାଗ ପକ୍ଷରୁ ଟୁକୁଣା-ପଞ୍ଚୁପଲ୍ଲୀ ରାସ୍ତାପାଇଁ ପ୍ରତିବର୍ଷ ଅର୍ଥ ବ୍ୟୟ ବରାଦ କରାଯାଉଛି। ୨୦୧୬ରେ ଖପରାଖାଇରୁ ପଞ୍ଚୁପଲ୍ଲୀ ପର୍ଯ୍ୟନ୍ତ ରାସ୍ତା ପାଇଁ ୧୬ କୋଟି, ୨୦୨୦ରେ ୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ନଦୀବନ୍ଧ ରାସ୍ତାରେ କୌଣସି ଉନ୍ନତି ଆସିପାରିନାହିଁ। ୨୦୨୪ ଅକ୍ଟୋବରରେ ଟୁକୁଣାଠାରୁ ପଞ୍ଚୁପଲ୍ଲୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୨ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଚଳିତବର୍ଷ ଜାନୁଆରୀରୁ କାମ ଆରମ୍ଭ ହୋଇଛି। ପୂର୍ବରୁ ଥିବା ପିଚୁକୁ ଉଠାଯାଇ ମେଟାଲ ପକାଯାଇଛି। ପହିଲି ବର୍ଷାରେ ରାସ୍ତାରୁ ମାଟି ଧୋଇଯାଇ ଘାଇ ସୃଷ୍ଟି ହୋଇଛି। ହେଲେ ଠିକାଦାରଙ୍କ ପକ୍ଷରୁ ଡବ୍ଲୁଏମ୍ଏମ୍ ନାମରେ ମାଟିମିଶା ଡଷ୍ଟ ପକାଯାଉଥିବା ଦେଖିବାକୁ ମିଳିଛି। ନଦୀବନ୍ଧ କାମ ଶେଷ ହୋଇ ନଥିବାରୁ ବୈତରଣୀରେ ବନ୍ୟା ଆସିଲେ ବାଇଲୋ, ପଞ୍ଚୁପଲ୍ଲୀ, ବେଳବାହାଳି ପଞ୍ଚାୟତର ଜନସାଧାରଣ ପ୍ରଭାବିତ ହେବେ ବୋଲି ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି।

# ଶିକ୍ଷକ ବଦଳିକୁ ନେଇ କୁହୁଳୁଛି ଅସନ୍ତୋଷ

ଖଇରା,୨।୭ (ସମିସ)




ଖଇରା ବ୍ଲକରେ ବେଆଇନ ଭାବେ କରାଯାଇଥିବା ଶିକ୍ଷକ ବଦଳିକୁ ନେଇ ସମଗ୍ର ବ୍ଲକରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଏପଟେ ଖଇରା ବ୍ଲକରେ ଶତାଧିକ ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ୫ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରୁ ୪ଜଣଙ୍କୁ ନିର୍ବାଚନ ମଣ୍ଡଳୀ ବାହାରକୁ ଓ ଜଣକୁ ବ୍ଲକ ବାହାରକୁ ବଦଳି କରାଯିବାରେ ଶିକ୍ଷାବିଭାଗର ସ୍ୱଚ୍ଛତାକୁ ନେଇ ଅଙ୍ଗୁଳି ଉଠିଛି। ଏଭଳି ବଦଳି ପ୍ରତିବାଦରେ ବରପଦା ୟୁପି ସ୍କୁଲର ଅଭିଭାବକ ଖଇରା ବିଇଓଙ୍କୁ ବଦଳି ବାତିଲ କିମ୍ବା ଅନ୍ୟ ଜଣେ ଶିକ୍ଷକ ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ସେପଟେ ୧୮ ତାରିଖରେ ଜିଲା ସ୍ତରୀୟ ବଦଳି କମିଟି ଦ୍ୱାରା ହୋଇଥିବା ଏହି ବଦଳି ତାଲିକା ଉପରେ ବଦଳି କମିଟି ପୁନଃବିଚାର ନ କଲେ ଆନ୍ଦୋଳନ ବ୍ୟାପକ ରୂପ ଧାରଣ କରିବ ବୋଲି ଶିକ୍ଷକ ପଦବୀ ଖାଲି ପଡିଥିବା ବିଦ୍ୟାଳୟ ସମୂହର ଅଭିଭାବକ ମାନେ ଚେତାବନୀ ଦେଇଛନ୍ତି। ଏଭଳି ଅସନ୍ତୋଷ ଆଗାମୀ ପଞ୍ଚାୟତ ନିର୍ବାଚନରେ ପ୍ରତିଫଳିତ ହେବା ଆଶଙ୍କା ଦେଖାଦେଲାଣି। ଚଳିତ ଶିକ୍ଷାବର୍ଷରେ ସର୍ବାଧିକ ୧୫ଜଣ ଶିକ୍ଷକଙ୍କୁ ରୋସ୍‌ନାଲାଇଜେନ ଭିତ୍ତିରେ ଏମ୍‌ପି ଓ ବିଧାୟକଙ୍କ ସୁପାରିସରେ ବଦଳି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିପାଇଁ ନିର୍ବାଚନ ମଣ୍ଡଳୀ ଭିତରେ ବଦଳିକୁ ସୀମିତ ରଖିବା, ବଦଳି ହେଉଥିବା ସ୍କୁଲରୁ ପିଲାସଂଖ୍ୟା ଓ ଶିକ୍ଷକ ଅନୁପାତ କୁ ଦୃଷ୍ଟି ଦିଆଯିବା, ଶିକ୍ଷକ ଏଥିପାଇଁ ସ୍ୱଇଚ୍ଛାରେ ଆବେଦନ କରିଥିବା, ବ୍ଲକରେ ମୋଟ ଶିକ୍ଷକ ସଂଖ୍ୟା ହିସାବକୁ ନିଆଯିବା ଭଳି ସର୍ତ୍ତ ଦିଆଯାଇଥିଲା। ବଦଳି ହୋଇଥିବା ଶିକ୍ଷକ ମାନେ ହେଲେ ଗେଙ୍ଗୁଟିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ଦକ୍ଷିଣରାୟ, ବରପଦା ୟୁଜିୟୁପି ସ୍କୁଲର ସହକାରୀ ଶିକ୍ଷକ ରଞ୍ଜନ ମହଲା,

**ଆଗାମୀ ପଞ୍ଚାୟତ ନିର୍ବାଚନରେ ପ୍ରତିଫଳିତ ଆଶଙ୍କା**

ସାରଡାଙ୍ଗ ଜିଏନ୍ ନୋଡାଲ ସ୍କୁଲର ଶିକ୍ଷୟିତ୍ରୀ ରଶ୍ମିତା ଜେନା, ବାଉଁଶଗଡିଆ ୟୁପି ସ୍କୁଲର ଶିକ୍ଷୟିତ୍ରୀ ରାଜଶ୍ରୀ ଖିଲାର ଓ ବେଗୁନିଆ ୟୁପି ସ୍କୁଲର ଶିକ୍ଷକ ଗଜେନ୍ଦ୍ର ପ୍ରସାଦ ମଲ୍ଲିକ। ସନ୍ତୋଷଙ୍କୁ ଭୋଗରାଇ, ରାଜଶ୍ରୀ ଓ ରଞ୍ଜନଙ୍କୁ ବାଲିଆପାଳ, ରଶ୍ମିତାଙ୍କୁ ସଦର ଏବଂ ଗଜେନ୍ଦ୍ରଙ୍କୁ ସିମୁଳିଆ ବଦଳି କରାଯାଇଛି। ହେଲେ ଅନେକ ସର୍ତ୍ତକୁ ଉଲ୍ଲଂଘନ କରି ଶିକ୍ଷକଙ୍କୁ ବଦଳି କରାଯାଇଥିବା ଅଭିଯୋଗ ହୋଇଛି। ଏମାନଙ୍କ ମଧ୍ୟରୁ ରଞ୍ଜନ ଓ ସନ୍ତୋଷ କୌଣସୀ ଆବେଦନ କରିନଥିବା ବେଳେ ଏମାନଙ୍କୁ ପନିସମେଣ୍ଟ ବଦଳି କରାଯାଇଥିବାରୁ ଏହି ୨ଜଣ ଉଚ୍ଚ ଅଦାଲତ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଗେଙ୍ଗୁଟିଆର ଲେବଲ ୪ ଶିକ୍ଷକ ସନ୍ତୋଷ ଦକ୍ଷିଣରାୟଙ୍କୁ ଜାନୁଆରୀ ମାସରେ ପାଣିସାଉଁଳିକୁ ବଦଳି ପରେ ପୁନର୍ବାର ଏବେ ରାଜନୈତିକ ଆକ୍ରୋଶ ରଖି ଭୋଗରାଇକୁ ବଦଳି କରାଯାଇଥିବା କୁହାଯାଉଛି। ଅନ୍ୟ ଏକ ତଥ୍ୟ ହିସାବକୁ ନିଆଗଲେ ଖଇରା ବ୍ଲକର ୧୯୪ ପ୍ରାଥମିକ ସ୍କୁଲରେ ୧୨୬ ଶିକ୍ଷକ ପଦବୀ ଖାଲି ପଡିଛି। ଏଭଳି ବଦଳି ସବୁ ନିୟମ ଉଲ୍ଲଂଘନ କରୁଥିବା ବେଳେ ରାଜନୈତିକ ଆକ୍ରୋଶ ରଖି ଏଭଳି ବଦଳି କରାଯାଇଥିବା ଉଭୟ ସନ୍ତୋଷ ଓ ରଞ୍ଜନ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରିଣୀ ପ୍ରାଚୀତନୟା ଗିରିଙ୍କୁ ଯୋଗାଯୋଗ କରାଯିବାରେ ବିଧାୟକ ଓ ଏମ୍‌ପିଙ୍କ ସୁପାରିସରେ କରାଯାଇଛି। ଏଣୁ ତାଙ୍କର କିଛି କରିବାର ନାହିଁ ବୋଲି କହିଛନ୍ତି।

## ବନ୍ୟା ପାଣିରେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର



କାଳିପଦା, ୨।୭ (ସମିସ): ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ପୋଲଠାରେ ନିଖୋଜ ଅଜୟ କୁମାର ସିଙ୍କ ପୁଅ ରାକେଶ ସିର ମୃତ ଦେହ ଆଜି ଓଡ୍ରାଫ ଟିମ ଠାବ କରିଛନ୍ତି। ଗତକାଲି ରାକେଶ ପୋଲ ନିକଟରେ ଗାଧୋଉ ଥିବା ବେଳେ ଗୋଡ଼ ଖସିଯିବାରୁ ସେ ଗଭୀର ବନ୍ୟା ଜଳକୁ ଚାଲି ଯାଇଥିଲେ। ଓଡ୍ରାଫ ଟିମ, ଅଗ୍ନିଶମ ବିଭାଗ, ସ୍ଥାନୀୟ ଲୋକ ବହୁ ଖୋଜା ଖୋଜି କରିଥିଲେ ବି ରାକେଶର କୌଣସି ପତ୍ତା ମିଳି ନ ଥିଲା। ଓଡ୍ରାଫ ଟିମ୍ ମୃତ ରାକେଶକୁ ଉଦ୍ଧାର କରି ସ୍ଥାନୀୟ ପୁଲିସକୁ ମୃତ ଦେହ ହସ୍ତାନ୍ତର କରିଥିଲେ। ପୁଲିସ ମୃତ ରାକେଶର ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ ରାକେଶଙ୍କ ପରିବାରକୁ ସରକାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ପୋଲ ଚଟାଣ ନିକଟରେ ସ୍ଥାୟୀ ଭାବରେ ଏକ ବୋର୍ଟ ଅଥବା ପାୱାର ବୋର୍ଟ ରଖାଯିବାକୁ ଗ୍ରାମବାସୀ ମଧ ଦାବି କରିଛନ୍ତି। ଘଟଣା ସ୍ଥଳକୁ କୌଣସି ରାଜନେତା ଅଥବା ପ୍ରଶାସନିକ ଅଧିକାରୀ ପହଁଞ୍ଚି ନ ଥିବାରୁ ସାଧାରଣରେ ଏହାକୁ ଏକ ବିଡମ୍ବନା ବୋଲି କୁହାଯାଇଛି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ ସ୍ୱାଗତ ଉତ୍ସବ



ଜଳେଶ୍ୱର ବ୍ଲକ,୨।୭ (ସମିସ): ଜଳେଶ୍ୱର ବ୍ଲକ ରାୟାଁ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଏକତାଳି ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦେ ଓ ମଧ ଇଂରାଜୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜେନ୍ଦ୍ର ନାଥ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୃଷ୍ଟିଧର ସାସମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ମୁଖ୍ୟ ବକ୍ତା ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଜ୍ୟୋସ୍ନାରାଣୀ ପ୍ରଧାନ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜଳେଶ୍ୱର ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ବାଘମାରି କ୍ଲଷ୍ଟରର ସିଆରସିସି ସୁବ୍ରତ କୁମାର ସେନାପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଖଗେନ୍ଦ୍ର ନାଥ ସାହୁ, ଅବସରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ସାହୁ, ଲକ୍ଷ୍ମୀଧର ଗିରି, ସୁଦର୍ଶନ ସାସମଲ, ବିଦ୍ୟାଳୟର ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ବିଣାପାଣି ଦେ, ଏକତାଳି ମଧ ଇଂରାଜୀ ବିଦ୍ୟାଳୟର ବିଦାୟୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜେନ୍ଦ୍ର ନାଥ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ନାଥ ପାଳ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ କମିଟିର ସଭାପତି ଭବଶଙ୍କର ସାହୁଙ୍କ ସହ ସମସ୍ତ ସଦସ୍ୟ ସଦସ୍ୟା ତଥା ସହକାରୀ ଶିକ୍ଷକ ଅଜିତ ପ୍ରଧାନ, ଶିକ୍ଷୟିତ୍ରୀ ଦେବସ୍ମିତା ନନ୍ଦ ବ୍ରହ୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଖଇରା,୨।୭ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡପୋଖରୀ ସ୍କୁଲର କାର୍ଯ୍ୟରତ ଶିକ୍ଷକ ମହେନ୍ଦ୍ର ନାଥ ପାଢୀଙ୍କ ଅବସର ପରିପ୍ରେକ୍ଷୀରେ ଏକ ବିଦାୟୀ ସମ୍ବର୍ଦ୍ଧନା ସଭା ବୁଧବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ପରେଶ ପ୍ରସାଦ ଦକ୍ଷିଣରାୟଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟଅତିଥି, ଶିକ୍ଷକ ନେତା ତପନ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଦାୟୀ ଶିକ୍ଷକ ଜଣେ ଛାତ୍ରବତ୍ସଳ, କର୍ତ୍ତବ୍ୟ ପରାୟଣ ଓ ପରୋପକାରୀ ସ୍ୱଭାବର ବ୍ୟକ୍ତି ଥିଲେ ବୋଲି କହିବା ସହ ଏଥିପାଇଁ ପିଲାମାନେ ତାଙ୍କୁ ସବୁଦିନ ପାଇଁ ମନେ ରଖିବେ ବୋଲି ପ୍ରକାଶ କରିଥିଲେ। ସ୍ଥାନୀୟ ସରପଞ୍ଚ ଟିକିରାଣି ସେଠୀ, ପରିଚାଳନା କମିଟି ସଭାପତି ଯୋଗେନ୍ଦ୍ର ମହାକୁଡ, ସିଆରସିସି ବିଶ୍ୱନାଥ ଜେନା, ପ୍ରାକ୍ତନ ସିଆରସିସି ରଘୁନାଥ ଦଳେଇ, ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ସୁଶାନ୍ତ କୁମାର ମହାପାତ୍ର, ଜଗନ୍ନାଥ ମହାପାତ୍ର, ସୁଦର୍ଶନ ସେଠୀ, ଶତ୍ରୁଘ୍ନ ଦାସ ଓ ମନୋଜ ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଖଇରାରେ ଡାକ୍ତର ଦିବସ



ଖଇରା,୨।୭ (ସମିସ): ବରିଷ୍ଠ ନାଗରିକ ମଞ୍ଚ ଓ ପ୍ରତିଭା ପରିବା ତରଫରୁ ମଙ୍ଗଳବାର ଖଇରାରେ ଡାକ୍ତର ଦିବସ ପାଳିତ ହୋଇ ଯାଇଛି। ଖଇରା ଡାକ୍ତରଖାନା ସଭାଗୃହ ପରିସରରେ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅଭିଲିପ୍ସା ସାହୁ ଭାବେ ଯୋଗ ଦେଇ ଏଭଳି ସମ୍ବର୍ଦ୍ଧନା ଡାକ୍ତରଙ୍କୁ ସେମାନଙ୍କ ସେବା ପାଇଁ ଉତ୍ସାହିତ କରିବ ବୋଲି କହିଥିଲେ। ଏହି ଅବସରରେ ପ୍ରଥମେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ପ୍ରଭାକର ମିଶ୍ର, ଡା. ସୁବାସ ଚନ୍ଦ୍ର ଦାସ, ଡା ଚନ୍ଦ୍ରକାନ୍ତ ଦାସ, ମୁକ୍ତିରଞ୍ଜନ ମଲ୍ଲିକ, ଡା ଅନୋଲା ଜଗଦେବ, ଡା ପାର୍ଥସାରଥି ମଲ୍ଲିକ, ସଞ୍ଜିବ ବିଶ୍ୱାଳ ଓ ପରେ ହୋମିଓପାଥି ଚିକିତ୍ସକ ହରେକୃଷ୍ଣ ରାଉତଙ୍କୁ ଉତ୍ତରୀୟ ଓ ଫୁଲତାରା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗିରକ ମଞ୍ଚର ସମ୍ପାଦକ ମୁକ୍ତିକାନ୍ତ ଶତପଥି, କୋଷାଧ୍ୟକ୍ଷ ଅନାମ ଚରଣ ପଣ୍ଡା, ଯୁଗ୍ମ ସମ୍ପାଦକ ବୁଦ୍ଧିରାମ ପାଣିଗ୍ରାହୀ, ବରିଷ୍ଠ ସଭ୍ୟ ବିନୋଦ କୁମାର ମହାପାତ୍ର, ବିଷ୍ଣୁମୋହନ ଶତପଥି, ଅଭିରାମ ମହାପାତ୍ର, ସୁଦାମ ରାଉତ, ରଘୁନାଥ ପତ୍ରୀ, ନାରାୟଣ ପେଡା, ଯୁଧିଷ୍ଠିର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତୋଷ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ପ୍ରତିଭା ପରିବାର ତରଫରୁ ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା ବ୍ରଜସୁନ୍ଦର ସ୍ୱାଇଁ, ଡା ହରେକୃଷ୍ଣ ରାଉତ ଓ ଡା ପ୍ରଭାକର ପଣ୍ଡାଙ୍କୁ ସେମାନଙ୍କ ବାସଭବନରେ ଭେଟି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସଭାପତି ବସନ୍ତ କୁମାର ଖିଲାର, ବିମନ କୁମାର ବାରିକ, ଚନ୍ଦ୍ରକାନ୍ତ ଦାସ, ଉପେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରଥଯାତ୍ରା ଅବସରରେ ଭଜନ ସନ୍ଧ୍ୟା



ନୀଳଗିରି,୨।୭ (ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ନବଯୌବନ ଭଜନ ସନ୍ଧ୍ୟା କମିଟି ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ନୀଳଗିରି ରାଜା ଜୟନ୍ତ କୁମାର ମର୍ଦ୍ଦରାଜ ହରିଚନ୍ଦନ ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କମିଟିର ସଭାପତି ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ସରୋଜ କୁମାର ସେଠୀ, ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲିକ, ଯୁବ ଆଇନଜୀବୀ ଦେବେନ୍ଦ୍ର ପଣ୍ଡା ଶ୍ରୋତାଙ୍କୁ ଜଗନ୍ନାଥଙ୍କ କଥାମୃତ ଶୁଣାଇ ଥିଲେ। କାର୍ଯ୍ୟକ୍ରମରେ କମିଟି ସମ୍ପାଦକ ଅଭିଷେକ ମହାପାତ୍ର ବାର୍ଷିକ ବିବରଣୀ ପଠନ କରିଥିବାବେଳେ ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ମନୋଜ ରଣା, ଗୋପୀନାଥ ପାତ୍ର, କୁମାର ରାଏ, ଅବିନାଶ ନନ୍ଦ, ହରିଶ୍ଚନ୍ଦ୍ର ରାଉତ, ଶୁଭ୍ରମନ୍ୟୁ ଦାସବାବୁ, ବିବେକାନନ୍ଦ କର, ସଂଜୀବ ବେହେରା, ମନୋରଞ୍ଜନ ଦାସ, ପୂର୍ଣ୍ଣ୍ୟଶ୍ଳୋକ ନନ୍ଦ, ଦୟାଶଙ୍କର ମହାପାତ୍ର ପ୍ରମୁଖ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଉତ୍କଳୀୟ ପରମ୍ପରାର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଘୋଷ ଯାତ୍ରା ପର୍ବ ଶେଷ ହୋଇ ଯାଇଛି। ହଜାର ହଜାର ଭକ୍ତଙ୍କ ଗହଣରେ ଦାରୁବ୍ରହ୍ମ ମାଉସୀ ଘରକୁ ବିଜେ କରିଛନ୍ତି। ଭଗବାନଙ୍କ ଏହି ମହାନ ଲୀଳାକୁ ସ୍ମୃତିମଧୁର କରିବା ପାଇଁ ନୀଳଗିରିରେ ୧୯୯୬ ମସିହାରୁ ନବଯୌବନ ଭଜନ ସନ୍ଧ୍ୟା କମିଟି ମାଧ୍ୟମରେ ନୀଳଗିରିରେ ଭଜନ ସନ୍ଧ୍ୟା ପ୍ରତିବର୍ଷ ଆୟୋଜନ କରି ଆସୁଛି। ଚଳିତ ବର୍ଷ କଣ୍ଠଶିଳ୍ପୀ ସୋହନୀ ମିଶ୍ର, ରବୀନ୍ଦ୍ର ଦାସ ଓ ସାଥି କଳାକାରଙ୍କ ସୁମଧୁର କଣ୍ଠସ୍ୱରରେ ସନ୍ଧ୍ୟାରେ ମହାପ୍ରଭୁଙ୍କ ସ୍ନାନ ମଣ୍ଡପରେ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ।

## ୨୭ରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

ବାଲେଶ୍ୱର,୨।୭ (ସମିସ): ଚଳିତମାସ ୨୭ତାରିଖରେ ଜିଲ୍ଲାସ୍ତରୀୟ ନେଗୋସିଏବଲ ଇନଷ୍ଟ୍ରୁମେଂଟର ଆକ୍ଟର ଧାରା ୧୩୮ ଉପରେ ଜିଲ୍ଲାସ୍ତରୀୟ ଏକ ଲୋକ ଅଦାଲତ ଜିଲ୍ଲା ମୁଖ୍ୟାଳୟ ଏବଂ ତାଲୁକ ଆଇନସେବା ସମିତି ସୋର ଓ ନୀଳଗିରି ଅଧିନରେ ଥିବା ଅଦାଲତରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଲୋକ ଅଦାଲତରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶ ଗ୍ରହଣ କରି ଏହି ସମ୍ବଳିତ ମାମଲା ଗୁଡିକୁ ସମାଧାନ କରାଇ ନେବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି।

## ଶ୍ରୀନିବାସ ଜୁନିଅର କଲେଜରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ



ସୋର,୨।୭ (ସମିସ): ସୋର ବ୍ଲକ ମଙ୍ଗଳପୁର ଶ୍ରୀନିବାସ ଜୁନିଅର କଲେଜରେ ନୂତନ ଅଧ୍ୟକ୍ଷ ଭାବେ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବେହେରା ଦାୟିତ୍ୱ ଗ୍ରହଣ କରିଥିବା ସୂଚନା ମିଳିଛି। ସେ ପୂର୍ବ ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ବିଶ୍ୱାଳଙ୍କ ନିକଟରୁ ଏହି ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଆଗାମୀ ଦିନରେ କଲେଜର ସୁପରିଚାଳନା ଏବଂ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବା ପାଇଁ ସେ ସଂକଳ୍ପବଧ ହେବେ ବୋଲି ମତବ୍ୟକ୍ତ କରିଛନ୍ତି। କଲେଜର ସମସ୍ତ ଅଧ୍ୟାପକ ଏବଂ ଅଧ୍ୟାପିକାଙ୍କ ସମେତ କଲେଜର କର୍ମଚାରୀ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ସମେତ ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଡ଼. ପୁନ୍ୟବ୍ରତ ମହାନ୍ତି, ପ୍ରିୟ ଅଧ୍ୟାପିକା ପୁଷ୍ପଲତା ପାଢ଼ୀ, ସଂଧ୍ୟାରାଣି ଜେନା, ସୁଶାନ୍ତ ରାଉଳ, ବରିଷ୍ଠ ଅଧ୍ୟାପକ ପଙ୍କଜ କୁମାର ଜେନା, ପ୍ରଶାନ୍ତ କୁମାର ଜେନା, ଅଜୟ କୁମାର ବାରିକ, ଡ଼. ରଞ୍ଜିତାବାଳା ମହାପାତ୍ର, ସୁଜିତ କୁମାର ଗୋଛାୟତ ସତ୍ୟନାରାୟଣ ସାହୁ ଏବଂ କୈଳାଶ ଚନ୍ଦ୍ର ବାରିକ, ପ୍ରଦ୍ୟୁମ୍ନ ସାହୁ, ଭରତ ମହାନା, ଅଟଳ ବିହାରୀ ଦାସ, ବିଜେନ୍ଦ୍ର ପ୍ରସାଦ ଦାସ ଏବଂ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ସୁରେନ୍ଦ୍ର କୁମାର ଙ୍କ ସମେତ ବରିଷ୍ଠ ଇଂରାଜୀ ଅଧ୍ୟାପକ ନିରଞ୍ଜନ ନାୟକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅତ୍ୟାଧୁନିକ ମଧୁମେହ ପରିଚାଳନା କେନ୍ଦ୍ର ଲୋକାର୍ପିତ



ବାଲେଶ୍ୱର, ୨।୭ (ସମିସ): ରୋଟାରୀ ଭବନଠାରେ ଏକ ଅତ୍ୟାଧୁନିକ ମଧୁମେହ ଡାଇଗ୍ନୋଷ୍ଟିକ ଲାବୋରେଟୋରୀ ସହିତ ପରିଚାଳନା କେନ୍ଦ୍ର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଯାଇଛି। ଉପଯୁକ୍ତ ପରୀକ୍ଷଣ ଓ ନିଦାନ ଅଭାବରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରୋଟାରୀ କ୍ଲବ ପକ୍ଷରୁ ଏହିଭଳି ପଦକ୍ଷେପ ହାତକୁ ନିଆଯାଇଛି। ଏହାଦ୍ୱାରା ବାଲେଶ୍ୱର ଜିଲ୍ଲା ତଥା ପାଖ ଜିଲ୍ଲାବାସୀଙ୍କ ଆଶା ପୂରଣ ହୋଇପାରିବ। ଏହି କେନ୍ଦ୍ରକୁ ରୋଟାରୀ କ୍ଲବ ଜିଲ୍ଲା ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ପୂର୍ବ ପ୍ରାନ୍ତପାଳ ରୋ. ଶାନ୍ତନୁ କୁମାର ପାଣି, ସୁବ୍ରତ କର, ସୌରଭ ବେହେରା, ଦେବେନ୍ଦ୍ର ଧଳ, ଦେବାଶିଷ ଦାସ, ଉଦୟ ରଞ୍ଜନ ଦାସ, ବିଷ୍ଣୁ ଦାସ କୁଣ୍ଡୁ, ଜୟନ୍ତ ବେହେରା, ରାଜଲକ୍ଷ୍ମୀ ପତି, ବିକ୍ରମ କର, ଦୀପକ ଜେନ, ଚନ୍ଦନ ଚାନ୍ଦ, ନନ୍ଦ କିଶୋର ମହାନ୍ତି, ସନ୍ତୋଷ ନାହାକ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

## ବନ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ ଦାବି

କାଳିପଦା, ୨।୭ (ସମିସ): ସୁବର୍ଣ୍ଣରେଖା ନଦୀ ବନ୍ୟା ଯୋଗୁ ଲୋକେ ନାନା ଅଭାବ ଓ ସମସ୍ୟାରେ ପଡିଛନ୍ତି। ନଦୀ ମୁହାଁଣରୁ ବନ୍ୟା ପାଣି ଶୀଘ୍ର ନିଷ୍କାସନ ହେଉ ନ ଥିବାରୁ ଏଠାରେ ବନ୍ୟା ପାଣି ଛାଡୁ ନାହିଁ। ଏଥିପାଇଁ ନଦୀ ମୁହାଁଣ ଖନନ ହେବା ଜରୁରୀ। ହେଲେ ଉଭୟ ରାଜନେତା ଓ ପ୍ରଶାସକ ସମସ୍ତେ ନୀରବ। ବନ୍ୟାକୁ ଆଜି ଚାରି ଦିନ ହୋଇଥିଲେ ବି ଅଧିକାଂଶ ଲୋକ ବାତ୍ୟା ଆଶ୍ରୟ ସ୍ଥଳୀରେ ରହିଛନ୍ତି। ୯ଟି ପଞ୍ଚାୟତର ସତୁରି ପ୍ରତିଶତ ଲୋକ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଉଭୟେ ଚାଷ ଓ ବାସ ଉଜୁଡି ଯାଇଛି। ପ୍ରଶାସନ କେବଳ କିଛି ଶୁଖିଲା ଚୁଡା ଗୁଡ଼ ଓ ରନ୍ଧା ଖାଦ୍ୟ ଦେଇ ନୀରବ ରହିଛି। କ୍ଷତିଗ୍ରସ୍ତଙ୍କୁ ଅନ୍ୟୁନ ତିନି ଦିନର ରିଲିଫ ପ୍ରଶାସନ ଦେଉ ବୋଲି ରାମ ରାଉତ, ମଦନ ଜେନା, ଗୁଣାକର ସାହୁ, ସୁଧୀର ଖଣ୍ଡା, ମହେଶ୍ୱର ଜେନା, ସୁଦାମ ଦାସ, ବିଜୟ ପାତ୍ର ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

## ଗାଁରୁ ଦୁଇଟି ବାଇକ ଚୋରି

ସୋର,୨।୭ (ସମିସ): ସୋର ଥାନା ନଟାପଡା ପଞ୍ଚାୟତ ରାଧାବଲ୍ଲଭପୁର ଗ୍ରାମରୁ ଦୁଇଟି ବାଇକ ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଏହି ଗ୍ରାମର ଯୋଗେଶ୍ୱର ବେହେରା ତାଙ୍କ ବାଇକ ଓ ମାନସ ରଞ୍ଜନ ବେହେରା ତାଙ୍କ ବାଇକକୁ ଘର ଅଗଣାରେ ରଖିଥିଲେ। ରାତିରେ ବାଇକ ଦୁଇଟି ସେଠାରେ ଥିବା ବେଳେ ସକାଳୁ ଗାଡି ରଖାଯାଇଥିବା ସ୍ଥାନରେ ଦେଖିବାକୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ମାତ୍ର ଗାଡିର କୌଣସି ସନ୍ଧାନ ନ ପାଇ ଶେଷରେ ନିରାଶ ହୋଇ ସୋର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ବସ୍ତା ସିଡିପିଓଙ୍କ ଅବସର

ରାଜଘାଟ, ୨।୭ (ସମିସ): ବସ୍ତା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣି ଦୀପ୍ତିରାଣୀ ସିଂ ଚାକିରୀ ଅବସର ନେବା ପରେ ବିଭାଗୀୟ ସୁପରଭାଇଜର ସ୍ନେହଲତା ଦାସଙ୍କୁ ବିଡ଼ିଓ ମିହିର ରଞ୍ଜନ ବେହେରା ଉକ୍ତ ଦାୟୀତ୍ୱରେ ଅବସ୍ଥାପିତ କରଛନ୍ତି। ସେ ତାଙ୍କ ଦାୟିତ୍ୱ ସୁଚାରୁ ରୂପେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଚୋରା ମଦ ଜବତ,୨ ଗିରଫ

ରାଜଘାଟ, ୨।୭ (ସମିସ): ବସ୍ତା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୭୫ ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ଜବତ ହୋଇଛି। ବସ୍ତା ଥାନା ଅଧୀନ ନଳବାହାର ଓ ସନ୍ତୋଷପୁର ଅଞ୍ଚଳରେ ମଦ କାରବାର ହେଉଥିବା ଖବର ପାଇ ଅବକାରୀ ପୁଲିସ ଦଳ ଚଢ଼ଉ କରି କିରଣ କୁମାର ସାହୁ ଏବଂ ଧନ ମାରାଣ୍ଡି କୁ ଗିରଫ କରିବା ସହ ମଦ ଓ ଗୋଟିଏ ବାଇକ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ କିରଣର ଘର ମୟୁରଭଞ୍ଜ ଜିଲା ବୈଶିଙ୍ଗା ଥାନା ବାମଡା ଗାଁ ର ହୋଇଥିବା ବେଳେ ଧନ ମାରାଣ୍ଡି ଘର ବସ୍ତା ଥାନା ସନ୍ତୋଷପୁର ଗାଁରେ ହୋଇଥିବା ଜଣାପଡିଛି।

# ଦକ୍ଷିଣ ଆଫ୍ରିକାରେ ରଥଯାତ୍ରା ପାଳିଲେ ଓଡ଼ିଆ

ସୋର,୨।୭ (ସମିସ)



ସୁଦୂର ଦକ୍ଷିଣ ଆଫ୍ରିକାର କେନିଆ ସହରରେ ଓଡ଼ିଆ ମାନେ ବେଶ ଧୁମଧାମରେ ପବିତ୍ର ରଥଯାତ୍ରା ପାଳନ କରିଛନ୍ତି। ଆଉ ଏଥିରେ ସୋର ଅଞ୍ଚଳର କିଛି ଯୁବକ ଦାୟିତ୍ୱ ଭାର ନେଇ ଶୃଙ୍ଖଳିତ ଭାବେ ଏହାକୁ ସମାପନ କରିଛନ୍ତି। ସୋର ଅନନ୍ତପୁର ବାହାନାଗା ସମେତ ବାଲେଶ୍ୱର, ଭଦ୍ରକ , କଟକ, ଯାଜପୁର ଆଦି ଅଂଚଳରୁ ୫ ଶହରୁ ଉଦ୍ଧ୍ୱର୍ ଓଡ଼ିଆ ଲୋକ ଦକ୍ଷିଣ ଆଫ୍ରିକାର କେନିଆ ସହରରେ ରହୁଛନ୍ତି। ଅନେକ ସେଠାରେ ଚାକିରୀ କରିଥିବା ବେଳେ ଅନେକ ନିଜସ୍ୱ ବ୍ୟବସାୟ କରୁଛନ୍ତି। ତେବେ ପବିତ୍ର ରଥଯାତ୍ରାକୁ ସେଠାରେ ରହୁଥିବା ଓଡ଼ିଆମାନେ ଶ୍ରୀ ଜଗନ୍ନାଥ ଇଷ୍ଟ ଆଫ୍ରିକା ଓଡ଼ିଆ ସମାଜ ନାଁରେ ଏକ ସଂଗଠନ ଗଠନ କରିବା ସହିତ ଉକ୍ତ ସଂଗଠନ ମାଧ୍ୟମରେ ଏହି ପବିତ୍ର ରଥଯାତ୍ରାକୁ ପାଳନ କରିଛନ୍ତି। ସକାଳେ ୯ ଟାରେ ଠାକୁରଙ୍କ ନୀତିକାନ୍ତି ପରେ ୧୦.୩୦ରେ ରଥ ଟଣା ଆରମ୍ଭ ହୋଇ ୧୨ ୩୦ରେ ଶେଷ ହୋଇଥିଲା। ଦୀପ୍ତି ମହାନ୍ତି ଓ ପୁଣ୍ଡରିକ ଗୋସ୍ୱାମୀ ଛେରା ପହଁରା କରିଥିଲେ। ନାଇରୋବିରୁ ରଥ ଟଣା ଯାଇ ପ୍ରାୟ ୪ କିମି ସାଇ ଟେମ୍ପୁଲ ପର୍ଯ୍ୟନ୍ତ ପରିକ୍ରମା କରିବା ସହିତ ସେଠାରେ ଜଣେ ଓଡ଼ିଆଙ୍କ ଘରେ ଠାକୁରଙ୍କୁ ଅବସ୍ଥାନ କରାଯାଇଥିଲା। ଏଥିରେ ୫ ଶହରୁ ଉଦ୍ଧ୍ୱର୍ ଓଡ଼ିଆଙ୍କ ସମେତ ଜଗନ୍ନାଥଙ୍କ ପ୍ରେମରେ ପଡିଥିବା ୩ ଶହ କେନିଆ ବାସୀ ଓ ୨ ଶହରୁ ଉଦ୍ଧ୍ୱର୍ ଇସ୍କନ ଦୀକ୍ଷିତଙ୍କର ସମାଗମ ହୋଇଥିଲା। ଠାକୁରଙ୍କ ମାଉସୀମା ମନ୍ଦିର ପ୍ରବେଶ ପରେ ପରସ୍ପର ମିଶି ଛେନାପୋଡ଼ ଖାଇବା ସହିତ ପ୍ରସାଦ ସେବନ କରିଥିଲେ। ଏଥିରେ ରାଜେନ୍ଦ୍ର ନାୟକ, ପତିତ ପାବନ ଧଳ, ସ୍ୱପ୍ନେଶ୍ୱର ଷଡ଼ଙ୍ଗୀ, ଦିବ୍ୟଜ୍ୟୋତି ସାହୁ, ରବୀନ୍ଦ୍ର ନାୟକ, ରାଜେଶ ରାଉତ, ପ୍ରଶାନ୍ତ ମହାପାତ୍ର, ସୂର୍ଯ୍ୟ ପ୍ରଧାନ, ବସନ୍ତ ଓଝା, ଜୟନ୍ତ ପ୍ରଧାନ, ବିମଳ ଘଡ଼ାଇ, ରୁପେଶ ଘଡ଼ାଇ ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ। ସେହିପରି ଭାବେ ଦୁବାଇରେ ସୋରର ବିଭିନ୍ନ ଅଞ୍ଚଳରୁ ରହୁଥିବା ଓଡ଼ିଆ ମାନେ ସେଠାରେ ମଧ ରଥଯାତ୍ରା ପାଳନ କରିଛନ୍ତି।

# ସଂସଦର ମୌସୁମୀ ଅଧିବେଶନ ୨୧ରୁ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ଆସନ୍ତା ୨୧ ତାରିଖରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହା ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିବ। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ରାଷ୍ଟ୍ରପତି ମଞ୍ଜୁରି ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ତେବେ ସଂସଦ ଅଧିବେଶନ ମଝିରେ ସ୍ୱାଧୀନତା ଦିବସ ପଡୁଥିବାରୁ ଅଗଷ୍ଟ ୧୩ ଏବଂ ୧୪ ତାରିଖ ଗୃହ କାର୍ଯ୍ୟବନ୍ଦ ରହିବ।

# ପହଲଗାମ ଆକ୍ରମଣକୁ ନିନ୍ଦା କଲେ କ୍ୱାଡ୍ ରାଷ୍ଟ୍ର

ୱାସିଂଟନ, ୨।୭ (ଏଜେନ୍ସି): ଆମେରିକାର ୱାସିଂଟନରେ ଅନୁଷ୍ଠିତ କ୍ୱାଡ (ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆ) ରାଷ୍ଟ୍ରଙ୍କ ବୈଦେଶିକ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ତୀବ୍ର ନିନ୍ଦା କରାଯାଇଛି। ସମସ୍ତେ ଆତଙ୍କବାଦ ବିରୋଧରେ ଏକାଠି ହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ସଙ୍କଳ୍ପ ନେଇଛନ୍ତି। ଏହି ଆକ୍ରମଣର ଦୋଷୀଙ୍କୁ ଶୀଘ୍ର କାଠଗଡ଼ାକୁ ଅଣାଯିବ ବୋଲି କହିଛନ୍ତି। କ୍ୱାଡ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଆମେ ସବୁ ପ୍ରକାର ଆତଙ୍କବାଦ ଏବଂ ହିଂସାକୁ ବିରୋଧ କରୁଛୁ। ଏହା ମଧ୍ୟରେ ସୀମାପାର ଆତଙ୍କବାଦ ମଧ୍ୟ ସାମିଲ ରହିଛି। ଏହି ବୈଠକରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର, ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ, ଜାପାନର ତାକେଶି ଇୱାୟା ଏବଂ ଅଷ୍ଟ୍ରେଲିଆର ପେନି ୱାଙ୍ଗ ସାମିଲ ହୋଇଛନ୍ତି।

# ପାକିସ୍ତାନୀ ୱେବସାଇଟ ଉପରୁ କଟକଣା ହଟିଲା

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ପାକିସ୍ତାନ ନ୍ୟୁଜ ଚ୍ୟାନେଲ, ସେଲିବ୍ରିଟିଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଉପରେ ଭାରତ ସରକାର ଲଗାଇଥିବା କଟକଣାକୁ ହଟାଇ ଦେଇଛନ୍ତି। ତେବେ ଏ ନେଇ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇ ନାହିଁ। ଏବେ ପାକିସ୍ତାନୀ କଳାକାର ମାୱରା ହୋକାନେ, ସବା କମାର, ଅହଦ ରାଜା ମିର, ୟୁମନା ଜେଇଦି ଏବଂ ଦାନିଶ ତୈମୁର ଆଦିଙ୍କ ଆକାଉଣ୍ଟ ଭାରତରେ ଦେଖି ହେଉଛି। ତେବେ ଫୱାଦ ଖାନ, ହାନିଆ ଅମିର, ଅତିଫ ଅସଲାମଙ୍କ ଆକାଉଣ୍ଟ ଦେଖି ହେଉନାହିଁ।

# ଦିନିକିଆ ପ୍ରଧାନମନ୍ତ୍ରୀ



ବ୍ୟାଙ୍କକ, ୨।୭ (ଏଜେନ୍ସି): ରାଜନୈତିକ ଅସ୍ଥିରତା ମଧ୍ୟରେ ଥାଇଲାଣ୍ଡରେ ୨୪ ଘଣ୍ଟା ପାଇଁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଛି। ସୂର୍ଯ୍ୟା ଜୁଙ୍ଗରଙ୍ଗରେଙ୍ଗକିଟ (୭୦) ଦେଶର କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସେ ସାମ୍ବିଧାନିକ କୋର୍ଟଙ୍କ ନିର୍ଦ୍ଦେଶରେ ନିଲମ୍ବିତ ପ୍ରଧାନମନ୍ତ୍ରୀ ପାଏତୋଙ୍ଗଟର୍ଣ୍ଣ ଶିନାୱାତ୍ରାଙ୍କ ସ୍ଥାନ ନେଇଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ସେ ମାତ୍ର ଦିନକ ପାଇଁ ଏହି ଦାୟିତ୍ୱ ସମ୍ଭାଳିବେ। ସୂର୍ଯ୍ୟାଙ୍କୁ ଥାଇ ରାଜନୀତିର 'ପାଣିପାଗ ବିଜ୍ଞାନୀ' କୁହାଯାଏ। କାରଣ ସେ ସର୍ବଦା କ୍ଷମତାସୀନ ଦଳ ସହ ରହିଥାନ୍ତି।

# କାଜାକିସ୍ତାନରେ ହିଜାବ ନିଷିଦ୍ଧ

ଅସ୍ତାନା, ୨।୭ (ଏଜେନ୍ସି): କାଜାକିସ୍ତାନ ସରକାର ହିଜାବ ନିଷିଦ୍ଧ କରିଦେଇଛନ୍ତି। ସାର୍ବଜନୀନ ସ୍ଥାନରେ ମୁହଁକୁ ସମ୍ପୂର୍ଣ୍ଣ ଘୋଡାଇ ରଖୁଥିବା ପୋଷାକ ପିନ୍ଧିବା ଉପରେ କଟକଣା ଲଗାଇ ଦିଆଯାଇଛି। ରାଷ୍ଟ୍ରପତି କାସିମ-ଜୋମାର୍ଟ ତୋକାୟେଭ ସୋମବାର ଏହି ଆଇନକୁ ଅନୁମୋଦନ ଦେଇଛନ୍ତି। କାହାର ପରିଚୟ ଲୁଚାଇବା ଭଳି ପୋଷାକ ସାର୍ବଜନୀନ ସ୍ଥାନରେ ପିନ୍ଧି ପାରିବେ ନାହିଁ ବୋଲି ଏଥିରେ ନିୟମ ରହିଛି।

# ଛାତ୍ରଙ୍କୁ ଯୌନ ଉତ୍ପୀଡ଼ନ ଦେଇ ଶିକ୍ଷୟିତ୍ରୀ ଗିରଫ

ମୁମ୍ବାଇ, ୨।୭ (ଏଜେନ୍ସି): ଛାତ୍ର (୧୬)ଙ୍କୁ କ୍ରମାଗତ ଭାବେ ଯୌନ ଉତ୍ପୀଡ଼ନ ଦେବା ମାମଲାରେ ମୁମ୍ବାଇ ସ୍କୁଲ୍‌ର ଇଂରାଜୀ ଶିକ୍ଷୟିତ୍ରୀଙ୍କୁ ଗିରଫ କରାଯାଇଛି। ୨୦୨୩ ଡିସେମ୍ବରରେ ସ୍କୁଲ୍‌ର ବାର୍ଷିକ କାର୍ଯ୍ୟକ୍ରମ ଚାଲିଥିବାବେଳେ ଛାତ୍ରଙ୍କୁ ଦେଖି ମହିଳା ତାଙ୍କ ପ୍ରତି ଆକର୍ଷିତ ହୋଇଥିଲେ। ବିବାହ ଏବଂ ପିଲା ଥିବା ସତ୍ତ୍ୱେ ଏହି ମହିଳା ତାଙ୍କୁ ପ୍ରଲୋଭନ ଦେଖାଇ ମୁମ୍ବାଇର ଏକ ପଞ୍ଚତାରକା ହୋଟେଲକୁ ନେଇ ଶାରୀରିକ ସମ୍ପର୍କ ରଖିଥିଲେ। ଏତଲା ଅନୁଯାୟୀ ଅନେକ ସମୟରେ ଛାତ୍ରଙ୍କୁ ମଦ ପିଆଇ ଶିକ୍ଷୟିତ୍ରୀ ଯୌନ ଉତ୍ପୀଡ଼ନ ଦେଉଥିଲେ। ନାବାଳକଙ୍କୁ ଏ ସବୁ ଠିକ୍ ଲାଗୁ ନ ଥିଲା। ତେଣୁ ମହିଳା ତାଙ୍କୁ ଚିନ୍ତା ଦୂର କରୁଥିବା ଔଷଧ ଖାଇବାକୁ ଦେଉଥିଲେ। ଶେଷରେ ଛାତ୍ର ଏ ବିଷୟରେ ନିଜ ପରିବାର ଲୋକଙ୍କୁ ଜଣାଇ ଥିଲେ। ସେମାନେ ଥାନାରେ ଏତଲା ଦେଇଥିଲେ।

# ଇସିଙ୍କୁ ଭେଟିଲେ ବିରୋଧୀ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ୧୧ ନେତା ବୁଧବାର ନିର୍ବାଚନ କମିଶନ (ଇସି)ଙ୍କୁ ଭେଟିଛନ୍ତି। ବିହାର ଭୋଟର ତାଲିକା ଉପରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)କୁ ନେଇ ଚର୍ଚ୍ଚା କରିଛନ୍ତି। ରାଜ୍ୟ ନିର୍ବାଚନ ପୂର୍ବରୁ ନିଆଯାଉଥିବା ଏହି ପଦକ୍ଷେପ ଦ୍ୱାରା ୨ କୋଟି ଭୋଟର ମତାଧିକାରରୁ ବଞ୍ଚିତ ହେବେ ବୋଲି କହିଛନ୍ତି। ଏଥର ଇସି ରାଜନୈତିକ ଦଳର ମୁଖିଆଙ୍କ ସହ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛନ୍ତି।



# କୋଭିଡ୍ ପରେ ବଢୁଛି ହୃଦ୍‌ଘାତ ମୃତ୍ୟୁ

## କର୍ଣ୍ଣାଟକରେ ୪୦ ଦିନରେ ହୃଦ୍‌ଘାତ ନେଲାଣି ୨୨ ଜୀବନ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): କରୋନା ମହାମାରୀ ପରେ ଦେଶରେ ହୃଦ୍‌ଘାତ ମାମଲା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ୨୦ ବର୍ଷର ଯୁବକଙ୍କଠାରୁ ନେଇ ୭୦ ବର୍ଷର ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଏହାର ଶିକାର ହେଉଛନ୍ତି। ନିକଟରେ ଅଭିନେତ୍ରୀ ଶେଫାଳି ଜରିୱାଲା ମଧ୍ୟ ହୃଦ୍‌ଘାତରେ ପ୍ରାଣ ହରାଇ ଥିଲେ। ସେହିପରି କର୍ଣ୍ଣାଟକ ହସନ ଜିଲ୍ଲାରେ ଗତ ୪୦ ଦିନରେ ୨୨ ଜଣ ହୃଦ୍‌ଘାତରେ ପ୍ରାଣ ହରାଇଲେଣି। ଏହାକୁ ନେଇ ଦେଶରେ ଚର୍ଚ୍ଚା ଜୋର ଧରିଥିବାବେଳେ କରୋନା ଟିକା ପାଇଁ ଏପରି ହେଉଛି ବୋଲି ଦାବି କରାଯାଉଥିଲା। କିନ୍ତୁ ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମଆର) ଏବଂ ଏମ୍ସ ପକ୍ଷରୁ ଜାରି ଏକ ଗବେଷଣା ରିପୋର୍ଟରେ ଏହି ଦାବିକୁ ଖାରଜ କରି ଦିଆଯାଇଛି। କରୋନା ଟୀକା ଓ ହୃଦ୍‌ଘାତ ମୃତ୍ୟୁ ମଧ୍ୟରେ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ ବୋଲି କୁହାଯାଇଛି। ଜୀବନଶୈଳୀରେ ପରିବର୍ତ୍ତନ, କରୋନା ପରବର୍ତ୍ତୀ ସମସ୍ୟା ଏବଂ ପୂର୍ବ ସ୍ଥିତି ଯୋଗୁଁ ଯୁବ ବର୍ଗଙ୍କ ମଧ୍ୟରେ ଏହି ମାମଲା ବଢ଼ି ଚାଲିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ବୁଧବାର ମଧ୍ୟ ସମାନ କଥା କୁହାଯାଇଛି। କରୋନା ଟିକା ଏବଂ ହୃଦ୍‌ଘାତ ମଧ୍ୟରେ କୌଣସି ସମ୍ପର୍କ ନାହିଁ ବୋଲି ଜାରି ବିବୃତିରେ କୁହାଯାଇଛି। ଏହାର ଦିନକ ପୂର୍ବରୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ରାଜ୍ୟରେ ହୃଦ୍‌ଘାତ ମୃତ୍ୟୁ ବୃଦ୍ଧି ପଛରେ କରୋନା ଟିକା ଥାଇପାରେ ବୋଲି କହିଥିଲେ।

ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଭାରତର କରୋନା ଟିକା ସୁରକ୍ଷିତ ଏବଂ ପ୍ରଭାବୀ। ଏଥିଯୋଗୁଁ ବହୁତ ନଗଣ୍ୟ ପାର୍ଶ୍ୱ ପ୍ରତିକ୍ରିୟା ହୋଇଥାଏ। ଭାରତରେ ଦୁଇଟି କରୋନା ଟିକା କୋଭାକ୍ସିନ ଏବଂ କୋଭିସିଲ୍ଡ ପ୍ରସ୍ତୁତ କରା ଯାଇଥିଲା। ବ୍ରିଟିଶ କମ୍ପାନୀ ଅଷ୍ଟ୍ରାଜେନେକାର ଫର୍ମୁଲାରେ କୋଭିସିଲ୍ଡ ଏବଂ ଆଇସିଏମଆର ସହଯୋଗରେ ଭାରତ ବାୟୋଟେକ କୋଭାକ୍ସିନ ତିଆରି କରିଥିଲା। କିନ୍ତୁ କୋଭିସିଲ୍ଡ ନେଲେ ବିରଳ ପାର୍ଶ୍ୱ ପ୍ରତିକ୍ରିୟା ହୁଏ ବୋଲି ଏହାର ଉତ୍ପାଦନକାରୀ କମ୍ପାନୀ ଅଷ୍ଟ୍ରାଜେନେକା କୋର୍ଟରେ ସ୍ୱୀକାର କରିଥିଲା। ଏହାର ମୃତ୍ୟୁ କାରଣ ପାଲଟି ପାରେ ଏବଂ ଲୋକଙ୍କୁ ଗୁରୁତର କରିଦେଇପାରେ ବୋଲି ଦାବି ହେବା ପରେ ଏହି ମାମଲା କୋର୍ଟକୁ ଯାଇଥିଲା। ପରିବାରଗୁଡିକ ଉପରେ ଏହା ଭୟଙ୍କର ପ୍ରଭାବ ପକାଇଥିଲା। ଏଥିଯୋଗୁଁ ଅନେକ ଲୋକଙ୍କ ଜୀବନ ଯାଇଥିଲା।

**କରୋନା ଟିକା ଓ ହୃଦ୍‌ଘାତ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ନାହିଁ: ଆଇସିଏମଆର ଅଧ୍ୟୟନ**

**କୋଭିସିଲ୍ଡରେ ପାର୍ଶ୍ୱ ପ୍ରତିକ୍ରିୟା ହେଉଥିବା ମାନିଥିଲା କମ୍ପାନୀ**

ହୃଦ୍‌ଘାତ ମୃତ୍ୟୁର କାରଣ ଜାଣିବା ଲାଗି ୨ଟି ଅଧ୍ୟୟନ ଚାଲିଛି। ଗୋଟିଏ ପୂର୍ବ ତଥ୍ୟ ଆଧାରିତ ଏବଂ ଅନ୍ୟଟି 'ରିୟଲ ଟାଇମ ଇନଭେଷ୍ଟିଗେସନ' ସମ୍ବନ୍ଧିତ। ଆଇସିଏମଆରର ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଏପଡିମୋଲୋଜି (ଏନଆଇଇ) ୨୦୨୩ ମେ'ରୁ ଅଗଷ୍ଟ ପର୍ଯ୍ୟନ୍ତ ୧୯ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୭ ହସ୍ପିଟାଲରେ ଅଧ୍ୟୟନ କରିଥିଲା। ଏଥିରେ ୨୦୨୧ ଅକ୍ଟୋବରରୁ ୨୦୨୩ ମାର୍ଚ୍ଚ ମଧ୍ୟରେ ଅଚାନକ ପ୍ରାଣ ହରାଇଥିବା ଲୋକଙ୍କ ତଥ୍ୟ ବିଶ୍ଳେଷଣ କରାଯାଇଥିଲା। କରୋନା ଟିକା ଦ୍ୱାରା ଅଚାନକ ମୃତ୍ୟୁର ବିପଦ ବଢେ ନାହିଁ ବୋଲି ଏଥିରୁ ଜଣାପଡ଼ିଥିଲା। ଯୁବ ଏବଂ ବୟସ୍କଙ୍କ ମଧ୍ୟରେ ଅଚାନକ ମୃତ୍ୟୁର କାରଣ ସନ୍ଧାନ ଲାଗି ଏମ୍ସ ଏବଂ ଆଇସିଏମଆର ପକ୍ଷରୁ ଆଉ ଏକ ଅଧ୍ୟୟନ କରାଯାଉଛି। ପ୍ରାରମ୍ଭିକ ତଥ୍ୟରୁ ଜଣାପଡ଼ିଛି ଯେ ହୃଦ୍‌ଘାତ କିମ୍ବା ମାୟୋକାର୍ଡିୟଲ ଇନ୍‌ଫ୍ରାକ୍ସନ (ଏମଆଇ) ଏହି ବୟସରେ ମୃତ୍ୟୁର ପ୍ରମୁଖ କାରଣ ପାଲଟୁଛି। ଗତ କିଛି ବର୍ଷ ହେଲା ଅଚାନକ ମୃତ୍ୟୁର କାରଣ ପାଲଟୁଥିବା ଧାରାରେ କୌଣସି ବଡ଼ ପରିବର୍ତ୍ତନ ଆସିନାହିଁ। ଜେନେଟିକ ମ୍ୟୁଟେସନ ପାଇଁ ଅଧିକାଂଶ ମୃତ୍ୟୁ ହୋଇଛି। ଏବେ ଏହି ଅଧ୍ୟୟନ ଜାରି ରହିଛି।

# ବିହାର ନିର୍ବାଚନ ପର୍ଯ୍ୟନ୍ତ ଅଟକିଲା ନେତୃତ୍ୱ ପରିବର୍ତ୍ତନ ନିଷ୍ପତ୍ତି



ବେଙ୍ଗାଲୁରୁ, ୨।୭ (ଏଜେନ୍ସି): କର୍ଣ୍ଣାଟକରେ ନେତୃତ୍ୱ ପରିବର୍ତ୍ତନ ନେଇ ଚର୍ଚ୍ଚା ଜୋର୍ ଧରିଛି। ମୁଖ୍ୟମନ୍ତ୍ରୀ ପଦ ଲାଗି ଦୁଇ ନେତାଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ କଂଗ୍ରେସ ହାଇକମାଣ୍ଡ ଦଳର ସାଧାରଣ ସଂପାଦକ ରଣଦୀପ ସୁର୍ଯେୱାଲାଙ୍କୁ ପଠାଇଥିଲେ। ସେ ଦଳୀୟ ବିଧାୟକମାନଙ୍କୁ ଭେଟି ସେମାନଙ୍କର ମତାମତ ନେଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ପଦରେ ରହିବା ଲାଗି ସିଦ୍ଧ ରମୈୟା ଜିଦ୍ ଧରିଥିବାରୁ ସମାଧାନର ବାଟ ବାହାରି ପାରୁନାହିଁ। ହାଇକମାଣ୍ଡ ଏହାଉପରେ ଚୂଡାନ୍ତ ନିଷ୍ପତ୍ତି ନେବେ ବୋଲି କୁହାଯାଇଥିଲେ ମଧ୍ୟ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଯାଉଥିବା ବିହାର ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ନେତୃତ୍ୱରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି ଜଣାପଡ଼ିଛି।

ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସମର୍ଥକ ନେତୃତ୍ୱ ପରିବର୍ତ୍ତନ ଲାଗି ଦାବି କରୁଥିବା ବେଳେ ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ନାରାଜ। ନେତୃତ୍ୱ ପରିବର୍ତ୍ତନ ଚର୍ଚ୍ଚାକୁ ସେ ପୁଣିଥରେ ଖଣ୍ଡନ କରିଦେଇଛନ୍ତି। ସେ ପାଞ୍ଚ ବର୍ଷ ପାଇଁ ଏହି ପଦବୀରେ ରହିବେ ବୋଲି ଦମ୍ଭୋକ୍ତି ବାଢିଛନ୍ତି। ସେ କହିଛନ୍ତି 'ହଁ, ମୁଁ ମୁଖ୍ୟମନ୍ତ୍ରୀ ରହିବି। ଏଥିରେ କୌଣସି ସନ୍ଦେହ ଅଛି କି? ନେତୃତ୍ୱ ପରିବର୍ତ୍ତନ ନେଇ ବିଜେପି ଏବଂ ଜେଡିଏସ ନେତାଙ୍କ ଦାବି ଉପରେ ସେ କହିଛନ୍ତି ଯେ ଏହି ଚର୍ଚ୍ଚା ଯେଉଁମାନେ କରୁଛନ୍ତି ସେମାନେ କ'ଣ କଂଗ୍ରେସ ହାଇକମାଣ୍ଡ କି? ବିରୋଧୀ

**■ ମୁଁ ମୁଖ୍ୟମନ୍ତ୍ରୀ ରହିବି; କିଛି ସନ୍ଦେହ ଅଛି କି: ସିଦ୍ଧରମୈୟା**

**■ ମୋ ପାଖରେ କ'ଣ ବିକଳ୍ପ ଅଛି: ଶିବକୁମାର**

ଦଳ ନେତା ଆର ଅଶୋକ ବିଜେପି ଲୋକ। ବିୱାଇ ବିଜୟେନ୍ଦ୍ର ବିଜେପି ଅଧ୍ୟକ୍ଷ। ବିଧାନ ପରିଷଦର ବିରୋଧୀ ଦଳ ନେତା ଚଲୱଡି ନାରାୟଣ ସ୍ୱାମୀ ମଧ୍ୟ ବିଜେପି ନେତା। ସେମାନେ ଏହି କଥା କହିଲେ ଆପଣମାନେ ଲେଖିବେ କି ବୋଲି ସିଦ୍ଧରମୈୟା ସାମ୍ବାଦିକମାନଙ୍କୁ ପ୍ରଶ୍ନ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ଶିବକୁମାରଙ୍କ ସହ ମତଭେଦ ଖବରକୁ ମୁଖ୍ୟମନ୍ତ୍ରୀ ଖଣ୍ଡନ କରିଥିଲେ। ଶିବକୁମାରଙ୍କ ସହ ସଂପର୍କ ଭଲ ଅଛି ଓ ଦଳରେ ଏକତା ରହିଛି। ସରକାର ୫ ବର୍ଷ ପର୍ଯ୍ୟନ୍ତ ମଜବୁତ ରହିବ ବୋଲି କହିଥିଲେ।

ଅନ୍ୟପକ୍ଷରେ ଉପ-ମୁଖ୍ୟମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ପଦ ଲାଗି ଦାବିଦାର ଶିବକୁମାର କହିଛନ୍ତି ଯେ ମୋ ପାଖରେ ଆଉ କ'ଣ ବିକଳ୍ପ ଅଛି? ମୁଁ ସିଦ୍ଧରମୈୟାଙ୍କ ସହ ରହିଛି ଏବଂ ତାଙ୍କୁ ସମର୍ଥନ ଦେବି। ହାଇକମାଣ୍ଡ ନିଷ୍ପତ୍ତିକୁ ବିରୋଧ କରିବାର ପ୍ରଶ୍ନ ଉଠୁନାହିଁ। ହାଇକମାଣ୍ଡ ଯାହା ଚାହିଁବେ, ତାହା କରିବି। ସେ କହିଲେ ଯେ ରାଜ୍ୟରେ ଦଳୀୟ ସଂଗଠନକୁ କିପରି ମଜବୁତ କରାଯିବ, ସେହି ଉଦ୍ଦେଶ୍ୟରେ ବିଧାୟକମାନଙ୍କ ସହ ଆଲୋଚନା ପାଇଁ ଆସିଥିଲେ ସୁର୍ଯେୱାଲା। ମୁଖ୍ୟମନ୍ତ୍ରୀ ବଦଳାଇବା କିମ୍ବା ରାଜ୍ୟ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ କୌଣସି ବିଚାର ଆଲୋଚନା ହୋଇନାହିଁ ବୋଲି ଶିବକୁମାର ସ୍ପଷ୍ଟ କରିଛନ୍ତି।

# ଶେଖ୍ ହସିନାଙ୍କୁ ୬ ମାସ୍ ଜେଲ୍ ଦଣ୍ଡ



ଢାକା, ୨।୭ (ଏଜେନ୍ସି): ଅଦାଲତ ଅବମାନନା ମାମଲାରେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଛଅ ମାସ ଜେଲ ଦଣ୍ଡାଦେଶ ହୋଇଛି। ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ (ଆଇଟିସି) ବୁଧବାର ଏହି ଦଣ୍ଡାଦେଶ ଶୁଣାଇଛି। ହସିନା ଏବଂ ସ୍ଥାନୀୟ ନେତା ଶକିଲ ବୁଲବୁଲଙ୍କ ମଧ୍ୟରେ ଫୋନ୍ ବାର୍ତ୍ତାଳାପର ତଦନ୍ତ କରିବା ପରେ ଆଇଟିସି ଏହି ରାୟ ଦେଇଛି। ଗତ ବର୍ଷ ଏହି ବାର୍ତ୍ତାଳାପ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏଥିରେ ଶେଖ୍ ହାସିନା କହିଥିଲେ ଯେ ତାଙ୍କ ବିରୁଦ୍ଧରେ ୨୨୭ ମାମଲା ପଞ୍ଜିକୃତ ହୋଇଛି। ତେଣୁ ତାଙ୍କୁ ୨୨୭ ଜଣଙ୍କୁ ହତ୍ୟା କରିବାର ଲାଇସେନ୍ସ ମିଳିଛି।

# କ୍ଷମତା ବଦଳିବା ପରେ ବଦଳିଗଲା ଆଭିମୁଖ୍ୟ

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାର ହେବ ନବୀକରଣ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ସରକାର ବଦଳିବା ପରେ ଆଭିମୁଖ୍ୟ ବଦଳି ଯାଇଥାଏ। ନିର୍ବାଚନୀ ପ୍ରଚାର ସମୟରେ ଯେଉଁ ପ୍ରସଙ୍ଗକୁ ନେଇ ବିରୋଧୀ ଦଳକୁ ବିରୋଧ କରାଯାଇଥାଏ କ୍ଷମତାକୁ ଆସିବା ପରେ ତାହାକୁ ଦଳ ଆପଣାଇ ନେଇଥାଏ। ବିରୋଧ ସମର୍ଥନ ପାଲଟି ଯାଏ। ଦିଲ୍ଲୀ ସରକାରରେ ଏପରି ଦେଖିବାକୁ ମିଳିଛି। କ୍ଷମତାରୁ ଦୂରରେ ଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବାସଭବନ ନବୀକରଣକୁ ବିଜେପି ପ୍ରମୁଖ ପ୍ରସଙ୍ଗ କରିଥିଲା। ଏହାକୁ 'ଶିଶ୍ ମହଲ' କହିଥିଲା। ଆମ ଆଦ୍‌ମୀ ଯାହା କହିଥିଲେ ତା'ର ବୀପରିତ କରିଛନ୍ତି ବୋଲି କୁହାଯାଇଥିଲା। ମାତ୍ର ବିଜେପି କ୍ଷମତାକୁ ଆସିବା ପରେ ରେଖା ଗୁପ୍ତା ମୁଖ୍ୟମନ୍ତ୍ରୀ ହୋଇଥିଲେ। ତାଙ୍କୁ ରାଜନିବାସ ମାର୍ଗରେ ଥିବା ମୁଖ୍ୟମନ୍ତ୍ରୀ ସରକାରୀ ବଙ୍ଗଳା ମିଳିଛି। ଏବେ ଏହାକୁ ନବୀକରଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଖୁବଶୀଘ୍ର ଏହାର ମରାମତି ଏବଂ ସାଜସଜ୍ଜା କାମ ଆରମ୍ଭ ହେବାକୁ ଯାଉଛି। ପୂର୍ବରୁ ଏହି ବଙ୍ଗଳାକୁ ଉପ-ରାଜ୍ୟପାଳ ସଚିବାଳୟର କାର୍ଯ୍ୟାଳୟ ଭାବେ ବ୍ୟବହାର କରାଯାଉଥିଲା।

**■ ଲାଗିବ ୨୪ ଏସି, ୫ଟି ସ୍ମାର୍ଟ ଟିଭି**

**■ କେଜ୍ରିୱାଲଙ୍କ ବଙ୍ଗଳାକୁ କହିଥିଲେ 'ଶିଶ୍ ମହଲ'**

ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାରେ ୨୪ଟି ଏୟାର କଣ୍ଡିସନର (ଏସି), ୫ଟି ସ୍ମାର୍ଟ ଟିଭି ( ଚାରୋଟି ୫୫ ଇଞ୍ଚ ଏବଂ ଗୋଟିଏ ୬୫ ଇଞ୍ଚ), ୩ଟି ବଡ଼ ଝୁମର, ୮୦ରୁ ଅଧିକ ପଙ୍ଖା ଲଗାଯିବ। ରୋଷେଇ ଘରେ ଗ୍ୟାସ୍ ହବ୍, ଇଲେକ୍ଟ୍ରିକ୍ ଚିମନୀ, ମାଇକ୍ରୋୱେଭ, ଟୋଷ୍ଟ ଗ୍ରୀଲ, ୱାସିଂ ମେସିନ, ଡିସ୍‌ୱାସର, ଘଣ୍ଟାକୁ ୫୦ ଲିଟର ପାଣି ବାହାରୁଥିବା ଆରଓ ୱାଟର ପ୍ଲାଣ୍ଟର ସୁବିଧା ରହିବ। ପ୍ରଥମ ପର୍ଯ୍ୟାୟରେ ଏହି ନବୀକରଣ ଲାଗି ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। କେବଳ ଏସି ପାଇଁ ୧୧ ଲକ୍ଷରୁ ଅଧିକ ଟଙ୍କା ଏବଂ ଲାଇଟ୍ ଝୁମର ଲାଗି ୬ ଲକ୍ଷ ଟଙ୍କା ବଜେଟ ରହିଛି। ଏହି କୋଠାରେ ୪ଟି ଶୟନ କକ୍ଷ, ଡ୍ରଇଂ ରୁମ୍, ଭିଜିଟର୍ସ ହଲ୍, ଚାକରଙ୍କ ପ୍ରକୋଷ୍ଠ, ରୋଷେଇ ଘର ଆଦି ରହିଛି। ପୂର୍ବରୁ କେଜ୍ରିୱାଲଙ୍କ ଫ୍ଲାଗଷ୍ଟାଫ ରୋଡ(୬) ସ୍ଥିତ ବାସଭବନକୁ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଦୁର୍ନୀତିର ପ୍ରତୀକ କହିଥିଲେ।

# ତିବ୍ବତୀୟ ବାଛିବେ ନୂଆ ଦଲାଇଲାମା



ଧର୍ମଶାଳା, ୨।୭ (ଏଜେନ୍ସି): ପରବର୍ତ୍ତୀ ଦଲାଇଲାମା କିଏ ହେବ ତାହାକୁ ନେଇ ସାରା ବିଶ୍ୱର ନଜର ରହିଛି। ଏପରି ସମୟରେ ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା ବଡ଼ ଘୋଷଣା କରିଛନ୍ତି। ତେବେ ତାଙ୍କର ଏହି ଘୋଷଣା ଚୀନ୍‌କୁ ପସନ୍ଦ ଆସିନି। ତିବ୍ବତରେ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ଅତ୍ୟାଚାର ଦେଉଥିବା ଏହି ବିସ୍ତାରବାଦୀ ଦେଶ ଧର୍ମଗୁରୁ ଚୟନରେ କେଁ ପୂରାଇଛି। ହିମାଚଳର ଧର୍ମାଶାଳାରେ ବୁଧବାରଠାରୁ ଆରମ୍ଭ ହୋଇଥିବା ୧୫ତମ ତିବ୍ବତୀୟ ଧାର୍ମିକ ସମ୍ମିଳନୀରେ ଦଲାଇଲାମା ନିଜର ପରବର୍ତ୍ତୀ ଉତ୍ତରାଧିକାରୀଙ୍କୁ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଦେଇଛନ୍ତି। ଆଉ ଚୀନ୍‌କୁ ବଡ଼ ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ ଆଗକୁ ବି ଦଲାଇଲାମା ଅନୁଷ୍ଠାନ ଜାରି ରହିବ। ତାଙ୍କ ଅନ୍ତେ ତିବ୍ବତୀୟ ତଥା ବୌଦ୍ଧ ପରମ୍ପରା ଅନୁଯାୟୀ ପରବର୍ତ୍ତୀ ଉତ୍ତରାଧିକାରୀ ଚୟନ ହେବ। ନୂଆ ଦଲାଇଲାମା ଚୟନର ଦାୟିତ୍ୱ ସେ ତିବ୍ବତୀୟ ସଂଗଠନ ଗାଦେନ ଫୋଡରଙ୍ଗ ଟ୍ରଷ୍ଟକୁ ପ୍ରଦାନ କରିଛନ୍ତି। ତିବ୍ବତୀୟ ଲୋକମାନେ ହିଁ ନୂଆ ଦଲାଇଲାମା ଚୟନ କରିବେ। ଏଥିରେ ଚୀନ୍‌ର କୌଣସି ଭୂମିକା ରହିବ ନାହିଁ। ଯଦି ଚୀନ୍ ଦଖଲ ଦେବାକୁ ପ୍ରୟାସ କରିବ ତେବେ ଏହାକୁ ବରଦାସ୍ତ କରାଯିବ ନାହିଁ। ତେବେ ଦଲାଇଲାମାଙ୍କ ଏହି ମନ୍ତବ୍ୟକୁ ଚୀନ୍ ଗ୍ରହଣ କରିପାରି ନାହିଁ। ଏହି ଘୋଷଣାକୁ ନେଇ ଚୀନ୍ କ୍ଷୁବ୍ଧ ହୋଇଯାଇଛି।

ବୌଦ୍ଧ ଧର୍ମ ଏବଂ ତିବ୍ବତରେ ଦଖଲ ଦେଉଥିବା ଏହି ରାଷ୍ଟ୍ର ପକ୍ଷରୁ କୁହାଯାଇଛି ଯେ ଉତ୍ତରାଧିକାରୀ ଚୟନ ପାଇଁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ନେବାକୁ ପଡ଼ିବ। ଚୀନ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର କହିଛନ୍ତି ଯେ ଦଲାଇଲାମା, ପାଞ୍ଚେନ ଲାମା ଓ ଅନ୍ୟ ବୌଦ୍ଧ ନେତାଙ୍କ ପୁନର୍ଜନ୍ମ ପ୍ରକ୍ରିୟା 'ଗୋଲ୍ଡେନ ଆର୍ଣ୍ଣ ଲଟେରି' ଅନୁସାରେ କରାଯିବ। ସୂଚନାଯୋଗ୍ୟ ଯେ ଧର୍ମଶାଳା ସ୍ଥିତ ଦଲାଇଲାମା ଲାଇବ୍ରେରି ଆଣ୍ଡ ଆର୍କାଇଭରେ ଆରମ୍ଭ ହୋଇଥିବା ତିନି ଦିନିଆ ସମ୍ମିଳନୀରେ ବୌଦ୍ଧ ଧର୍ମର ବିଭିନ୍ନ ପରମ୍ପରାର ଲାମାମାନେ, ତିବ୍ବତୀୟ ସଂସଦ, ସଂଗଠନ ଏବଂ ସାରା ବିଶ୍ୱରେ ଥିବା ତିବ୍ବତୀୟ ସମୁଦାୟର ପ୍ରତିନିଧି ଭାଗ ନେଉଛନ୍ତି। ବର୍ତ୍ତମାନର ଦଲାଇଲାମା ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ ଦଲାଇଲାମା ଅନୁଷ୍ଠାନକୁ ଜାରି ରଖିବାକୁ ତିବ୍ବତୀୟ ଲୋକ, ମଙ୍ଗୋଲିଆ, ଚୀନ ଏବଂ ସାରା ବିଶ୍ୱରେ ଥିବା ବୌଦ୍ଧ ସଂପ୍ରଦାୟ ଦଲାଇଲାମାଙ୍କୁ ଅନୁରୋଧ କରିଥିଲେ। ଏହାକୁ ଗ୍ରହଣ କରାଯାଇଛି।

# ଗାଜାରେ ୬୦ ଦିନିଆ ଅସ୍ତ୍ରବିରତି ଲାଗି ଇସ୍ରାଏଲ ରାଜି

ୱାସିଂଟନ, ୨।୭ (ଏଜେନ୍ସି): ଗାଜାରେ ୬୦ ଦିନିଆ ଅସ୍ତ୍ରବିରତି ପାଇଁ ଇସ୍ରାଏଲ ରାଜି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସୂଚନା ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଏହି ସମୟ ମଧ୍ୟରେ ସମସ୍ତ ପକ୍ଷଙ୍କୁ ଭେଟି ଯୁଦ୍ଧ ଶେଷ କରିବାକୁ ପ୍ରୟାସ କରାଯିବ। ଟ୍ରମ୍ପ ହମାସକୁ ମଧ୍ୟ ଚେତାବନୀ ଦେଇଛନ୍ତି। ଏହି ଚୁକ୍ତିକୁ ହମାସ ସ୍ୱୀକାର ନ କଲେ ପରିସ୍ଥିତି ଆହୁରି ଖରାପ ହେବ ବୋଲି କହିଛନ୍ତି। କାତାର ଏବଂ ଇଜିପ୍ଟ ଏହି ଚୁକ୍ତିର ଚୂଡ଼ାନ୍ତ ପ୍ରସ୍ତାବ ହମାସ ପାଖକୁ ପଠାଇବେ। ଏହି ଦୁଇ ଦେଶ ଦୀର୍ଘ ସମୟ ଧରି ଶାନ୍ତି ପ୍ରତିଷ୍ଠା ଲାଗି ପ୍ରୟାସ କରିଚାଲିଛନ୍ତି। ଟ୍ରମ୍ପ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି ଯେ ଗାଜା ବିଷୟରେ ଆଜି ଇସ୍ରାଏଲୀ ଅଧିକାରୀଙ୍କ ସହିତ ମୋର ଭଲ ଆଲୋଚନା ହୋଇଛି। ଅସ୍ତ୍ରବିରତି ପାଇଁ ଇସ୍ରାଏଲ ରାଜି ହୋଇଛି। ଏବେ ଆମେ ସମସ୍ତ ପକ୍ଷଙ୍କ ସହିତ କଥା ହୋଇ ଯୁଦ୍ଧ ଶେଷ କରିବାକୁ ଚେଷ୍ଟା କରିବୁ। ଆଶା କରାଯାଉଛି ଯେ ହମାସ ଏହି ପ୍ରସ୍ତାବକୁ ଗ୍ରହଣ କରିବ। କାରଣ ଏହାଠାରୁ ଭଲ ସୁଯୋଗ ଆଉ କିଛି ହେବ ନାହିଁ।

# ଚର୍ଚ୍ଚାରେ ଆଇଏଏସ୍ ନେହା: ୩ ଥର ଫେଲ୍ ହେବା ପରେ ଛାଡ଼ିଥିଲେ ମୋବାଇଲ



ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ପ୍ରଥମ ଦୁଇଟି ପ୍ରୟାସରେ ୟୁପିଏସ୍‌ସିର ପ୍ରିଲିମିନାରୀ ପରୀକ୍ଷାରେ ପାସ୍ କରିପାରି ନ ଥିଲେ। ତୃତୀୟ ପ୍ରୟାସରେ ପ୍ରିଲିମିନାରୀ ପାସ୍ କରିଥିଲେ, କିନ୍ତୁ ମେନ୍ସ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରି ନ ଥିଲେ। ତିନି ଥର ବିଫଳ ହେବା ସତ୍ତ୍ୱେ ହାର୍ ମାନି ନ ଥିଲେ। ଅଧିକ କଠିନ ପରିଶ୍ରମ କରିଥିଲେ। ଏଥିପାଇଁ ମୋବାଇଲ ସହ ସମ୍ପର୍କ ତୁଟାଇ ଦେଇଥିଲେ। ମୋବାଇଲ ଦ୍ୱାରା ଅଧିକ ସମୟ ଯାଉଥିବା ଭାବି ଏହାକୁ ଭାଙ୍ଗି ଦେଇଥିଲେ। ମାସେ କି ବର୍ଷେ ନୁହେଁ, ତିନି ବର୍ଷ ପର୍ଯ୍ୟନ୍ତ ମୋବାଇଲ ଛାଡ଼ି ଦେଇଥିଲେ। ଦିନକୁ ୧୭-୧୮ ଘଣ୍ଟା ପଢୁଥିଲେ। କଠିନ ପରିଶ୍ରମ ଏବଂ ନିଷ୍ଠା ପାଇଁ ଶେଷରେ ସଫଳ ହୋଇ ସାରା ଦେଶର ଧ୍ୟାନ ଆକର୍ଷଣ କରିବାରେ ସଫଳ ହୋଇଥିଲେ। ୪ର୍ଥ ପ୍ରୟାସରେ ୨୪ ବର୍ଷ ବୟସରେ ୟୁପିଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ୯୬୦ ମାର୍କ ରଖି ସର୍ବ ଭାରତୀୟସ୍ତରରେ ୫୬୯ ର୍ୟାଙ୍କ ହାସଲ କରି ଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ଅଧିକାରୀ ହୋଇଥିଲେ। ଆଇଏଏସ ଅଧିକାରୀ ନେହା ବୟଦୱାଲ ଏହି ସଫଳତା ପାଇଛନ୍ତି। ୨୫ ବର୍ଷୀୟ ଏହି ଆଇଏଏସ ଏବେ ଗୁଜରାଟରେ ଅବସ୍ଥାପିତ ଅଛନ୍ତି।

ସୂଚନା ଅନୁଯାୟୀ ନେହା ରାଜସ୍ଥାନରେ ଜନ୍ମ ହୋଇଥିଲେ। ତେବେ ସେ ଛତିଶଗଡ଼ର ରାୟପୁରରେ ବଡ଼ ହୋଇଥିଲେ। ସେ ୫ମ ଶ୍ରେଣୀରେ ପ୍ରଥମଥର ପାଇଁ ବିଫଳ ତଥା ଫେଲ୍ ହୋଇଥିଲେ। କିନ୍ତୁ ଏହା ତାଙ୍କୁ କଠିନ ପରିଶ୍ରମ କରିବାକୁ ଖୋରାକ ଯୋଗାଇ ଥିଲା। ସେ ଭାଙ୍ଗି ନ ଯାଇ କଠୋର ପରିଶ୍ରମ କରି ସଫଳତାର ସହ ଆଗକୁ ବଢ଼ି ଚାଲିଥିଲେ। ଏକ ସାକ୍ଷାତକାରରେ ନେହା କହିଥିଲେ ଯେ ରାୟପୁରରେ ରହୁଥିବାବେଳେ ବାପାଙ୍କ ଚାକିରି ପାଇଁ ସେ ଭୋପାଳ ଚାଲି ଆସିଥିଲେ। ସେଠାରେ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ତାଙ୍କ ନାମ ଲେଖା ଯାଇଥିଲା। ପୂର୍ବରୁ ହିନ୍ଦୀ ଶିଖିଥିବା ନେହାଙ୍କ ପାଇଁ ଇଂରାଜୀ ଶିଖିବା କଠିନ ହୋଇଥିଲା। କିନ୍ତୁ ସେ ହାର୍ ମାନି ନ ଥିଲେ। କିଛି ଦିନ ମଧ୍ୟରେ ଇଂରାଜୀ ଶିଖି ଯାଇଥିଲେ।

ବରିଷ୍ଠ ଆୟକର ବିଭାଗ ଅଧିକାରୀଙ୍କ ଝିଅ ନେହା ବାପାଙ୍କ ପନ୍ଥାକୁ ଅନୁସରଣ କରି ୟୁପିଏସ୍‌ସି ପରୀକ୍ଷା ଦେବାକୁ ଚାହିଁଥିଲେ। କିନ୍ତୁ ବାରମ୍ବାର ବିଫଳ ହେବା ଯୋଗୁଁ ସେ ମୋବାଇଲକୁ ନିଜ ଠାରୁ ଦୂରେଇ ଦେଇଥିଲେ। ସେ ୩ ବର୍ଷ ପର୍ଯ୍ୟନ୍ତ ମୋବାଇଲ ବ୍ୟବହାର କରି ନଥିଲେ। ସେ କଠିନ ପରିଶ୍ରମକୁ ସଫଳତାର ଶ୍ରେୟ ଦେଇଛନ୍ତି। ନେହା କହିଛନ୍ତି ଯେ କୌଣସି ସ୍ଥାନକୁ ବୁଲିବାକୁ ନ ଯିବା କିମ୍ବା କିଛି ଜିନିଷ ନ କିଣିବା ବଳିଦାନ ନୁହେଁ। ଦିନ ତମାମ କାମ କରି ଘରକୁ ଫେରିବା ପରେ ନିଜ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେବା ହିଁ ହେଉଛି ବଳିଦାନ। ବାପା କାମରୁ ଫେରିବାର ୩୦ ମିନିଟ ମଧ୍ୟରେ ନିଜକୁ ପ୍ରସ୍ତୁତ କରି ନେଉଥିଲେ। ଗଣିତ ଠାରୁ ଇତିହାସ ପର୍ଯ୍ୟନ୍ତ ମୋତେ ପଢ଼ାଉ ଥିଲେ। ଏହି ଯାତ୍ରା ଆମକୁ କଠିନ ପରିଶ୍ରମ, ନିଷ୍ଠା, ଉତ୍ସାହ, ହାର ନ ମାନିବାର ଦୃଢ଼ତାକୁ ଏବଂ ସମୟ ପରିଚାଳନାକୁ ଦର୍ଶାଉଛି।




# ‘ଡେଲିଭରି ବୟ-୨’ରେ ଅର୍ଚ୍ଚିତା

ଓଡ଼ିଆ ସିନେମା ‘ଡେଲିଭରି ବୟ’ର ଅପୂର୍ବ ସଫଳତା ପରେ ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ‘ଡେଲିଭରି ବୟ-୨।’ ଓଲିଉଡ୍‌ର ସୁପର କ୍ୱିନ୍ ଅର୍ଚ୍ଚିତାଙ୍କୁ ଏଥିରେ ଦେଖିବାକୁ ମିଳିବ। ଅର୍ଚ୍ଚିତାଙ୍କର ଏହି ଭୂମିକା ଜଣେ ଡେଲିଭରି ଗର୍ଲ ଭାବେ ରହିଛି। ଯିଏକି ନିଜ ପରିବାରକୁ ସମର୍ଥନ କରିବା ସହ ବ୍ୟକ୍ତିଗତ ସ୍ୱପ୍ନକୁ ବଞ୍ଚାଇ ରଖିବାରେ ସଂଘର୍ଷ କରୁଛନ୍ତି। ତାଙ୍କର ଅଭିନୟ ମହିଳାଙ୍କ ସାହସ ଓ ଦୃଢ଼ ମନୋବଳକୁ ପ୍ରତିଫଳିତ କରିବ। ତେବେ ହସ, ଲୁହ, ସଂଘର୍ଷ ଓ ସ୍ୱପ୍ନ ଭରା ଏହି କାହାଣୀ ପରିବାର ଓ ଦାୟିତ୍ୱକୁ ନେଇ ଗତିଶୀଳ। ଯାହାକି ଦର୍ଶକଙ୍କୁ ଭାବ ବିହ୍ୱଳ କରିବ ବୋଲି ଆଶା କରାଯାଉଛି। ଫିଲ୍ମର ରିଲିଜ୍ ତାରିଖ ଶୀଘ୍ର ଘୋଷଣା କରାଯିବ। ଅର୍ଚ୍ଚିତାଙ୍କ ବ୍ୟତୀତ ଏହି ସିନେମାରେ ଶୈଳେନ୍ଦ୍ର ସାମନ୍ତରାୟ, ବୁଦ୍ଧାଦିତ୍ୟ ମହାନ୍ତି, ଶ୍ରୀତମ ଦାସ, ପ୍ରିୟମ୍ବଦା, ପୁପିନ୍ଦର, ସନ୍ତୁ ପ୍ରମୁଖ କଳାକାର ନଜର ଆସିବେ। ସେହିପରି ଏଥିରେ ଅତିଥି କଳାକାର ଭାବେ ଭୂମିକାଙ୍କୁ ଦେଖିବାକୁ ମିଳିବ। ■




# ଆଓ ନେକ୍ସଟ୍‌ରେ ‘ଅତିଥି- ଦ ଅନ୍ ୱାଣ୍ଟେଡ୍ ଗେଷ୍ଟ’

ଓଡ଼ିଆ ସିନେମା ‘ଅତିଥି–ଦ ଅନ୍ ୱାଣ୍ଟେଡ୍ ଗେଷ୍ଟ’କୁ ବଡ଼ ପରଦାରେ ଅପୂର୍ବ ସଫଳତା ମିଳିଥିଲା। ଜୁନ୍ ୨୭ ତାରିଖରୁ ଦର୍ଶକେ ଏହାକୁ ଆଓ ନେକ୍ସଟ ଓଟିଟି ପ୍ଲାଟଫର୍ମରେ ଦେଖିବାର ସୁଯୋଗ ପାଇଛନ୍ତି। ଏହା ସମ୍ପୂର୍ଣ୍ଣ ନୂଆ ଶୈଳୀର ମୌଳିକ ଓଡ଼ିଆ ସିନେମା। ସିନେମାକୁ ବଡ଼ ପରଦାରେ ଦର୍ଶକ ଯେତିକି ଭଲ ପାଇବା ଦେଇଥିଲେ ତା’ଠୁ ଅଧିକ ଆଓ ନେକ୍ସଟ୍‌ରେ ଦେବା ଆଶା କରାଯାଉଛି। ସିନେମାର ବିଭିନ୍ନ ଭୂମିକାରେ ଅନୁ ଚୌଧୁରୀ, ଦିବ୍ୟାଦିଶା ମହାନ୍ତି, ମନୋଜ ମିଶ୍ର, ସାୟଲ ମୁଖାର୍ଜୀ, ଶ୍ରୁତି ଶୁଭଶ୍ରୀ, ଚିନ୍ମୟ ମିଶ୍ର, ଅଭିଷେକ ଗିରି, ଦୀପନ୍ୱିତ ଦାସ ମହାପାତ୍ର, ଜୀବନ ପଣ୍ଡା, ସୁକାନ୍ତ ରଥ, ପ୍ରସନଜିତ୍ ମହାପାତ୍ର, ବିଶ୍ଳେଷ ପଣ୍ଡା, ପ୍ରସିଦ୍ଧି ଓ ସର୍ବେଶ୍ୱର ସୂତାର ପ୍ରମୁଖ ଅଭିନୟ କରିଛନ୍ତି। ଏଥିରେ ରାକେଶ ଦାଶ, ସୁମିତ ପଣ୍ଡା ଓ ସ୍ମିତ ପଟ୍ଟନାୟକ ଗୀତ ରଚନା କରିଛନ୍ତି, କୁଳଦୀପ ପଟ୍ଟନାୟକ, ସଞ୍ଚିତା ଶୁଭଦର୍ଶିନୀ, ହ୍ୟୁମାନ୍ ସାଗର, ଅର୍ପିତା ଚୌଧୁରୀ, ବିରାଜ ରଥ କଣ୍ଠଦାନ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ସୋମେଶ ଶତପଥୀ ଏବଂ ବୁନ୍ତି ମହାନ୍ତି ଦେଇଥିବା ବେଳେ ଶ୍ରୁତି ପ୍ରକାଶ ଦାଶ ସଂଯୋଜନା କରିଛନ୍ତି। ସିନେମାର ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ରବିନାରାୟଣ ଦାସ। କାହାଣୀ ମାନସ ପଡ଼ିଆରୀ ଓ ନିର୍ଦ୍ଦେଶନା ଦେଇଛନ୍ତି ଅଜୟ ପାତ୍ର। ■



# ଚାରିଧାମ ର ପ୍ରଥମ ପୋଷ୍ଟର ରିଲିଜ୍

ପବିତ୍ର ରଥଯାତ୍ରାରେ ରିଲିଜ୍ ହୋଇଛି ଓଡ଼ିଆ ଫିଲ୍ମ ‘ଚାରିଧାମ-ଏ ଜର୍ଣ୍ଣି ଓ୍ୱିଦିନ’ର ପ୍ରଥମ ଅଫିସିଆଲ୍ ପୋଷ୍ଟର। ଏଥିରେ ଭାରତର ଚାରିଧାମର ଫଟୋ ସ୍ଥାନ ପାଇଥିବା ବେଳେ ଏହାର ଟ୍ୟାଗ୍‌ଲାଇନ ଦର୍ଶକଙ୍କ ମନକୁ ଛୁଇଁଛି। ଏହି ସିନେମାରେ ନଜର ଆସିବେ ଓଡ଼ିଆ ଫିଲ୍ମର ସୁପରଷ୍ଟାର ଅନୁଭବ ମହାନ୍ତି। ଏହା ଏକ ବିଗ୍ ବଜେଟ୍ ଫିଲ୍ମ। ଆସନ୍ତା ଦୁର୍ଗାପୂଜାରେ ଫିଲ୍ମଟି ସାରା ଓଡ଼ିଶାରେ ରିଲିଜ୍ ହେବାର ଯୋଜନା ଅଛି। ଏହି ଫିଲ୍ମରେ ଅନୁଭବଙ୍କ ସହିତ ନଜର ଆସିବେ ଅନୁରାଧା ପାଣିଗ୍ରାହୀ, ମମତା ତ୍ରିପାଠୀ, ସୁକାନ୍ତ ରଥ, ଆଶିଷ କୁମାର ଦାସ (ଗୁଲୁଆ), ପ୍ରଦ୍ୟୁମ୍ନ ଲେଙ୍କା ପ୍ରମୁଖ କଳାକାର। କ୍ୟାମେରା କୁଇନ୍ ପ୍ରଡକ୍ସନର ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି ହିମାଦ୍ରି ତନୟ ଦାସ। ନିର୍ଦ୍ଦେଶକ ତାପସ ସରଘରିଆଙ୍କ ଏହି ଫିଲ୍ମର କାହାଣୀ ଲେଖିଛନ୍ତି ଅଖିଳ୍ ରାଉତରାୟ ଓ ସଂଳାପ ଲେଖିଛନ୍ତି କୁମାରଶ୍ରୀ ସାହୁ। ବୈଦ୍ୟନାଥ ଦାଶ ଓ ସୋମେଶ ଶତପଥି ସଙ୍ଗୀତ ନିର୍ଦ୍ଦେଶନା ଦେଉଥିବା ବେଳେ ଫିଲ୍ମର କୋରିଓଗ୍ରାଫର ଅଛନ୍ତି ଗିରିଶ ମହାନ୍ତି। ଏହାର ଚିତ୍ରନାଟ୍ୟରେ ଅଛନ୍ତି ସୁରେଶ ପଟ୍ଟନାୟକ। ଚିରାଚରିତ କାହାଣୀଠାରୁ ଭିନ୍ନ ଏହି ଫିଲ୍ମର ସୁଟିଂ ଓଡ଼ିଶା ସହ ଭାରତର ଅନ୍ୟ ରାଜ୍ୟରେ ମଧ୍ୟ କରାଯାଉଛି। ■

# ମହିଳା ଚରିତ୍ରରେ ରିତେଶ



ଫିଲ୍ମ ନିର୍ମାତା ସୁଭାଷ ଘାଇଙ୍କ ଆଗାମୀ ହିନ୍ଦୀ ସିନେମାରେ ନଜର ଆସିବେ ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରିତେଶ ଦେଶମୁଖ। ଏହି ନୂଆ ସିନେମାରେ ରିତେଶ ମହିଳା ଚରିତ୍ରରେ ଅଭିନୟ କରିବା କୁହାଯାଉଛି। ତେବେ ସୁଭାଷ ରିତେଶଙ୍କ ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ଅଭିନେତ୍ରୀ ବାଛି ସାରିଥିବା କହିଛନ୍ତି। ସୁଭାଷ ଯେଉଁ ଫଟୋ ସେୟାର୍ କରିଛନ୍ତି, ସେଥିରେ ରିତେଶ ମହିଳା ବେଶଭୂଷାରେ ନଜର ଆସିଛନ୍ତି। ଅବଶ୍ୟ ଏହି ଫଟୋଟି ୨୦୦୬ ମସିହାର ଫିଲ୍ମ ‘ଅପନା ସପନା ମନି ମନି।’ ଅବଶ୍ୟ ଉକ୍ତ ଫିଲ୍ମର କାହାଣୀ ଏବଂ ଶୀର୍ଷକ ସମ୍ପର୍କରେ କିଛି ସୂଚନା ମିଳି ନାହିଁ। ରିତେଶ ଏହି ପ୍ରୋଜେକ୍ଟରେ ସୁଭାଷଙ୍କ ସହ କାମ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ଅନ୍ୟପଟେ ଏହି କଥା ସାମ୍ନାକୁ ଆସିବା ପରେ ରିତେଶଙ୍କ ପ୍ରଶଂସକଙ୍କଠାରେ ଫିଲ୍ମକୁ ନେଇ ଉତ୍ସାହ ବୃଦ୍ଧି ପାଇଛି। ■

ସାକ୍ଷାତକାର

# “ଅଭିନୟ ମୋ ଜୀବନ”



## ସମୀର କୁମାର ଶତପଥୀ, ଅଭିନେତା

ମଞ୍ଚ ନାଟକରେ ଦର୍ଶକ ଓ କଳାକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ ହୁଏ। ଏହା ସିନେମା କି ଧାରାବାହିକରେ ସମ୍ଭବ ହୁଏନି। ହେଲେ ଏମିତି ଜଣେ କଳାକାର ଅଛନ୍ତି, ଯିଏ ମଞ୍ଚରେ ୮୦ରୁ ଊର୍ଦ୍ଧ୍ୱ ନାଟକ କରି ପ୍ରଶଂସିତ ହୋଇଛନ୍ତି। ଆଉ ଏବେ ଧାରାବାହିକ ଏବଂ ଚଳଚ୍ଚିତ୍ରରେ ଜୀବନ୍ତ ଅଭିନୟ କରି ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ଏହି ପ୍ରତିଭାବାନ କଳାକାର ଜଣକ ହେଉଛନ୍ତି ପୁରୀର ସମୀର କୁମାର ଶତପଥୀ। ବାପା ଶରତ ଚନ୍ଦ୍ର ଶତପଥୀ ଓ ମା’ ହରପ୍ରିୟା ଶତପଥୀଙ୍କ ପ୍ରେରଣାରେ ସେ ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିବାରେ ଲାଗିଛନ୍ତି। ‘ଶ୍ରୀ ଜଗନ୍ନାଥ’ ତାଙ୍କର ପ୍ରଥମ ଧାରାବାହିକ ଥିଲା। ୧୩ରୁ ଊର୍ଦ୍ଧ୍ୱ ଧାରାବାହିକରେ କାମ କରିଥିବା ସମୀର ଏବେ ‘ସାଥି ସାତ ଜନ୍ମର’ରେ ସ୍ୱସ୍ତିକ ଚରିତ୍ରରେ ଘରେ ଘରେ ପରିଚିତ। ତେବେ କ୍ୟାମେରା ସାମ୍ନାରେ ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ସମୀରଙ୍କ ମୁହଁରୁ ଜାଣିବା ତାଙ୍କ ଅଭିନୟ ଯାତ୍ରା ସଂପର୍କରେ।

**ମଞ୍ଚ ଅଭିନେତାରୁ ଧାରାବାହିକକୁ ଯାତ୍ରା କିପରି ଥିଲା?**

● ପିଲାଦିନୁ ଅଭିନୟ ପ୍ରତି ମୋର ଦୁର୍ବଳତା ରହିଥିଲା। ତେଣୁ ବିସିଏ ପଢ଼ିବା ସମୟରେ ପୁରୀ ଅନ୍ନପୂର୍ଣ୍ଣା ଥିଏଟର ‘ଏ’ ଗ୍ରୁପ୍‌ରେ ୮୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକରେ ଅଭିନୟ କରିବାର ସୁଯୋଗ ପାଇଛି। ଦୀର୍ଘବର୍ଷର ଅଭିଜ୍ଞତାକୁ ନେଇ ଧାରାବାହିକରେ କାମ କରିବାକୁ ମନ ବଳାଇଥିଲି। ମୋତେ ପ୍ରଥମେ ଏହି ସୁଯୋଗ ଦେଇଥିଲେ ହିମାଂଶୁ ପରିଜା ସାର୍। ‘ତରଙ୍ଗ’ର ‘ଶ୍ରୀଜଗନ୍ନାଥ’ ମୋର ପ୍ରଥମ ଧାରାବାହିକ ଥିଲା। ‘ସର୍ବଜିତା ଅନୁ’, ‘ମାୟା ଓ ମମତା’, ‘ତୁ ଖରା ମୁଁ ଛାଇ’ ଆଦି ଧାରାବାହିକରେ ଅଭିନୟ କରିବାର ସୁଯୋଗ ପାଇଛି। ତେବେ ଜୀବନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ତା ଭିତରେ ମୁଁ ଏମ୍‌ସିଏ ପଢ଼ା ସାରିଛି।

**ପ୍ରଥମେ କ୍ୟାମେରାକୁ ସାମ୍ନା କରିବା ସମୟରେ ଭୟ ଲାଗିଥିଲା କି?**

● ମଞ୍ଚରେ ସମସ୍ତ ପ୍ରକାର ଚରିତ୍ରରେ କାମ କରିସାରିବା ପରେ ସଂଳାପ କହିବାକୁ ଆମକୁ ଡର ଲାଗେନି। ହେଲେ ପ୍ରଥମ କରି କ୍ୟାମେରା ସାମ୍ନା କରିବାରେ ଟିକେ ଭୟ କରିଥିଲି। ଧୀରେ ଧୀରେ କ୍ୟାମେରା ସାମ୍ନାରେ କାମ କରିବା ପରେ ଅଭ୍ୟସ୍ତ ହୋଇ ଯାଇଥିଲି। ଗୋଟିଏ କଥା କହିବି, କ୍ୟାମେରା ହେଉ କି ମଞ୍ଚ ଅଭିନୟ ସର୍ବଦା ଜୀବନ୍ତ ହେବା ଦରକାର।

**କେଉଁ ଚରିତ୍ର ଆପଣଙ୍କୁ ଭଲ ପରିଚୟ ଦେଇଛି?**

● ‘ତୁ ଖରା ମୁଁ ଛାଇ’ ଧାରାବାହିକର ନେଗେଟିଭ୍ ଚରିତ୍ର ‘ଆକାଶ’ ମୋତେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଆଉ ଏବେ ‘ସାଥି ସାତ ଜନ୍ମର’ ‘ସ୍ୱସ୍ତିକ’ ଚରିତ୍ରକୁ ଦର୍ଶକ ଢେର ସାରା ଭଲ ପାଇବା ଦେଇଛନ୍ତି। ମାତ୍ର ୬ମାସ ଭିତରେ ଏହି ଧାରାବାହିକକୁ ଏତେ ଭଲ ପାଇବା ମିଳିବା ମୋ ପାଇଁ ସୌଭାଗ୍ୟର କଥା।

**ଧାରାବାହିକରେ ଅଭିନୟ କରିବାକୁ କ’ଣ କ’ଣ ଗୁଣ ରହିବା ଜରୁରି?**

● କ୍ୟାମେରା ସାମ୍ନାରେ କାମ କରିବାକୁ ହେଲେ, କିଛି ଟେକ୍‌ନିକ୍ ଶିଖିବା ଜରୁରି। ମଞ୍ଚରେ ଗୋଟିଏ ଦୃଶ୍ୟ କରିବାକୁ ଗୋଟିଏ ଥର ସମୟ ନିଆଯାଏ। ହେଲେ ଏଠି ସେ ସିଷ୍ଟମ୍ ନାହିଁ। ମୋତେ ସୁଟିଂରେ ସବୁଠୁ କଷ୍ଟ ଲାଗେ, ନିଜ ଅନୁଭବକୁ ଚାପି ରଖିବା। ଅର୍ଥାତ୍ ଗୋଟିଏ ଚରିତ୍ରରେ ଇମୋସନ୍ ଦେଖାଇବାକୁ ଦୁଇରୁ ତିନିଟି ସୋପାନ ଦେଇ ଗତି କରିବାକୁ ପଡ଼େ। ସବୁବେଳେ ସମାନ ଫିଲିଙ୍ଗିସ୍ ରଖିବାକୁ ପଡ଼େ। ତେଣୁ ସକାରାତ୍ମକ କି ନକାରାତ୍ମକ ଚରିତ୍ର ମିଳିଲେ, ଦର୍ଶକ ଏହି ଚରିତ୍ରରୁ କ’ଣ ଚାହୁଁଛନ୍ତି, ଏହି ଚରିତ୍ରର କେତେ ଗଭୀରତା ତାହାକୁ ଗୁରୁତ୍ୱ ଦେଇ ଅଭିନୟ କରିବାକୁ ପଡ଼େ।

**ଆଗାମୀ ଯୋଜନା?**

● ବଡ଼ ପରଦାରେ ‘ବାଲା ଦ ରିଦମ ଅଫ୍ ଲାଇଫ୍’ରେ ଲିଡ୍ ଚରିତ୍ରରେ କାମ କରିସାରିଛି। ଆଗକୁ ବଡ଼ ପ୍ରୋଜେକ୍ଟର କାମ କରିବାକୁ ଯୋଜନା ଚାଲିଛି।

**ସୁଟିଂ ନ ଥିଲେ କ’ଣ କରନ୍ତି?**

● ଅଭିନୟ ମୋ ଜୀବନ। ଯଦି ମୋ ଦିନ ଆରମ୍ଭରୁ କେହି ମୋର ଅଭିନୟକୁ ନେଇ କିଛି ଟିପ୍ପଣୀ ଦିଅନ୍ତି, ସେଦିନଟି ମୋ ପାଇଁ ବହୁତ ଭଲ ଥାଏ। ପିଲାଟି ଦିନରୁ ଆଜିଯାଏଁ ମୁଁ କେବଳ ଅଭିନୟ କଥା ଭାବେ। ତେଣୁ ସମୟ ମିଳିଲେ, ଭଲ ଭଲ ଫିଲ୍ମ ଦେଖେ। ମୋ ଅଭିନୟକୁ କେମିତି ଆଉ ଟିକେ ସୁଧାରିବି, ଆଗକୁ ବଢ଼ିବି ସେ ନେଇ ପ୍ରୟାସ କରିଥାଏ। ■

ପରଦା ପଛର କାହାଣୀ



# ସୁଟିଂ ପାଇଁ ଅମିତାଭ ଖାଇଥିଲେ ୧୫ଟି ପାନ

ବଲିଉଡ୍ ସୁପରଷ୍ଟାର୍ ଅମିତାଭ ବଚ୍ଚନଙ୍କ ଅନେକ ସୁପରହିଟ୍ ଗୀତ ରହିଛି। ଯାହାକୁ ସିନେ ଦର୍ଶକ ଏବେ ମଧ୍ୟ ଭୁଲି ପାରିନାହାନ୍ତି। ସେଥିମଧ୍ୟରୁ ‘ଡନ୍’ ଫିଲ୍ମର ‘ଖାଇକେ ପାନ ବନାରସ ବାଲା...’ ଗୀତ ଅନ୍ୟତମ। ତେବେ ଏହି ମନୋରଞ୍ଜନଭିତ୍ତିକ ଗୀତ ପଛରେ ଅନେକ ରୋଚକୀୟ କାହାଣୀ ରହିଛି। ଏହି ଗୀତର ସୁଟିଂ ପାଇଁ ଅମିତାଭ ବଚ୍ଚନ ପ୍ରାୟ ୧୫-୧୬ ଟି ପାନ ଖାଇଥିଲେ। ଓଠକୁ ନାଲି ରଙ୍ଗ କରିବା ପାଇଁ ସେ ଏହି ପାନ ଚୋବାଇଥିଲେ। କିନ୍ତୁ ଅଧିକ ପାନ ଖାଇବାରୁ ପାନରେ ଥିବା ଚୂନ ଯୋଗୁଁ ତାଙ୍କ ପାଟି ଖାଇ ଯାଇଥିଲା। ଏଥିପାଇଁ ତାଙ୍କୁ ବହୁ ଦିନ ଧରି ଦରଜ ସହିବାକୁ ପଡ଼ିଥିଲା। ସବୁଠୁ ରୋଚକୀୟ କଥା ହେଉଛି ‘ଖାଇକେ ପାନ ବନାରସ ବାଲା...’ ଗୀତଟି ‘ଡନ୍’ ଫିଲ୍ମ ପାଇଁ ଲେଖାଯାଇ ନଥିଲା। ଏହି ଫିଲ୍ମ ବାସ୍ତବରେ ଦେବାନନ୍ଦଙ୍କ ‘ବନାରସୀ ବାବୁ’ ଫିଲ୍ମ ପାଇଁ ଲେଖା ଯାଇଥିଲା। ତେବେ ଏହି ଗୀତଟି ସେହି ଫିଲ୍ମରେ ବ୍ୟବହାର କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଅଭିନେତା ମନୋଜ କୁମାରଙ୍କ ପରାମର୍ଶ କ୍ରମେ ଏହି ଗୀତକୁ ଅମିତାଭ ବଚ୍ଚନଙ୍କ ‘ଡନ’ରେ ସାମିଲ କରାଯାଇଥିଲା। ୧୯୭୮ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମର କାହାଣୀ ସଲିମ ଯାଦବଙ୍କ ଯୋଡ଼ି ଲେଖିଥିଲେ। ଏହାର ନିର୍ଦ୍ଦେଶକ ଥିଲେ ଚନ୍ଦ୍ରା ବାରୋଟ। ଏଥିରେ ଅମିତାଭ ବଚ୍ଚନ, ଜୀନତ ଅମାନ, ପ୍ରାଣ, ଇମ୍‌ତେଫାକ୍ ଏବଂ ହେଲେନ୍ ଆଦି କଳାକାର ଅଭିନୟ କରିଛନ୍ତି। ସେହିପରି ଏହି ଫିଲ୍ମର ଗୀତ ‘ମେ ହୁଁ ଡନ୍’, ‘ୟେ ହୈ ବମ୍ବେ ନଗରୀୟା’, ‘ଜିସ୍‌କା ମୁଝେ ଥା ଇନ୍ତଜାର୍’ ଏବଂ ‘ୟେ ମେରା ଦିଲ୍’ ଆଦି ଅନେକ ଗୀତ ରହିଛି। ଏହି ସବୁ ଗୀତଗୁଡ଼ିକ ଖୁବ୍ ଲୋକପ୍ରିୟ ହୋଇଥିଲା। ତେବେ ‘ଖାଇକେ ପାନ ବନାରସ ବାଲା...’ ଗୀତ ଫିଲ୍ମ ପାଇଁ ଖୁବ୍ ସ୍ୱତନ୍ତ୍ର ଥିଲା। ■

## ଭାରତ-ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟ

# ଜୟସ୍ୱାଲ କ୍ରମାଗତ ଶତକରୁ ବଞ୍ଚିତ

ଏଜ୍‌ବାଷ୍ଟନ, ୨।୭ (ଏଜେନ୍ସି):

ଇଂଲଣ୍ଡ ସହ ଏଠାରେ ଆଜିଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତର ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ଭଲ ବ୍ୟାଟିଂ କରିଥିଲେ ମଧ୍ୟ ୮୭ ରନ୍‌ରେ ଆଉଟ ହୋଇଛନ୍ତି। ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ୧୦୧ ରନ୍ କରିଥିବା ଜୟସ୍ୱାଲ ଏହା ଫଳରେ କ୍ରମାଗତ ଶତକ ହାସଲ କରିବାରେ ଅସମର୍ଥ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଭଳି ଏଠାରେ ମଧ୍ୟ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଦିନ ଶେଷ ଖବର ସୁଦ୍ଧା ୫ ୱିକେଟ ହରାଇ ୨୧୨ ରନ୍ ସଂଗ୍ରହ କରିଛି। ଏହି ସମୟରେ ଅଧିନାୟକ ଶୁବମନ ଗିଲ୍ ୫୯ ଓ ରବୀନ୍ଦ୍ର ଜାଡେଜା ୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ ଆଉଟ ହୋଇଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରୁ ଓପନର ଲୋକେଶ ରାହୁଲ ୨, ନଂ-୩ରେ ବ୍ୟାଟିଂ କରିବାକୁ ସୁଯୋଗ ପାଇଥିବା କରୁନ ନାୟାର ୩୧, ଉପଅଧିନାୟକ ଋଷଭ ପନ୍ତ୍ ୨୫, ଅଲରାଉଣ୍ଡର ନୀତୀଶ ରେଡ୍ଡି ୧ ରନ୍ କରିଛନ୍ତି। ଏହି ପିଚ୍ ପ୍ରଥମ ଘଣ୍ଟାରେ ବୋଲରଙ୍କୁ କିଛିଟା ସହାୟତା କରିଥିଲାବେଳେ କର୍ଣ୍ଣାଟକର ଦୁଇ ବ୍ୟାଟର ରାହୁଲ ଓ ନାୟାର ଏହାର ମୁକାବିଲା କରି ପାରି ନ ଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓକ୍ସଙ୍କୁ ସର୍ବାଧିକ ୨ଟି ୱିକେଟ ମିଳିଛି। ବ୍ରାଇଡର୍ନ କାର୍ସ, ଅଧିନାୟକ ବେନ୍ ଷ୍ଟୋକ୍ସ ଓ ସୋଏବ ବସିର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି।

ସୂଚନାଯୋଗ୍ୟ ହେଡିଂଲେରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଏହା ଫଳରେ ଘରୋଇ ଦଳ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ସିରିଜ୍ ବରାବର କରିବାକୁ ହେଲେ ଭାରତକୁ ଏହି ମ୍ୟାଚ୍ ଜିତିବାକୁ ହେବ। କିନ୍ତୁ ଏଠାରେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଖେଳାଯାଇଥିବା ୮ଟି ଟେଷ୍ଟ ମଧ୍ୟରୁ ଭାରତ ଗୋଟିଏ ହେଲେ ଟେଷ୍ଟରେ ଜିତିନାହିଁ।



## ବୁମ୍‌ରାଙ୍କୁ ବିଶ୍ରାମ, ଆକାଶଙ୍କୁ ସୁଯୋଗ

ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଏଜ୍‌ବାଷ୍ଟନରେ ବୁଧବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବିଶ୍ରାମ ଦିଆଯାଇଛି। ହେଡିଂଲେରେ ପ୍ରଥମ ଟେଷ୍ଟ ହାରିଥିବା ଦଳରୁ ବୁମ୍‌ରାଙ୍କ ସମେତ ୩ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇଛି। ଅନ୍ୟ ଦୁଇଜଣ ଖେଳାଳି ହେଲେ ନଂ-୩ରେ ବ୍ୟାଟିଂ କରିଥିବା ସାଇ ସୁଦର୍ଶନ ଓ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର। ଏହି ୩ଜଣଙ୍କ ସ୍ଥାନରେ ଭାରତ ଦୁଇ ଜଣ ବ୍ୟାଟିଂ ଅଲରାଉଣ୍ଡର ନୀତୀଶ ରେଡ୍ଡି (ପେସ୍) ଓ ୱାଶିଂଟନ ସୁନ୍ଦର (ସ୍ପିନ୍)ଙ୍କୁ ଖେଳାଇଛି। ବୁମ୍‌ରାଙ୍କ ସ୍ଥାନରେ ଫାଷ୍ଟ ବୋଲର ଆକାଶ ଦୀପଙ୍କୁ ନିଆଯାଇଛି। ଆକାଶ ଦୀପ ଅଷ୍ଟ୍ରେଲିଆରେ ଭଲ ଖେଳିଥିଲେ। କିନ୍ତୁ ଇଂଲଣ୍ଡ ପିଚ୍‌ରେ ତାଙ୍କର ବିଶେଷ ଅଭିଜ୍ଞତା ନାହିଁ। ବୁମ୍‌ରାଙ୍କ ଅନୁପସ୍ଥିତିକୁ ଭରଣା କରିବା ଲାଗି ଉଭୟ ନୀତୀଶ ଓ ଆକାଶଙ୍କୁ ଦଳରେ ସାମିଲ କରାଯାଇଛି। ଏବେ ଇଂଲଣ୍ଡର ପିଚ୍ ବୋଲରଙ୍କୁ ବିଶେଷ ସହାୟତା ଦେଉ ନାହିଁ। ଏଥିଲାଗି ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କ ସ୍ଥାନରେ ସ୍ପିନ୍ ବୋଲିଂ ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ସାମିଲ କରାଯାଇଛି। ଭାରରତ ମଧ୍ୟ ନିମ୍ନକ୍ରମ ବ୍ୟାଟିଂ ବିପର୍ଯ୍ୟକୁ ଅଟକାଇବା ଲାଗି ସୁନ୍ଦର ସହାୟତା ଦେବେ ବୋଲି ଆଶା କରାଯାଉଛି।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ : ୨୧୨/୫, ୬୨ ଓଭର (ଯଶସ୍ୱୀ ଜୟସ୍ୱାଲ-୮୭, ଶୁବମନ ଗିଲ ବ୍ୟାଟିଂ-୫୯, ଋଷଭ ପନ୍ତ୍ -୨୫, କରୁନ ନାୟାର-୩୧, କ୍ରିସ ଓକ୍ସ-୨/୫୦, ବ୍ରାଇଡନ କାର୍ସ-୧/୨୬, ବେନ୍ ଷ୍ଟୋକ୍ସ-୧/୩୩)।

## ତୃତୀୟ ରାଉଣ୍ଡରେ ସାବାଲେଙ୍କା, କିଜ୍

**ୱିମ୍ବଲଡନ ତୃତୀୟ ଦିବସ**

ଲଣ୍ଡନ, ୨।୭ (ଏଜେନ୍ସି): ଟପ୍ ସିଡ୍ ଆରିନା ସାବାଲେଙ୍କା, ୬ଷ୍ଠ ସିଡ୍ ମାଡିସନ କିଜ୍ ପ୍ରମୁଖ ଏଠାରେ ଚାଲିଥିବା ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ବୁଧବାର ୩ୟ ଦିବସରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ବେଲାରୁଷ ତାରକା ସାବାଲେଙ୍କା ୭-୬ (୭/୪), ୬-୪ ସିଧାସଳଖ ସେଟ୍‌ରେ ଚେକ୍ ଗଣରାଜ୍ୟର ମାରିଏ ବୌଜକୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ୨୭ ବର୍ଷୀୟ ସାବାଲେଙ୍କା ଏଠାରେ ପ୍ରଥମ ୱିମ୍ବଲଡନ ଟାଇଟଲ୍ ଜିତିବା ଲକ୍ଷ୍ୟରେ ରହିଛନ୍ତି। ସେହିଭଳି ଅନ୍ୟ ଏକ ୨ୟ ରାଉଣ୍ଡ ମ୍ୟାଚରେ ଆମେରିକାର ମାଡିସନ୍ କିଜ୍ ୬-୪, ୬-୨ ସେଟ୍‌ରେ ସର୍ବିୟାର ଓଲଗା ଡାନିଲୋଭିକଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ରାଉଣ୍ଡର ଏକ ମ୍ୟାଚରେ ଦୁଇଥରର ଗ୍ରାଣ୍ଡସ୍ଲାମ ବିଜୟିନୀ କୋକୋ ଗଫ୍ ୬-୭ (୧/୭), ୧-୬ ସେଟ୍‌ରେ ୟୁକ୍ରେନର ଦୟାନା ୟାଷ୍ଟ୍ରେମସ୍କାଙ୍କ ନିକଟରୁ ହାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଗତ ମାସରେ ଗଫ୍ ଫ୍ରେଞ୍ଚ ଓପନ୍‌ରେ ଚାମ୍ପିଅନ ହୋଇଥିଲେ। ପୁରୁଷ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜ ଓ ବ୍ରିଟିଶର ଓଲିଭର ଟ୍ରାଭେଟଙ୍କ ମଧ୍ୟରେ ଦ୍ୱିତୀୟ ରାଉଣ୍ଡ ଲଢ଼େଇ ଜାରି ରହିଛି।

■ କ୍ରମାଗତ ୨ୟ ଟି-୨୦ରେ ଇଂଲଣ୍ଡ ପରାସ୍ତ

## ଜେମିମା, ଅମନଜୋତ୍ ଭାରତକୁ ଜିତାଇଲେ

ବ୍ରିଷ୍ଟଲ, ୨।୭ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ କ୍ରମାଗତ ଦ୍ୱିତୀୟ ଟି-୨୦ରେ ବିଜୟୀ ହୋଇଛି। ମଙ୍ଗଳବାର ୨ୟ ଟି-୨୦ ମ୍ୟାଚରେ ଭାରତ ୨୪ ରନରେ ଘରୋଇ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ୯୭ ରନରେ ଜିତିଥିଲା। ସିରିଜର ତୃତୀୟ ମ୍ୟାଚ୍ ଶୁକ୍ରବାର ଖେଳାଯିବ।

ଏହି ମ୍ୟାଚରେ ଭାରତ ଜେମିମା ରୋଡ୍ରିଗ୍ୱେଜ (୬୩ ରନ) ଓ ଅମନଜୋତ୍ କୌର (ଅପରାଜିତ ୬୩ ରନ)ଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୪ ୱିକେଟ୍ ହରାଇ ୧୮୧ ରନ କରିଥିଲା। ଜବାବରେ ଇଂଲଣ୍ଡ ଟାମି ବିଉମଣ୍ଟ (୫୪ ରନ), ସୋଫି ଏକଲେଷ୍ଟୋନ (୩୫) ଓ ଆମି ଜୋନ୍ସ (୩୨)ଙ୍କ ଉପଯୋଗୀ ପାଳି ସତ୍ତ୍ୱେ ଇଂଲଣ୍ଡ ୭ ୱିକେଟ୍‌ରେ ୧୫୭ ରନ କରିବାକୁ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ବାମହାତୀ ସ୍ପିନର ଶ୍ରୀଚରଣି ୨ ଏବଂ ଦୀପ୍ତି ଶର୍ମା ଓ ଅମନଜୋତ୍ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ଅମନଜୋତ୍‌ଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ମ୍ୟାଚ୍ ଖେଳି ମନ୍ଧାନା ଭାରତର ୨ୟ ତଥା ବିଶ୍ୱର ୭ମ ମହିଳା କ୍ରିକେଟର୍ ଭାବେ ୧୫୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ଟି-୨୦ ମ୍ୟାଚ୍ ଖେଳିବାର ରେକର୍ଡ କରିଛନ୍ତି।

## ଓସ୍‌ଜା ପାଳିଲା ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ

# ଖବର ପ୍ରକାଶନରେ ସ୍ୱଚ୍ଛତା ଲାଗି ଆହ୍ୱାନ




ଭୁବନେଶ୍ୱର, ୨।୭ (ସମିସ): କ୍ରୀଡ଼ା ସମ୍ବାଦ ପରିବେଷଣରେ ସ୍ୱଚ୍ଛତା ଓ ନୈତିକତା ରକ୍ଷା କରିବାକୁ ବିଶ୍ୱ କ୍ରୀଡ଼ା ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କ୍ରୀଡ଼ା ଏପରି ଏକ ବିଷୟ ଯେଉଁଥିରେ ସଫଳତା ଆସିବା ଅର୍ଥ ଦେଶ ଓ ରାଜ୍ୟର ସମ୍ମାନ ବୃଦ୍ଧି ଘଟିବା। ଏଣୁ କ୍ରୀଡ଼ା ଖବର ପରିବେଷଣ ସମୟରେ ସଚେତନ ହେବାକୁ ଅତିଥି ଓ ବରିଷ୍ଠ କ୍ରୀଡ଼ା ସାମ୍ବାଦିକମାନେ ଆହ୍ୱାନ ଦେଇଛନ୍ତି। ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ପକ୍ଷରୁ ଉତ୍କଳ କରାଟେ ସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ଅବସରରେ ଖେଳରତ୍ନ ପୁରସ୍କାର ବିଜେତା ତଥା ପାରା ଅଲିମ୍ପିକ୍ ବ୍ୟାଡମିଣ୍ଟନ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ ମୁଖ୍ୟଅତିଥି, ଅନ୍ତର୍ଜାତୀୟ ମହିଳା କ୍ରିକେଟର ରସ୍ମାରା ପରବିନ୍ ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ରୀଡ଼ାସାମ୍ବାଦିକଙ୍କ କାମକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଡଃ ହରିପ୍ରସାଦ ପଟ୍ଟନାୟକ ଭାରତ ଭଳି ଓଡ଼ିଶାରେ କ୍ରୀଡ଼ାନୀତି ପ୍ରଣୟନ ଓ କ୍ରୀଡ଼ାବିମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇଦେବାକୁ ଅନୁରୋଧ କରିଥିଲେ। ପ୍ରଥମଥର ଲାଗି ସ୍ପୋର୍ଟ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)କୁ ନିର୍ବାଚିତ ହୋଇଥିବା ଓସ୍ଜା ସମ୍ପାଦକ ସୁରେଶ ସ୍ୱାଇଁ ଓ ସଭାପତି ସନ୍ଦୀପ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଓସଜା ପକ୍ଷରୁ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଓସ୍‌ଜାର ବରିଷ୍ଠ ସଦସ୍ୟ ସନାତନ ପାଣି, ପୂର୍ବତନ ସଭାପତି କେ ରବି ସାମ୍ବାଦିକମାନଙ୍କୁ ଉଚ୍ଚକୋଟୀର ସମ୍ବାଦ ପରିବେଷଣ କରିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ବିଶିଷ୍ଟ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ, ଓସ୍‌ଜାର ବରିଷ୍ଠ ସଦସ୍ୟ ହିମାଂଶୁ ପତିମିଶ୍ର, ରଜନୀକାନ୍ତ ଶତ୍ରୁଶଲ୍ୟ, ବିଜୟ ରଣା, ସମୀକ୍ଷା ପଟ୍ଟନାୟକଙ୍କ ସହ ଓସ୍ଜାର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

## ୱାଇପିଏଲ୍ ସିଜନ-୨ରେ ମହିଳା ଟିମ୍

ଭୁବନେଶ୍ୱର, ୨।୭ (ସମିସ): ସ୍ଥାନୀୟ ଲୟୋଲା ସ୍କୁଲ ପରିସରରେ ଥିବା ପଠାନ କ୍ରିକେଟ୍ ଏକାଡେମୀ ଆନୁକୂଲ୍ୟରେ ୟଙ୍ଗଷ୍ଟାର୍ ପ୍ରିମିଅର ଲିଗ୍ (ୱାଇପିଏଲ୍)ର ଦ୍ୱିତୀୟ ସଂସ୍କରଣ ଆସନ୍ତା ଡିସେମ୍ବର ୨୦ରୁ ଆରମ୍ଭ ହେବ। ଦ୍ୱିତୀୟ ସଂସ୍କରଣରେ ପୁରୁଷ ବିଭାଗରେ ୮ଟି ଦଳ ସମେତ ପ୍ରଥମଥର ଲାଗି ୪ଟି ମହିଳା ଦଳଙ୍କୁ ନେଇ ଏଥର ଟୁର୍ଣ୍ଣାମେଣ୍ଟ ଖେଳାଯିବ। ନଭେମ୍ବର ୨ରେ ଖେଳାଳି ନିଲାମୀ ଥିବାବେଳେ ନାମ ପଞ୍ଜିକରଣ ପ୍ରକ୍ରିୟା ଜୁଲାଇ ୬ରୁ ଆରମ୍ଭ ହେବ। ୩ଟି ବୟସ ବର୍ଗ (୧୪, ୧୬ ଓ ୧୯ ବର୍ଷରୁ କମ୍)ରେ ଖେଳାଳିମାନେ ନାମ ପଞ୍ଜିକରଣ କରିପାରିବେ।

## ୧୨ରେ 'ମୁକୁନ୍ଦ ବରାଳ କ୍ରୀଡ଼ା ପ୍ରତିଭା ସମ୍ମାନ'

ଭୁବନେଶ୍ୱର, ୨।୭ (ସମିସ): କୁସ୍ତିଗୁରୁ ସ୍ୱର୍ଗତ ମୁକୁନ୍ଦ ବରାଳଙ୍କ ସ୍ମୃତିରେ ଜୁଲାଇ ୧୨ରେ ରାଜ୍ୟର ଉଦୀୟମାନ କ୍ରୀଡ଼ାବିତ୍ ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଚଳିତ ବର୍ଷ ଉଷୁ ଖେଳାଳି ପାୟଲ ପଟ୍ଟନାୟକ ଓ ନୂପୁର ପଟ୍ଟନାୟକ, ରୋହିତ ସାମଲ (କୁସ୍ତି), ଇପସିତା ରାଉତ (ଫୁଟ୍‌ବଲ), କଣିକା ପ୍ରଧାନ (ସୁଟିଂ) ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପୁରସ୍କାର ପାଇବେ। ସେହିଭଳି ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ଆଥ୍‌ଲେଟିକ ପାଇଁ ସମୀକ୍ଷା ସ୍ମରଣିକାଙ୍କୁ ସମ୍ମାନିତ କରାଯିବ ବୋଲି ଟ୍ରଷ୍ଟି କୈବଲ୍ୟ ବରାଳ ଓ ପିୟୁଷ ମହାନ୍ତି ସୂଚନା ଦେଇଛନ୍ତି।




## ସମ୍ବର୍ଦ୍ଧିତ କଲା ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ




ଭୁବନେଶ୍ୱର, ୨।୭ (ସମିସ): ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ଅବସରରେ ରସୁଲଗଡସ୍ଥିତ ସମେଇଗାଡିଆ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ କ୍ରୀଡ଼ାବିତ ଓ କ୍ରୀଡ଼ା ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରିଛି। ଏହି ଅବସରରେ ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସୂର୍ଯ୍ୟପ୍ରସାଦ ରଥ, ନିରଞ୍ଜନ ରେଡ୍ଡି, ଯୁବ କ୍ରୀଡ଼ାସାମ୍ବାଦିକ ଅନାଦି କରଙ୍କ ସହ କୁସୁମ ଟିଭିର ଏମ୍‌ଡି କୁସୁମମଞ୍ଜରୀ ଦାସଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି, ଲଲାଟେନ୍ଦୁ ମିଶ୍ର, ଅକ୍ଷୟ ମିଶ୍ର, ଦୀପକ ତ୍ରିପାଠୀ ଓ ଅତିଶ କୁମାର ରାଉତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏକାଡେମୀ ଅଧ୍ୟକ୍ଷା ସ୍ୱାଗତ ଭାଷଣ ଦେବା ସହ କ୍ରୀଡ଼ାବିତ ଓ କ୍ରୀଡ଼ା ସମ୍ବାଦିକଙ୍କ ଭୂମିକା ଖେଳର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ଉତ୍ସବ ଶେଷରେ ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକାଡେମୀର ସଦସ୍ୟମାନେ ଜିମ୍ନାଷ୍ଟିକ୍ ପ୍ରଦର୍ଶନ କରିଥିଲାବେଳେ ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଭାରତୀୟ ଖୋ ଖୋ ମହାସଂଘର ନିର୍ବାଚନ**

## ଓଡ଼ିଶାର ପ୍ରଦ୍ୟୁମ୍ନ ମିଶ୍ର ଉପସଭାପତି



ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ଭାରତୀୟ ଖୋ ଖୋ ମହାସଂଘ (କେକେଏଫ୍‌ଆଇ)ର ନିର୍ବାଚନ ପ୍ରକ୍ରିୟା ବୁଧବାର ଦିଲ୍ଲୀସ୍ଥିତ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଧାଂଶୁ ମିତ୍ତଲ ପୁଣିଥରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ଉପକାର ସିଂ ବିରକ ସାଧାରଣ ସମ୍ପାଦକ ପଦ ଅଳଙ୍କୃତ କରିଛନ୍ତି। ନିର୍ବାଚିତ ହୋଇଥିବା ୮ ଜଣ ଉପସଭାପତିଙ୍କ ମଧ୍ୟରେ ଓଡ଼ିଶାର ପ୍ରଦ୍ୟୁମ୍ନ ମିଶ୍ର ରହିଛନ୍ତି। ପ୍ରଦ୍ୟୁମ୍ନ ବର୍ତ୍ତମାନ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପଦ ସମ୍ଭାଳୁଛନ୍ତି। ଏଥିସହ ଯୁଗ୍ମ ସମ୍ପାଦକ ଭାବେ ୪ଜଣ ଓ ୧୩ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

# ଜାତୀୟ ଶିଶୁ ଓ ମିନି ଅସିଚାଳନା ଲାଗି ଓଡ଼ିଶା ଦଳ



ଭୁବନେଶ୍ୱର, ୨।୭ (ସମିସ): ମହାରାଷ୍ଟ୍ରର ନାସିକ୍‌ଠାରେ ଆସନ୍ତା ୫ରୁ ୭ ତାରିଖଯାଏ ହେବାକୁ ଥିବା ଜାତୀୟ ଶିଶୁ ଓ ମିନି ଅସିଚାଳନା ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ଘୋଷଣା କରାଯାଇଛି। ୧୦ ବର୍ଷରୁ କମ୍ ଶିଶୁ ଦଳରେ ପ୍ରିୟଲୋଚନା ନାଏକ, ମନୀଷ ନାଏକ, ନିଖିଳ ସାହୁ, ଓମ୍‌ଶଙ୍କର ପଟେଲ, ଅରିଜିତ୍ ପଟେଲ, ଶୋଭିତ ମୁଗ୍ରୀ, ପ୍ରଭାସ ଦୋରା ଓ ସ୍ଥିତିକା ସାହୁଙ୍କୁ ସାମିଲ କରାଯାଇଛି। ୧୨ ବର୍ଷରୁ କମ୍ ମିନି ଦଳରେ ବିଭୁତି ପଟେଲ, ରୁଦ୍ରାଂଶ ସ୍ୱାଇଁ, ସ୍ୱୟମ ପଟେଲ, ସମ୍ବିତ ପଧାନ, ସୌମ୍ୟରଞ୍ଜନ ବରର୍ଗା, ଶ୍ରୀୟା ପଟେଲ, ଇଶି ସ୍ୱାଇଁ, ଦିବ୍ୟାଂଶୁ ବାହାଲିଆ, ପ୍ରଜ୍ଞାଷା ମହାନ୍ତି, ସିପୁନ ପଟେଲଙ୍କୁ ସ୍ଥାନ ମିଳିଛି ବୋଲି ଓଡ଼ିଶା ଫେନ୍ସିଂ ଆସୋସିଏସନ ସମ୍ପାଦକ ଦେବେନ୍ଦ୍ର ସାହୁ ଓ ସାଙ୍ଗଠନିକ ସମ୍ପାଦକ ସୁମିତରଞ୍ଜନ ପୁରୋହିତଙ୍କଠାରୁ ପ୍ରକାଶ। ସୁକାନ୍ତ ସେଠ, କରିଶ୍ମା ରାଉତ, ରୋଶନ ସାହୁ, ଜ୍ୟୋତିରଞ୍ଜନ ଠାକୁରଙ୍କୁ କୋଚ୍ ଭାବେ ମନୋନୀତ କରାଯାଇଛି। ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବୁଧବାର ଅନୁଷ୍ଠିତ ଶିବିରର ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲିକା ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ୍, ବୁଦ୍ଧିରାଜ ବିଶ୍ୱାଳ, ପୁରେନ୍ଦ୍ର ସେଠ, ସଙ୍କେତ ଯୋଶି, ପୟୋସ୍ୱିନୀ ପୁରୋହିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS